ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୮/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 28/2025 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 35 | ମୂଲ୍ୟ ₹୭/-


# ଅଫ୍‌ଲାଇନରେ ପଇଠହେବ ଇ-ଚାଲାଣ

**ବାୟୁ ପ୍ରଦୂଷଣ ବୃଦ୍ଧି ସମ୍ପ୍ରତି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରିବା ସହ ଉଭୟ ଲୋକ ଓ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ଛିଡ଼ା କରାଇଛି। ପ୍ରଦୂଷଣ ରୋକିବା ଏବଂ ଦୁର୍ଘଟଣା ହ୍ରାସ ସକାଶେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏହି କ୍ରମେ ଚାଳକ ପରିବହନ ନିୟମ ଭଙ୍ଗକଲେ ଜରିମାନା ସମ୍ପର୍କିତ ଇ-ଚାଲାଣ ମୋବାଇଲକୁ ମେସେଜ୍ ମାଧ୍ୟମରେ ଆସିଥାଏ। ପରବର୍ତ୍ତୀ ସମୟରେ ସେହି ଜରିମାନା ଦେୟକୁ ଅନ୍‌ଲାଇନ ଜରିଆରେ ପଇଠ କରିବାକୁ ପଡ଼ିଥାଏ। ମାତ୍ର କେତେକ ସ୍ଥାନରେ ମୋବାଇଲ ନେଟ୍‌ୱର୍କରେ ସମସ୍ୟା ଉପୁଜୁଥିବାରୁ ଚାଲାଣ ନୋଟିସ ପାଇଥିବା ଯାନବାହନ ଚାଳକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ସମସ୍ୟା ଦୂରକରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଏଣିକି ଅଫ୍‌ଲାଇନ ମୋଡ୍‌ରେ ମଧ୍ୟ ଇ-ଚାଲାଣ ଦେୟ ଗ୍ରହଣ ଲାଗି ଶନିବାର ରାଜ୍ୟର ସବୁ ଜିଲାର ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**




**କଟକ,୨୭।୧୨(କାର୍ତ୍ତିକ ସାହୁ)**

ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ମୋଟରଯାନ ନିୟମ ଉଲ୍ଲଂଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଅଫ୍‌ଲାଇନରେ ଗ୍ରହଣ କରାଯିବ। ଏ ନେଇ ସମସ୍ତ ଆର୍‌ଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରାଯାଇଛି। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ କରୁଥିବା ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ପୂର୍ବଭଳି ଅନ୍‌ଲାଇନରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ପରିବହନ ବିଭାଗ (mParivahan) ଆପ୍ଲିକେଶନ ଏବଂ https://echallan.parivahan.gov.in/ରେ ମଧ୍ୟ ଇ-ଚାଲାଣ ପୈଠ କରିହେବ। ଲୋକମାନେ ଇ-ଚାଲାଣ ଅର୍ଥ ପୈଠ ବେଳେ କୌଣସି ଅସାଧୁ ବ୍ୟକ୍ତି କିମ୍ବା ସାଇବର ହ୍ୟାକରଙ୍କଠାରୁ ସତର୍କ ରହିବାକୁ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। କେବଳ ପରିବହନ ☞ପୃଷ୍ଠା-୪

## ଫେବୃଆରୀରୁ ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର: ମନ୍ତ୍ରୀ ଜେନା

**ଭୁବନେଶ୍ୱର,୨୭।୧୨ (ସୁନିତ୍ ମିଶ୍ର)**

ଏଣିକି ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବାକୁ ପଡ଼ିବ। ଏହି ନିୟମକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ଥିବ ସେମାନଙ୍କୁ ହିଁ ଗ୍ରୀନ୍ ଷ୍ଟିକର ଲଗାଇବାକୁ ମିଳିବ ବୋଲି ଶନିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)ର ଅବଧି ଶେଷ ହୋଇଯାଇଥିବା ଗାଡ଼ିଗୁଡ଼ିକୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କାଟିବା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା। ବାଟରେ ଗାଡ଼ିର କାଗଜପତ୍ର ଯାଞ୍ଚ ନ କରି ବିଭିନ୍ନ ଟୋଲ୍‌ଗେଟ୍‌ରେ ଲାଗିଥିବା କ୍ୟାମେରା ଜରିଆରେ ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନ ଥିଲା, ସେମାନଙ୍କର ଜରିମାନା ମନକୁ ମନ ☞ପୃଷ୍ଠା-୪






## ଅଭୟାରଣ୍ୟ ସୁରକ୍ଷା କରିବେ ମହିଳା ସ୍କ୍ୱାଡ୍

**ସମ୍ବଲପୁର,୨୭।୧୨ (ପ୍ରମୋଦ ବହିଦାର)**

**ଡେବ୍ରିଗଡ଼ରେ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ୫ ମହିଳା ନିଯୁକ୍ତ**

ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ କର୍ତ୍ତୃପକ୍ଷ ଡେବ୍ରିଗଡ ଅଭୟାରଣ୍ୟ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ପ୍ରଥମଥର ଲାଗି ୫ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ଅଞ୍ଜଳି ଟପ୍ପୋ(୨୧), ବବିତା ଭୁଏ(୧୯), ନିବେଦିତା ରାଉତ(୨୪), ଅଳିଭା କାଲୋ(୨୦) ଓ ଅଳକା ପ୍ରଧାନ(୨୧)। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁସାରେ, ସ୍କ୍ୱାଡ୍‌ରେ ନିଯୁକ୍ତ ଉକ୍ତ ୫ ଜଣଙ୍କ ମଧ୍ୟରୁ ଅଳକା ଜଣେ ଅଙ୍ଗନୱାଡ଼ି କର୍ମୀ ହୋଇଥିବା ବେଳେ ଅନ୍ୟ ☞ପୃଷ୍ଠା-୪






## ଜଳିଗଲେ ଦୋକାନୀ

**ବାପାଙ୍କୁ ପୋଡ଼ି ମାରି ଦିଆଯାଇଥିବା ପୁଅଙ୍କ ଅଭିଯୋଗ**

**ପାଟକୁରା,୨୭।୧୨ (ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ କଳାବୁଦା ବାରୁଣୀ ଦୁର୍ଗାମଣ୍ଡପ ସଂଲଗ୍ନ ପରିବା ଦୋକାନରେ ଶୁକ୍ରବାର ରାତି ପ୍ରାୟ ୩ଟାରେ ଅଗ୍ନିକାଣ୍ଡ ଘଟି ସେଠାରେ ଶୋଇଥିବା ଦୋକାନୀ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ଚନ୍ଦ୍ର ମଲ୍ଲିକ (୪୮)ଜଳି ଯାଇଛନ୍ତି। ଦୋକାନରେ ଥିବା ସମସ୍ତ ପରିବା, ଡ୍ରେସ୍ ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ସୁବାସଙ୍କୁ କେହି ଦୁର୍ବୃତ୍ତ କବାଟ ବାହାରୁ ବନ୍ଦକରି ନିଆଁ ଲଗାଇ ଜାଳି ଦେଇଥିବା ତାଙ୍କ ପୁଅ ଓଁ ପ୍ରକାଶ ମଲ୍ଲିକ କୋଦାନଗରୀ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୪

## ପହିଲାରୁ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୨୭।୧୨ (ଅନୁରାଧା ମହାରଣା)**

ରାଜ୍ୟରେ ପ୍ରବଳ ଶୀତ ସହ କୁହୁଡ଼ି ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ତେବେ ଜାନୁଆରୀ ପହିଲାରୁ ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ଦିନ ତାପମାତ୍ରା ୨୩.୮ ଡିଗ୍ରୀ(ଚାନ୍ଦବାଲି ଓ କଟକ)ରୁ ୨୯.୪ ଡିଗ୍ରୀ ସେଲସିୟସ୍(ପାରଳାଖେମୁଣ୍ଡି) ମଧ୍ୟରେ ରହିଥିଲା। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଉଦ୍ଦେଶ୍ୟ ଓ ଉଦାସୀନତା





# ଝରକା ତଳକୁ ଫିଙ୍ଗିଦେଲେ ଟଙ୍କା, ଅଳଙ୍କାର ବ୍ୟାଗ୍

ପୂର୍ତ୍ତ ବିଭାଗ ଅଧୀନ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କ ଘର ସମେତ ୧୯ ସ୍ଥାନରେ



ଭିଜିଲାନ୍ସ ଜୁଲାଇ ୨୯ରେ ଚଢ଼ାଉ କରିଥିଲା। ପ୍ରକୃତ ଆୟ ଠାରୁ ସେ ୩୧୭ ପ୍ରତିଶତ ଅଧିକ ସମ୍ପତ୍ତି ରଖିଥିଲେ। ସମ୍ପତ୍ତି ଲିଙ୍କ୍‌ରେ ଖୋଳାତାଡ଼ ବେଳେ ସହକର୍ମୀ ଏଇ ଅଶୋକ କୁମାର ପଣ୍ଡା ଫସିଥିଲେ। ରାଜକିଶୋର ଓ ଅଶୋକ ମିଳିତ ମାଲିକାନାରେ ସମ୍ପତ୍ତି କ୍ରୟ ସହ ଟଙ୍କା କାରବାର କରିଥିଲେ। ଭିଜିଲାନ୍ସ ଭୟରେ ଅଶୋକ ଘରର ତାଲା ମାରି ଭିତରେ ରହିଥିଲେ। ଏପରିକି ଝରକା ବାଟେ ନଗଦ ଲକ୍ଷେ ଟଙ୍କା ଓ ଅଳଙ୍କାର ଭର୍ତ୍ତି ଫିଙ୍ଗିଦେଇଥିଲେ।



# ଏସ୍‌ଟିଏ ଯୁଗ୍ମ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ଘରେ ଥିଲା ବିଡ଼ା ବିଡ଼ା ଟଙ୍କା, ବିଭିନ୍ନ ଆକର୍ଷଣୀୟ ସୁନା ଅଳଙ୍କାର ସହ ସୁନା ବିସ୍କୁଟ୍। ବିଭିନ୍ନ ସ୍ଥାନରେ କିଣିଥିଲେ ମାଳମାଳ ପ୍ଲଟ୍। କେବଳ ଏତିକି ନୁହେଁ, ଅବସର ସମୟ କାଟିବାକୁ କରିଥିଲେ ଫାର୍ମହାଉସ। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ବିଭିନ୍ନ ସ୍ଥାନରେ ମାର୍ଚ୍ଚ ୬ରେ ଭିଜିଲାନ୍ସର ବଡ଼ଧରଣର ଚଢ଼ାଉ ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଘରୁ ୧୫ ଲକ୍ଷ ନଗଦ ଟଙ୍କା ସମେତ କେଜିଏ ସୁନା ମିଳିଥିଲା। ଏଥିସହ ୧୧ ପ୍ଲଟ୍, ଫାର୍ମହାଉସ ଓ ଏକାଧିକ ଫ୍ଲାଟ୍ ଠାବ ହୋଇଥିଲା। ମାର୍ଚ୍ଚ ୭ରେ ତାଙ୍କୁ ଗିରଫ କରାଯାଇଥିଲା।



ଚିନ୍ତନ ରଘୁବଂଶୀ



ଦୟାନିଧି ବାଗ

## ୨୦ ଲକ୍ଷ ଲାଞ୍ଚ, ଇଡି ଡେପୁଟି ଡାଇରେକ୍ଟରଙ୍କୁ ଧରିଲା ସିବିଆଇ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ଲାଞ୍ଚ ନେବାବେଳେ ମେ' ୨୯ରେ ଧରାପଡ଼ିଥିଲେ। ଢେଙ୍କାନାଳର ଜଣେ କ୍ରଶର ବ୍ୟବସାୟୀଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ତାଙ୍କୁ ଗିରଫ କରିଥିଲା। ଖଣି କାରବାର ସମ୍ପର୍କିତ ମାମଲାର ରଫାଦଫା ପାଇଁ ଟଙ୍କା ଆଦାୟ ଲାଗି ରଘୁବଂଶୀ କରିଥିବା ଯୋଜନା ଫେଲ୍ ମାରିଥିଲା।

## ବାବୁଙ୍କ ୧୨୫ ଏକର ଜମି

ରାୟଗଡ଼ା ଜଳ ବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ (ପିଡି) ତଥା ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍ ଜୁନ ୩୦ରେ ଭିଜିଲାନ୍ସ ଜାଲରେ ଫସିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୟାନିଧିଙ୍କ ଘର ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଦୟାନିଧିଙ୍କ ବିଭିନ୍ନ ସ୍ଥାନରେ ମୋଟ ୧୨୫ ଏକର ଜମି, ନବରଙ୍ଗପୁରରେ ଦୁଇ ଫାର୍ମହାଉସ, ୨ କୋଠା, ଗୋଟିଏ ଫ୍ଲାଟ, ୫୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଆଦି ଠାବ ହୋଇଥିଲା।





୨୦୨୫ ବର୍ଷରେ ଦୁର୍ନୀତି ଜାଲରେ ଛନ୍ଦି ହୋଇଛନ୍ତି ଅନେକ ବଡ଼ ଅଧିକାରୀ। ଦୁର୍ନୀତିକୁ କୌଣସି ପ୍ରକାରେ ଗ୍ରହଣ କରିହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଥିବାବେଳେ ଦୁର୍ନୀତିଖୋର ମନୋବୃତ୍ତିକୁ ବହୁ ଅଧିକାରୀ ଛାଡ଼ି ପାରିନାହାନ୍ତି। ବିଭିନ୍ନ ଉପାୟରେ ଲାଞ୍ଚ ଏବଂ ଠକେଇ କରି ଅମାପ ସମ୍ପତ୍ତିର ଅଧିକାରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଇଏଏସ୍ ଅଧିକାରୀ, ଓଏଏସ୍ ଟପ୍ପର, ବନବିଭାଗ ଅଧିକାରୀ, ଯନ୍ତ୍ରୀ ରହିଛନ୍ତି। ଭିଜିଲାନ୍ସ ଏବଂ ସିବିଆଇ ଦ୍ୱାରା ଗିରଫ ହେବା ପରେ ଜେଲ ଏବେ ସେମାନଙ୍କ ନୂଆ ଠିକଣା ପାଲଟିଛି।



ଅଶ୍ୱିନୀ କୁମାର ପଣ୍ଡା

## ଲାଞ୍ଚ ନେଇ ଓଏଏସ୍ ଟପ୍ପର ଗିରଫ

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୧୯ରେ ଟପ୍ପର ତଥା ସମ୍ବଲପୁର ଜିଲା ବାମରା ତହସିଲଦାର ଦାୟିତ୍ୱରେ ଥିବା ଅଶ୍ୱିନୀ କୁମାର ପଣ୍ଡା ସେପ୍ଟେମ୍ବର ୧୨ ତାରିଖରେ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଫସିଥିଲେ। ଚାଷ ଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଅଭିଯୋଗକାରୀଙ୍କଠାରୁ ଅଶ୍ୱିନୀଙ୍କ ପାଇଁ ଲାଞ୍ଚ ନେଉଥିବାବେଳେ ଅଫିସ ଡ୍ରାଇଭର ପି. ପ୍ରବୀନ କୁମାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଥିଲା।



ଧୀମାନ ଚକ୍ମା

## ବନ୍ଧା ହେଲେ ଆଇଏଏସ୍ ଅଧିକାରୀ

ଆଇଏଏସ୍ ଟ୍ରେନିଂ ପରେ ପ୍ରଥମ ନିଯୁକ୍ତିରେ ଭିଜିଲାନ୍ସ ଜାଲରେ ଫସିଯାଇଥିଲେ କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକ୍ମା (ଆଇଏଏସ୍-୨୦୨୧ ବ୍ୟାଚ୍)। ଜୁନ ୮ରେ ଜଣେ କ୍ରଶର ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଏପରିକି ଭିଜିଲାନ୍ସ ଟିମ୍ ଧର୍ମଗଡ଼ସ୍ଥିତ ଉପଜିଲାପାଳ ଧୀମାନଙ୍କ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ମଧ୍ୟ ଜବତ କରିଥିଲା।

## ସାଙ୍ଗଙ୍କ ଆକାଉଣ୍ଟରେ କଳାଟଙ୍କା ରଖୁଥିଲେ ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ

ଟଙ୍କା ସହ ଭିଜିଲାନ୍ସ ହାତରେ ଧରାପଡ଼ି ରାୟଗଡ଼ା ଜନସ୍ୱାସ୍ଥ୍ୟ (ପିଏଚ୍) ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ସହଦେବ କିଷାନଙ୍କ ଦୁର୍ନୀତି ଗୁମର ଖୋଲିଥିଲା। ମେ' ୨୮ରେ କିଷାନ ଜଣେ ଠିକାଦାରଙ୍କଠାରୁ ୧.୫୦ ଲକ୍ଷ ଟଙ୍କା ନେଇ ଅଫିସରୁ ସରକାରୀ ବାସଭବନ ଅଭିମୁଖେ ଏକ ସ୍କର୍ପିଓରେ ଯିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ମାତ୍ର ୯ବର୍ଷର ଚାକିରି କାଳରେ କିଷାନ ବେଆଇନ ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବିପୁଳ ସମ୍ପତ୍ତି ଅର୍ଜିଥିଲେ। ଏପରିକି ସେ ସାଙ୍ଗଙ୍କ ନାଁରେ ଶେୟାର ମାର୍କେଟ୍‌ରେ ଲକ୍ଷାଧିକ କଳା ଟଙ୍କା ନିବେଶ କରିଥିଲେ।

## ପୂର୍ବତନ ଝାରସୁଗୁଡ଼ା ଉପଜିଲାପାଳଙ୍କ ୩.୧୦ କୋଟି ସମ୍ପତ୍ତି ବାଜ୍ୟାପ୍ତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଝାରସୁଗୁଡା ଉପ ଜିଲାପାଳ ପ୍ରଦୀପ କୁମାର ବାରିକଙ୍କ ୩ କୋଟି ୧୦ ଲକ୍ଷ ୮୨ ହଜାର ୮୧୫ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପ୍ରାଧିକୃତ ଅଧିକାରୀ ଫେବୃଆରୀ ୧୨ରେ ନିର୍ଦ୍ଦେଶ ଦେଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୧୨ ନଭେମ୍ବର ୫ରେ ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ଝାରସୁଗୁଡାସ୍ଥିତ ଅଫିସ ଚାମ୍ବର, ଘର ଆଦିରେ ଏକକାଳୀନ ଚଢ଼ଉ ହୋଇଥିଲା। ଯାଞ୍ଚରୁ ତାଙ୍କର କୋଠା, ପ୍ଲଟ୍, ୪ଟି ଦାମୀ କାର୍, ସୁନା ଓ ରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଥିଲା।

## ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ୨ବର୍ଷ ଜେଲ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର (ଅବସରପ୍ରାପ୍ତ) ରଘୁନାଥ ମଲ୍ଲିକ ୨୧ ବର୍ଷ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଅକ୍ଟୋବର ୨୯ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ରଘୁନାଥଙ୍କୁ ୨ ବର୍ଷ ଜେଲଦଣ୍ଡ ଓ ଲକ୍ଷେ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୦୩ ଜୁଲାଇ ୩ ଓ ୪ ତାରିଖରେ ରଘୁନାଥଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ବହୁ ସମ୍ପତ୍ତି ଠାବ କରିଥିଲା।

## ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଘରୁ ୨ କୋଟି





ମାଲକାନଗିରି ଜିଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଫେବୃଆରୀ ୫ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢାଉବେଳେ ଶାନ୍ତନୁଙ୍କ ଘର ଓ ସହକର୍ମୀଙ୍କ ଘରୁ ୨ କୋଟି ୬ ଲକ୍ଷ ୯୨ ହଜାର ୮୫୦ ଟଙ୍କା ସମେତ ଅନ୍ୟାନ୍ୟ ସମ୍ପତ୍ତି ମିଳିଥିଲା। ଠାବ ହୋଇଥିବା ୨.୦୬ କୋଟି ଟଙ୍କାରୁ ଶାନ୍ତନୁଙ୍କ ୧.୯୮ କୋଟି ଥିଲା। ତେବେ ସରକାରୀ ଅର୍ଥ ହଡ଼ପ ସହ ଲାଞ୍ଚ ଟଙ୍କା ନେଇ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସହଯୋଗ କରିଥିବାରୁ ଶାନ୍ତନୁ ଓ ଅନ୍ୟ ୪ ସହଯୋଗୀଙ୍କୁ ଭିଜିଲାନ୍ସ ଗିରଫ କରିଥିଲା।

## ଅବସରର ଦିନକ ପୂର୍ବରୁ ଚଢ଼ାଉ

ଜୁନ୍ ୩୦ ତାରିଖ ଥିଲା ଚାକିରି କାଳର ଶେଷ ଦିନ। ଅବସର ନେବାକୁ ପ୍ରସ୍ତୁତ ହେଉଥିବାବେଳେ ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡା ଭିଜିଲାନ୍ସ ଜାଲରେ ଫସିଯାଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଶୀଲଙ୍କ ଘର ସମେତ ୭ଟି ସ୍ଥାନରେ ଜୁନ ୨୮ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁରରେ ୬ ଉଚ୍ଚମୂଲ୍ୟ ପ୍ଲଟ୍, ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ଘରୁ ନଗଦ ୨.୦୫ ଲକ୍ଷ ଟଙ୍କା ଆଦି ସମ୍ପତ୍ତି ଠାବ ହୋଇଥିଲା।







ନିତ୍ୟାନନ୍ଦ ନାୟକ

## ଜଙ୍ଗଲୀ ବାବୁଙ୍କ ୧୧୫ ପ୍ଲଟ୍

ଜଙ୍ଗଲୀ ବାବୁଙ୍କ ଜମି କିଣା ସଉକ। ଦୁର୍ନୀତି ଟଙ୍କାରେ ସ୍ତ୍ରୀ, ପୁଅ, ଝିଅ ଓ ନିଜ ନାଁରେ କିଣିଥିଲେ ମାଳମାଳ ପ୍ଲଟ। ବହୁ ମୂଲ୍ୟବାନ୍ କାଠରେ ଚୌକିଠୁ ଟେବୁଲ, ଆଲ୍‌ମିରା, କବାଟ, ପଲଙ୍କ, ଖୁଣ୍ଟ ଆଦି ଆକର୍ଷଣୀୟ ଉପକରଣ ପ୍ରସ୍ତୁତ କରିଥିଲେ। କେବଳ ଏତିକି ନୁହେଁ ଘର ଭିତରେ ବେଆଇନ ଭାବେ ରଖିଥିଲେ ବନ୍ଧୁକଠୁ ଆରମ୍ଭ କରି ତୀର, ଟାଙ୍ଗିଆ, ଖଣ୍ଡା ଆଦି ବହୁ ମାରଣାସ୍ତ୍ର। କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକ ଭିଜିଲାନ୍ସ ଜାଲରେ ଜୁଲାଇ ୨୦ରେ ଫସିବା ପରେ ତାଙ୍କ କଳା କାରନାମା ପଦାକୁ ଆସିଥିଲା। ତାଙ୍କ ନିକଟରୁ ବହୁ ସମ୍ପତ୍ତି ସମେତ ୧୧୫ ପ୍ଲଟ୍ ଠାବ ହୋଇଥିଲା।

## ସିବିଆଇ ଜାଲରେ ଇପିଏଫ୍‌ଓ ପିଆର୍‌ଓ

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍‌ଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ବ୍ରହ୍ମପୁର ଇପିଏଫ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟର ପିଆର୍‌ଓ ଅନିଲ ରଥଙ୍କୁ ଜୁନ ୧୨ରେ ସିବିଆଇ ଗିରଫ କରିଥିଲା। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜଣକ ଦୁଇ କମ୍ପାନୀ ପକ୍ଷରୁ ଡିଜିଟାଲ ଦସ୍ତଖତ ଅନୁମୋଦନ ପାଇଁ ଆବେଦନ କରିଥିଲେ। ହେଲେ ଇପିଏଫ୍‌ଓ ଅଫିସ ପକ୍ଷରୁ ବିଭିନ୍ନ ତ୍ରୁଟି ଦର୍ଶାଯାଇ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଦିଆଯାଉଥିଲା। ପରେ କମ୍ପାନୀ ପିଛା ୫ ହଜାରେ ଟଙ୍କା ଦେଲେ କାମ ହୋଇଯିବ ବୋଲି ଅନିଲ୍ କହିଥିଲେ।

## ଲାଞ୍ଚ ନେବା ବେଳେ ଏମ୍‌ସିଏଲ୍ ଅଧିକାରୀଙ୍କୁ ମାଡ଼ିବସିଲା ସିବିଆଇ

୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ସୁନ୍ଦରଗଡ ଜିଲା ବସୁନ୍ଧରା ଏରିଆ ଜେନେରାଲ ମ୍ୟାନେଜର (ଜିଏମ୍) ଅଖିଳେଶ କୁମାର ବର୍ମାଙ୍କୁ ଜୁଲ ୧୦ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଥିଲା। ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଖିଳେଶଙ୍କୁ ବିଭାଗୀୟ ହାଜତକୁ ଯାଇଥିଲେ। ଘର ଅଧିଗ୍ରହଣ ପାଇଁ ଏମ୍‌ସିଏଲ୍ ତରଫରୁ ଫଣ୍ଡ ରିଲିଜ୍ ଲାଗି ଲାଞ୍ଚ ମାଗି ଫସିଥିଲେ।

## ଡେପୁଟି ରେଞ୍ଜରଙ୍କ ଘରୁ ମିଳିଲା ଦେଢ଼ କେଜି ସୁନା

ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗ କରି ଅମାପ ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ ଥିଲେ ବନ ଅଧିକାରୀ। ଘରେ ଗଚ୍ଛିତ ରଖିଥିଲେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା। ସିକ୍ରେଟ୍ ଚାମ୍ବରରେ ଲୁଚାଇଥିଲେ ଦେଢ଼ କୋଟି ଟଙ୍କା। କିଛିମାସରେ ଅବସର ନେବା ପୂର୍ବରୁ ଭିଜିଲାନ୍ସ ଜାଲରେ ଜୁଲାଇ ୨୫ରେ ଫସିଯାଇଥିଲେ ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍। ଠାବ ହୋଇଥିବା ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟ ଠାରୁ ୫୦୧ପ୍ରତିଶତ ଅଧିକ ଥିବା ବେଳେ ଗିରଫ ହୋଇ ଜେଲ ଯାଇଥିଲେ।



## ୮୦ ଲକ୍ଷର ବନୀକରଣ ଦୁର୍ନୀତି
# ୫ ବନ ଅଧିକାରୀ ଗିରଫ

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ବନାଞ୍ଚଳରେ ବନୀକରଣ ନାଁରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗର ଅଫିସରମାନେ ଏହି ଦୁର୍ନୀତି କରିଥିଲେ। କମ୍ପେନ୍‌ସେଟୋରି ଆଫୋରଷ୍ଟେଶନ ସ୍କିମ୍ (କାମ୍ପା) ଜରିଆରେ ଗଛ ଲଗାଇବା ନାଁରେ ୮୦ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ମେ' ୧୩ରେ ଜୟପାଟଣା ବନାଞ୍ଚଳ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗଙ୍କ ସମେତ ୫ ଅଧିକାରୀଙ୍କୁ ଗିରଫ କରିଥିଲା।




# 'ଶିଶୁଙ୍କ ଜିଜ୍ଞାସୁ ମନୋଭାବକୁ ଗୁରୁତ୍ୱ ଦିଆଯିବା ଉଚିତ'

## ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ

**କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ଛାତ୍ରୀଛାତ୍ର ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ବର୍ତ୍ତମାନର ଛାତ୍ରୀଛାତ୍ର ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭାବନ କରି ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବା ଦରକାର। ତେଣୁ ଶିଶୁଙ୍କ ଜିଜ୍ଞାସୁ ମନୋଭାବକୁ ସର୍ବଦା ଗୁରୁତ୍ୱ ଦେବା ଉଚିତ। ଶନିବାର କେନ୍ଦୁଝର ଟାଉନ ଡିଏନ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଭାରତରେ ରହିଛି ଜ୍ଞାନର ଏକ ସଂସ୍କୃତି। ସେଥିରେ ଆତ୍ମା ଓ ପରମାତ୍ମା ଭଳି ଦାର୍ଶନିକ ତତ୍ତ୍ୱର ଗବେଷଣା ଓ ଚର୍ଚ୍ଚା କରାଯାଉଛି। ସାମାଜିକ ପ୍ରଗତି ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରୟୋଗଭିତ୍ତିକ ବିଜ୍ଞାନ ବା ଟେକ୍ନୋଲୋଜିର ବିକାଶରେ ମଧ୍ୟ ଉଦ୍ୟମ କରାଯାଇଛି। ଆଜିକାଲି ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ବହୁ ପ୍ରକାର ସାଧନ ଅଛି। ପାଠ୍ୟପୁସ୍ତକ ବ୍ୟତୀତ ଡିଜିଟାଲ ଲାଇବ୍ରେରି ଏବଂ ବିଭିନ୍ନ ଅନ୍‌ଲାଇନ ମାଧ୍ୟମରେ ଅନେକ ନୂଆ ତଥ୍ୟ ଓ ଜ୍ଞାନ ଉପଲବ୍ଧ ଅଛି। ଏହାକୁ ଉପଯୋଗ କରି ଛାତ୍ରୀଛାତ୍ରମାନେ ଅଧିକ ଗବେଷଣା କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ଆଜିକାର ଛାତ୍ରୀଛାତ୍ର ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଓଡ଼ିଶାରେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରାଯାଇଛି। ଏଥିରେ ବିଶେଷକରି ସ୍କୁଲ ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାଥମିକ ସ୍ତରରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କାରେ ୨୨ ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିକୁ ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଜିଲାପାଳ ବିଶାଳ ସିଂହ ଓ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ, ୧୮ ଆହତ

■ ମା' ସମଲେଶ୍ୱରୀ ଦର୍ଶନ ପାଇଁ ଆସୁଥିଲେ

■ ୨ ଭୁବନେଶ୍ୱର ସ୍ଥାନାନ୍ତର

**ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧୁଙ୍ଖୁରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ(୫୫)ର କଂସର ନିକଟ ଏକ ନାଳ ଉପରେ ଶନିବାର ସକାଳେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଟୁରିଷ୍ଟ ବସ୍ ରାସ୍ତାପାର୍ଶ୍ୱସ୍ଥ ଗାର୍ଡୱାଲରେ ପିଟି ହୋଇଯିବା ଫଳରେ ଡ୍ରାଇଭରଙ୍କ ସମେତ ୧୮ଜଣ ଗୁରୁତର ଆହତ ହୋଇଛନ୍ତି। ଧୁଙ୍ଖୁରା ଥାନା ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଧୁଙ୍ଖୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା।

ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ୨ଜଣଙ୍କୁ ଭିମ୍‌ସାରରୁ ଭୁବନେଶ୍ୱରର ଏକ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତରିତ କରାଯାଇଛି। ଆହତଙ୍କ ମଧ୍ୟରେ ୩ରୁ ୧୭ ବର୍ଷ ମଧ୍ୟରେ ୭ ଜଣ ଥିବା ବେଳେ ଜଣେ ୭୫ ବର୍ଷୀୟା ବୃଦ୍ଧା ମଧ୍ୟ ରହିଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ସମସ୍ତେ ପୁରୀ, ଖୋର୍ଦ୍ଧା ଓ ଯାଜପୁରର ବାସିନ୍ଦା ହୋଇଥିବା ବେଳେ ପରସ୍ପର ସମ୍ପର୍କୀୟ ବୋଲି କୁହାଯାଇଛି। ଏ ନେଇ ଧୁଙ୍ଖୁରା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି। ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ୧୭ ଜଣ ପର୍ଯ୍ୟଟକଙ୍କୁ ନେଇ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ବସ୍(ନଂ.ଓଡି-୦୨-ସିଏଲ୍-୦୮୫୦) ସମ୍ବଲପୁର ଅଭିମୁଖେ ବାହାରିଥିଲା। ମାତ୍ର ସମ୍ବଲପୁର ପହଞ୍ଚିବା ପୂର୍ବରୁ ଶନିବାର ଭୋର ପ୍ରାୟ ୫ଟାରେ କଂସର ନିକଟରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



ଦୁର୍ଘଟଣା ପରେ ବସ୍‌ଟି ଜାତୀୟ ରାଜପଥର ପୋଲ ପାର୍ଶ୍ୱସ୍ଥ ଗାର୍ଡ଼ୱାଲରେ ଝୁଲି ରହିଛି।

### ଜିରୋ ନାଇଟ୍ : ସାବଧାନ ପୋଲିସ ଜଗିଛି




# ମୁହାଁମୁହିଁ ଧକ୍କାରେ ୨ ଟ୍ରକ୍ ଚୂରମାର, ୨ ଚାଳକ ମୃତ

**ବଣାଇଁ,୨୭।୧୨(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୂନା ଘାଟି କୁନ୍ଦୁରୁବୁରୁ ନିକଟରେ ଶନିବାର ପ୍ରତ୍ୟୁଷରେ ଦୁର୍ଘଟଣା ଘଟିଛି। ମୁହାଁମୁହିଁ ଧକ୍କାରେ ୨ଟ୍ରକ୍ ଚୂରମାର ହେବା ସହ ୨ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ୨ ଚାଳକଙ୍କ ନାମ ଜଣାପଡ଼ି ନ ଥିବାବେଳେ ଜଣେ କେନ୍ଦୁଝର ଜିଲା ବଡବିଲ ଅଞ୍ଚଳର ଓ ଅନ୍ୟ ଜଣେ ଉତ୍ତର ପ୍ରଦେଶର। ଲୌହପଥର ବୋଝେଇ ଟ୍ରକ ଚୂନାଘାଟିରେ ଓହ୍ଲାଉଥିବା ସମୟରେ ବ୍ରେକ ଫେଲ୍ ହେବାରୁ ଭାରସାମ୍ୟ ହରାଇ ଟ୍ରକ ୪ଥାକିଆ ରାସ୍ତା ଡିଭାଇଡରକୁ ଡେଇଁ ଅପରପାର୍ଶ୍ୱକୁ ଚାଲିଯାଇଥିଲା। ଅପରପାର୍ଶ୍ୱରେ କୋଇଡ଼ା ପଟକୁ ଯାଉଥିବା କୋଇଲା ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା। ଉଭୟ ଟ୍ରକ୍‌ର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୋଲିସ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ପରେ ମୃତଦେହ ବାହାର କରିଥିଲେ।

# ଓଏମ୍‌ଏସ୍‌ଏ ଦାବିର ବିଚାର କରିବ ଅନ୍ତର୍ବିଭାଗୀୟ କମିଟି

■ ସାଧାରଣ ପ୍ରଶାସନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ

■ ଦାବିଗୁଡ଼ିକୁ ବିଚାରକରି ରିପୋର୍ଟ ଦେବ କମିଟି

**ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)**

ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ (ଓଏମ୍‌ଏସ୍‌ଏ) ଦାବିଗୁଡ଼ିକ ପୂରଣକରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଚଳିତ ସପ୍ତାହରେ ଓଏମ୍‌ଏସ୍‌ଏ ପକ୍ଷରୁ ଧାରଣାରେ ବସିଥିବା ସଦସ୍ୟମାନଙ୍କ ସହ ବୈଠକ କରିଥିଲେ। ସେଠାରେ ସେମାନଙ୍କ ଦାବିଗୁଡ଼ିକ ଉପରେ ବିଚାରକରିବା ଲାଗି କମିଟି ଗଠନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହି କ୍ରମରେ ରାଜ୍ୟର ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଓ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ ଦ୍ୱାରା କରାଯାଇଥିବା ବିଭିନ୍ନ ଦାବିର ଅନୁଧ୍ୟାନ ନିମନ୍ତେ ଏକ ଅନ୍ତର୍ବିଭାଗୀୟ କମିଟି ଶନିବାର ଗଠନ କରାଯାଇଛି। ଏହି କମିଟି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି। କମିଟିର ସଦସ୍ୟ ଭାବେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଏବଂ ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଅଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ କମିଟିରେ ସଦସ୍ୟ-ସଂଯୋଜକ ଭାବେ କାର୍ଯ୍ୟ କରିବେ। ଏହି କମିଟି ଓଏମ୍‌ଏସ୍‌ଏର ବିଭିନ୍ନ ଦାବି ଉପରେ ଆଲୋଚନାକରି ସେଗୁଡ଼ିକର ବିଭିନ୍ନ ଦିଗକୁ ବିଚାରକରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ରାଜ୍ୟ ସରକାର ଚିକିତ୍ସକମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ସଦା ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ୧୦ମ ଶ୍ରେଣୀ ଇତିହାସ, ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ

**ଭଦ୍ରକ,୨୭।୧୨(ସନାତନ ରାଉତ)**

୨୦୧୩ ମସିହାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ୧୦ମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ ଦିଆଯାଇଛି। ପୃଷ୍ଠା ସଂଖ୍ୟା-୩୧ର ପାରା-୩ ଓ ପାରା-୫ରେ ଭାରତ ଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ଅବିଭକ୍ତ ବାଲେଶ୍ୱର ଜିଲା ତଥା ବର୍ତ୍ତମାନର ଭଦ୍ରକ ଜିଲାର ଶହୀଦନଗର ଓ ଇରମରେ ଶହୀଦ ହୋଇଥିବା ଶହୀଦମାନଙ୍କ ସଂଖ୍ୟା, ଗୁଳିକାଣ୍ଡର ସ୍ଥାନ, ତାରିଖ ସମ୍ପର୍କରେ ସମ୍ପୂର୍ଣ୍ଣ ଭୁଲ୍ ଲେଖା ହୋଇଛି। ଭାରତର ଛାତ୍ର ଫେଡେରେଶନ (ଏସ୍‌ଏଫ୍‌ଆଇ)ର ପୂର୍ବତନ ରାଜ୍ୟ ସଭାପତି ତଥା ସିପିଏମ୍ ଭଦ୍ରକ ଜିଲା କମିଟି ସଭ୍ୟ ବିକାଶ ନାଥ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏହି ଭୁଲ୍ ତଥ୍ୟକୁ ଖୁବ୍‌ଶୀଘ୍ର ପରିବର୍ତ୍ତନ କରି ଠିକ୍ ତଥ୍ୟ ପ୍ରକାଶିତ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ଗଣଶିକ୍ଷା ବିଭାଗକୁ ଗଣମାଧ୍ୟମ ଜରିଆରେ ସେ ଶନିବାର ନିବେଦନ କରିଛନ୍ତି।

୧୯୪୨ ସେପ୍ଟେମ୍ବର ୨୨ରେ ଅବିଭକ୍ତ ବାଲେଶ୍ୱର ଜିଲା ତଥା ବର୍ତ୍ତମାନ ଭଦ୍ରକ ଜିଲାର ଲୁଣିଆ ଗାଁ ସଂଲଗ୍ନ ଚାନ୍ଦିଆପୋଖିଠାରେ ବ୍ରିଟିଶ ଗୁଳିରେ ୯ଜଣ ଆନ୍ଦୋଳନକାରୀ ଶହୀଦ ହୋଇଥିଲେ। କିନ୍ତୁ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତିବିଜ୍ଞାନ ବହିରେ ୧୯୪୨ ସେପ୍ଟେମ୍ବର ୨୧ରେ ଶ୍ରୀଜଙ୍ଗ ଗାଁରେ ୧୦ ବା ୧୧ଜଣ ବ୍ୟକ୍ତି ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ ବୋଲି ଭୁଲ୍ ତଥ୍ୟ ପ୍ରକାଶିତ ହୋଇଛି। ଗୁଳିକାଣ୍ଡର ସ୍ଥାନ, ତାରିଖ ଓ ଶହୀଦଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଭୁଲ୍ ଥିବାରୁ ଏହା ଭଦ୍ରକ ଜିଲାବାସୀ ଓ ଶହୀଦମାନଙ୍କ ସ୍ମୃତି ପ୍ରତି ଉପହାସ ବୋଲି ବିକାଶ କହିଛନ୍ତି। ସେହିଭଳି ୧୯୪୨ ସେପ୍ଟେମ୍ବର ୨୮ରେ ବିଦେଇପୁରରୁ ଇରମ ୧୯ ବର୍ଗ ମାଇଲ ସ୍ୱାଧୀନ ବାଞ୍ଛାନିଧି ଚକଡ଼ାରେ ଧାନ ଫସଲ ଓ ସାମୁଦ୍ରିକ ଲୁଣର କର ନ ଦେବା ପାଇଁ ସାଧାରଣ ଜନତା ଏକତ୍ରିତ ହୋଇ ଇରମ ମେଳନ ପଡ଼ିଆରେ ବୈଠକ କରୁଥିବା ବେଳେ ବାସୁଦେବପୁରର ପାଢ଼ୀ ଜମିଦାରର ଖବରକ୍ରମେ ତତ୍କାଳୀନ ପୋଲିସ ଅଫିସର କୁଞ୍ଜବିହାରୀଙ୍କ ସମେତ ବ୍ରିଟିଶ ପୋଲିସ ସେଠାରେ ପହଞ୍ଚି ଅତି ନିଷ୍ଠୁର ଭାବେ ଗୁଳି ଚାଳନା କରିଥିଲେ। ଏହି ରକ୍ତତୀର୍ଥ ଇରମରେ ମହିଳା ଶହୀଦ ପରୀ ବେୱାଙ୍କ ସମେତ ମୋଟ ୨୯ଜଣ ଶହୀଦ ହୋଇଥିଲେ। ଭାରତର ପୁରାତନ ରାଜଧାନୀ କୋଲକାତାଠାରେ ପ୍ରତିଷ୍ଠିତ ନ୍ୟାଶନାଲ ଲାଇବ୍ରେରିରେ ଏହି ଉଭୟ ଗୁଳିକାଣ୍ଡ ସମ୍ପର୍କରେ ବ୍ରିଟିଶ ସରକାରଙ୍କ ତଥ୍ୟକୁ ଭାରତ ସରକାର ସାଇତି ରଖିଛନ୍ତି। କିନ୍ତୁ ଭୁଲ୍ ଭାବେ ଏହି ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଇରମରେ ୨୮ଜଣ ଶହୀଦ ହୋଇଛନ୍ତି ବୋଲି ପ୍ରକାଶିତ ହୋଇଛି। ଦୀର୍ଘ ୧୨ ବର୍ଷ ଧରି ଏହି ଭୁଲ୍ ତଥ୍ୟକୁ ଛାତ୍ରୀଛାତ୍ରଙ୍କୁ ପଢ଼ାଯାଉଛି। ଇତିହାସ ଶିକ୍ଷୟିତ୍ରୀ ଶିକ୍ଷକମାନେ କାହିଁକି ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଏହି ବିଷୟ ଆଣିନାହାନ୍ତି ବୋଲି ବିକାଶ ପ୍ରଶ୍ନ ଉଠାଇଛନ୍ତି। ଏହି ତ୍ରୁଟିକୁ ୨୦୨୬ ଫେବୃଆରୀରେ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ପୂର୍ବରୁ ସଂଶୋଧନ କରା ନ ଗଲେ ଭଦ୍ରକ ଜିଲାରୁ ଛାତ୍ର ଆନ୍ଦୋଳନ ଆରମ୍ଭ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।



ଭୁଲ୍ ତଥ୍ୟ ଲେଖାଯାଇଥିବା ବହିର ୩୧ ପୃଷ୍ଠା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ନେହୀ ସମାଜ ପକ୍ଷରୁ ୫୬ତମ ସାଧାରଣ ଅଧିବେଶନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ ୨୦୨୫, ସ୍ଥାନ: ଇଡକୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ଆଲୋଚନାଚକ୍ର, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାର ସଭାଗୃହ, ସମୟ : ସକାଳ ୯ଟା।
- ନୂଆଗାଁ ପ୍ରିମିୟର ଲିଗ୍, ସ୍ଥାନ: ନୂଆଗାଁ ଖେଳପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶରଧାପୁର ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ : ଶରଧାପୁର ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା।

## ବାଲେଶ୍ୱର

- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ,ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱରସମୟ:ପୂର୍ବାହ୍ନ ୧୦ଟା।
- ଆଧାତ୍ମିକ ଗ୍ରନ୍ଥ ଉନ୍ମୋଚନ ଉତ୍ସବ,ସ୍ଥାନ:ଶ୍ରୀ ମାଧବେନ୍ଦ୍ର ଗୌଡ଼ୀୟ ମଠ, ରେମୁଣା, ସମୟ:ପୂର୍ବାହ୍ନ ୧୦ଟା।
- ଦରଖୁଲି ପ୍ରିମିୟର ଲିଗ୍ ଉଦଘାଟନୀ ଉତ୍ସବ, ସ୍ଥାନ:ଦରଖୁଲି ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୋର-କୁପାରୀ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ସ୍ଥାନ:ଡୁଡ଼ିଗଡ଼ିଆ, ଖଇରା, ସମୟ:ପୂର୍ବାହ୍ନ ୧୧ଟା।
- ଚାନ୍ଦିପୁର ଗୋଲ୍ଡେନ୍ ବିଚ୍ ଫେଷ୍ଟିଭାଲ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ:ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର,ସମୟ:ମଧ୍ୟାହ୍ନ ୧୨ଟା ୩୦।
- ହରିପୁର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦଘାଟନୀ ସମାରୋହ, ସମୟ: ଅପରାହ୍ନ ୨ଟା, ସ୍ଥାନ:ସ୍କୁଲ ପରିସର, ଖଇରା।
- 'ଅଭିନନ୍ଦନ'ର ୧୭ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ,ସ୍ଥାନ:ଷ୍ଟେଶନ କ୍ଲବ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।
- ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ ଉପେନ୍ଦ୍ର ସମାରୋହ-୨୦୨୫, ସ୍ଥାନ:ଶିକ୍ଷକଭବନ, ସୋର,ସମୟ-ଅପରାହ୍ନ ୪ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ରାଜବାଟି ଛକ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।
- ଉତ୍ସବ ଉତ୍ତର ଓଡ଼ିଶା ଉଦ୍‌ଘାଟନୀ ସନ୍ଧ୍ୟା,ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- କୋଶମ୍ଭ ମେଳାର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- କଂଗ୍ରେସର ପ୍ରତିଷ୍ଠା ଦିବସ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୯ଟା।
- ବନ୍ଧୁମିଳନ ଓ ଗୁରୁପୂଜନ, ସ୍ଥାନ: କରଞ୍ଜଆଡ଼ିଆ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚକ୍ଷୁ ଚିକିତ୍ସା ଓ ରକ୍ତ ପରୀକ୍ଷା ଶିବିର, ସ୍ଥାନ: ପୀରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ପ୍ରତିଷ୍ଠା ଦିବସ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ୧୯୮୭ ମସିହା ବ୍ୟାଚ୍ ବନ୍ଧୁମିଳନ, ସ୍ଥାନ: ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଏଏମ୍‌ବି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଧାମନଗର କଲେଜ ପାଖ, ସମୟ: ଅପରାହ୍ନ ୫ଟା।
- ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଗେଲପୁରସ୍ଥିତ ସ୍କୁଲ ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାଣିଜ୍ୟ ମେଳାର ୫ମ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ପ୍ରଦେଶ ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ପୀରହାଟ ବଜାର ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ବିଦ୍ୟାରମ୍ଭ ସଂସ୍କାର ମହୋତ୍ସବ, ସ୍ଥାନ: ସଚ୍ଚିଦାନନ୍ଦ ଗୁରୁକୁଳ, ବିଜୟରାମଚନ୍ଦ୍ରପୁର, ବାରିପଦା, ସମୟ: ସକାଳ ୮ଟା।
- ସାରସ୍ୱତ ବନ୍ଧୁମିଳନ ଓ ସାହିତ୍ୟ ଉତ୍ସବ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ପଞ୍ଚବିଂଶ ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀ, ସ୍ଥାନ: ରଙ୍ଗାମାଟିଆ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଜିଲା ପ୍ରଶାସନ ଆୟୋଜନରେ ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ବୀରସୁରେନ୍ଦ୍ର ସାଏ ଇଣ୍ଡୋର ହଲ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଜାତୀୟ ସମ୍ମେଳନ ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବ। ସ୍ଥାନ : ଅମୃତ ବିହାର ପରିସରସ୍ଥ ଜିଏମ୍‌ୟୁ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା।
- ନିଖିଳ ଓଡ଼ିଶା ଓକିଲ ସଂଘ ବାର୍ଷିକ ସମ୍ମିଳନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର ଜିଲା ଓକିଲ ସଂଘ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଚତୁର୍ଥ ସନ୍ଧ୍ୟା , ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା।
- ବ୍ରହ୍ମାକୁମାରୀ ସମ୍ବଲପୁର ଉପକ୍ଷେତ୍ର ଆୟୋଜନରେ ରାଜଯୋଗ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଶାସନ ପାବନ ସରୋବର, ସମୟ : ସନ୍ଧ୍ୟା ୬ଟା।
- ବରଗଡ଼ ଜିଲା ଢ଼ୋଲବନ୍ଧ ସଚେତନ ହେମା ଅନୁଷ୍ଠାନର ନାଟକ ମାର୍ଜାର କେଶରୀ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୧୫।
- ଝାରସୁଗୁଡ଼ା ଜିଲା ବେଲପାହାଡ ମିରର ଥିଏଟର ଅନୁଷ୍ଠାନର ନାଟକ ପାହା ଚିହ୍ନା, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ରାତି ୭ଟା ୩୦।
- ବରଗଡ଼ ଜିଲା ପଦମପୁର ଲୁ ଅନୁଷ୍ଠାନର ବଳିଦାନ ନାଟକ ମଞ୍ଚନ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ରାତି ୮ଟା ୪୫।

## ରାଉରକେଲା

- କଳାକେନ୍ଦ୍ର ଅନୁଷ୍ଠାନ ପକ୍ଷରୁ ଚିତ୍ରାଙ୍କନ ପ୍ରଦର୍ଶନୀ ଉଦ୍‌ଯାପନୀ ସମାରୋହ, ସ୍ଥାନ: ବିଏସ୍‌ଏନ୍‌ଏଲ ଛକ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଆଜା ନଚ୍‌ଲେ ନୃତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ, ସ୍ଥାନ: ଆର୍‌ଏମ୍‌ସି ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ସାମ୍ବାଦିକ ସଂଘର ୨୧ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭ ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଟାଉନ କଂଗ୍ରେସ କାର୍ଯ୍ୟାଳୟ, କଚେରୀ ରୋଡ, ସୁନ୍ଦରଗଡ଼, ସମୟ: ସକାଳ ୯ଟା।

## ବରଗଡ଼

- ସ୍ୱୀମିଂପୁଲର ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ:ଆମ୍ବସଡ଼ା ରାସ୍ତାପାର୍ଶ୍ୱ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- କଂଗ୍ରେସର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଗୁରୁ କୃପା ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମନ୍ଦିର ବଗିଚାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବୁଢାଡଙ୍ଗର ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ

- ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ବୁଢୁପାଲି, ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼

- ଦେବଗଡ଼ ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ : ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ବାମଣ୍ଡା କପ କ୍ରିକେଟ ପ୍ରତିଯୋଗିତା ଫାଇନାଲ ଦିବସ, ସ୍ଥାନ : ଦେବଗଡ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ଼ ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ପ୍ରସାରଣ, ସ୍ଥାନ: ଚରଦା କପିଳେଶ୍ୱର କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ୨୯ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପର ଫାଇନାଲ, ଏସଡିସିଏ ସୋନପୁର ବନାମ କ୍ୟୁସିଆଇ ଛତିଶଗଡ଼, ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିରଜିତ ଫାଉଣ୍ଡେସନ ବିନିକା ପକ୍ଷରୁ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଜଗନ୍ନାଥ ନଗର, ସମୟ: ମଧ୍ୟାହ୍ନ ୧୨ଟା।
- କୋସଳ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା

- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ଦ୍ୱାଦଶ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ଶହୀଦ ପୀତବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ଦାନୋଝଲା ଶହୀଦ ପୀତବାସ ଖେଳପଡିଆ ସମୟ: ପୂର୍ବାହ୍ନ ୧୦ଟା।
- ୫ମ ଜୟ ମା' ବସ୍ତ୍ରେଣ କପ କ୍ରିକେଟ ଟୁର୍ନାମେଣ୍ଟ ପୁଲ-ବି ପ୍ରଥମ ଲିଗ୍ ମ୍ୟାଚ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିକୋଣୀୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀସନ୍ଥ ଶିରୋମଣି ଗୁରୁ ଘାସିଦାସ ବାବାଙ୍କ ୨୬୯ ତମ ଜୟନ୍ତୀ ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: ଖରିଆର ରୋଡ୍‌ଠାରୁ କାଣ୍ଡେତାରା, ସମୟ: ଅପରାହ୍ନ ୩ଟା।
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ତୃତୀୟ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ସନ୍ଥ ଶିରୋମଣି ଗୁରୁ ଘାସିଦାସ ଜୟନ୍ତୀ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କାଣ୍ଡାତରା ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ରାତ୍ର ୮ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ: ରାତ୍ର ୧୦ଟା।

## ଝାରସୁଗୁଡ଼ା

- ଭାଗବତ ଅଷ୍ଟମ ସ୍କନ୍ଧ ପଠନ କାର୍ଯ୍ୟକ୍ରମ, ସ୍ଥାନ:ପୂଜାରୀପାଲି ଜଗନ୍ନାଥ ମନ୍ଦିର, ସମୟ:ସକାଳ ୮ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ତିଲିଆ କ୍ରିକେଟ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ରଙ୍କ ଚତୁର୍ଥ କେନ୍ଦ୍ରରେ ବୃହସ୍ପତି କର୍ମକ୍ଷେତ୍ର ଓ ପାରିବାରିକ ଜୀବନର ବ୍ୟତିକ୍ରମକୁ ସୁଧାରି ନେବେ। ନିଜର ସମ୍ପର୍କୀୟମାନଙ୍କ କୌଣସି ଘରୋଇ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** କର୍ମକ୍ଷେତ୍ରରେ ରାହୁଙ୍କ ସ୍ଥିତିଜନିତ ଅସମ୍ପୂର୍ଣ୍ଣ କାର୍ଯ୍ୟ ସକାଶେ ଅନୁତାପ କରିବେ। ନିଜର ସ୍ୱାର୍ଥ ହାସଲ ସକାଶେ କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ କାମ କଲେ ପ୍ରଶଂସିତ ହେବେ। ସଙ୍ଗୀତ ଆସରରେ ଯୋଗଦେଇ ସୁନାମ ଅର୍ଜନ କରିବାର ସୁଯୋଗ ପାଇପାରନ୍ତି।

**ମିଥୁନ** ଶନି ସହ ଚନ୍ଦ୍ରଙ୍କ ସଂଯୋଗରୁ ଆଳସ୍ୟ ଓ ଅବହେଳାଜନିତ ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ବନ୍ଧୁମେଳରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ଅର୍ଥ ସହ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କର୍କଟ** ରାଶ୍ୟାଧିପ ଭାଗ୍ୟସ୍ଥାନରେ ରହିବା ଯୋଗୁ ଯେଉଁ କାମ ଆରମ୍ଭ କରିବେ ସଫଳତା ନିଶ୍ଚିତ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ହେତୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କିନ୍ତୁ ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଅସଫଳତାଜନିତ ଟେନ୍‌ସନ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ସିଂହ** ଚନ୍ଦ୍ରଙ୍କ କେନ୍ଦ୍ରରେ ରବି ଯୋଗୁ ସମ୍ପର୍କୀୟଙ୍କ ସହାୟତାରେ ଅସ୍ଥିରତା ଦୂରୀଭୂତ ହୋଇଯିବ। ତଥାପି ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା** ତିନୋଟିଗ୍ରହ କର୍ମସ୍ଥ ବୃହସ୍ପତିଙ୍କୁ ଦେଖୁଥିବାରୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କରଜଦାତାଙ୍କ ଚାପ ବୃଦ୍ଧି ମାନସିକ ଅଶାନ୍ତିର କାରଣ ହେବ। ଦୂରରେ ରହୁଥିବା ବ୍ୟକ୍ତି ପରିବାରକୁ ମନେପକାଇ ନିଃସଙ୍ଗତାବୋଧ କରିପାରନ୍ତି। ବାଣିଜ୍ୟ ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହୁଥିବାରୁ ମନସ୍ତାପ କରିପାରନ୍ତି।

**ତୁଳା** ଭାଗ୍ୟସ୍ଥାନରେ ଷଷ୍ଠାଧିପ ଚନ୍ଦ୍ର କେନ୍ଦ୍ରରେ ରହି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ ମତପାର୍ଥକ୍ୟଜନିତ ନିଜର ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ।

**ବିଛା** ଶନି ଓ ଚନ୍ଦ୍ର କୋଣଭାବରେ ଥିବାରୁ ପୂର୍ବ ପରିକଳ୍ପିତ ଯୋଜନା ବିଗିଡ଼ିଯିବାରୁ ମନ ଦୁଃଖ ହୋଇପାରେ। ପରିବାରରେ ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ସରକାରୀ ସ୍ତରରୁ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ** ଚନ୍ଦ୍ରଙ୍କ ଦୁଃସ୍ଥାନରେ ରାହୁଥିବାରୁ କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କଲେ ସଫଳତା ପାଇବେ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ମନଗଢ଼ା କଥା କହି ସମସ୍ୟା ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ହଠାତ୍ ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** ଦ୍ୱାଦଶସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବାରମ୍ବାର ଭ୍ରମଣ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ, ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଦେଖାଶୁଣା ନଥିବା ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ** ଚତୁର୍ଥାଧିପ ଶୁକ୍ରଙ୍କ ପ୍ରଭାବରୁ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବା ସହ କାମକୁ ଆସିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହେବେ। ଦୀର୍ଘଦିନରୁ ଲାଗି ରହିଥିବା କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। କର୍ମକ୍ଷେତ୍ରରେ ଆଶା କରୁଥିବା ସୁଯୋଗ ଆପଣାଛାଏଁ ଆସିବ ଏବଂ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ।

**ମୀନ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ରାହୁଦୃଷ୍ଟ ବୃହସ୍ପତିଜନିତ କ୍ଳାନ୍ତିବୋଧ ସାଙ୍ଗକୁ ଦେହ ଭଲ ରହି ନ ପାରେ। ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ। ସ୍ୱତନ୍ତ୍ର ନିମନ୍ତ୍ରିତ ହୋଇ ପରିଜନଙ୍କ ସହିତ ବନ୍ଧୁଙ୍କ ଗୃହକୁ ଯାତ୍ରା କରିପାରନ୍ତି।

ଆଜି ଡିସେମ୍ବର ୨୮ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ରବିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଦିବା ଘ.୦୮।୪୨ମି. ଗତେ, ରେବତୀ ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଏବଂ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୭ ଗତେ ଘ.୦୯।୧୬ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୧ମି. ଗତେ ଘ.୦୫।୧୨ମି. ମଧ୍ୟେ ରାହୁକାଳ ॥

## ପହିଲାରୁ ୩ ଡିଗ୍ରୀ ...

ସେହିପରି ରାତି ତାପମାତ୍ରା ୪.୮ ଡିଗ୍ରୀ(କୋରାପୁଟ)ରୁ ୧୬.୫ ଡିଗ୍ରୀ(ଗୋପାଳପୁର) ମଧ୍ୟରେ ରହିଥିଲା। ରବିବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଦେବଗଡ଼, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ସୋନପୁର, ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ଦେଖାଯିବାର ସମ୍ଭାବନା ରହିଛି। ଅନ୍ୟପଟେ ଘନକୁହୁଡ଼ି ନେଇ କନ୍ଧମାଳ, କୋରାପୁଟ ଓ ନୟାଗଡ଼ ଆଦି ଜିଲାର କିଛି ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ କଥା ଥିଲା ମନରେ**
**କାଳୀ କି ଘେନି କି ଘର କରିବି**
**ଗୋରୀ କି ଛାଡ଼ିଲି ବନରେ ?**

ଭଲକୁ ଆଶା କରି ଭେଲ ମିଳିଲେ ମନର ସରାଗ ମରିଯାଏ। ପରିସ୍ଥିତିରେ ପଡ଼ି ସୁନ୍ଦରୀ ଝିଅକୁ ଛାଡ଼ି ଅସୁନ୍ଦରୀ ଝିଅଟିକୁ ବିବାହ କରିଥିବା ଯୁବକଟିର ଅସହାୟ ଅବସ୍ଥା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ନାହାରେ ଗୋଡ଼େ,**
**ସେ ନାହାରେ ଗୋଡ଼େ।**

ଦୁଇ ନାଆରେ ଗୋଡ଼ ଦେଲେ ମଝି ଦରିଆରେ ବୁଡ଼ି ମରିବା ହିଁ ସାର ହୋଇଥାଏ। ଦୁଇପଟକୁ ଆଶା କରିଥିବା ବ୍ୟକ୍ତି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନେଇ ରଖିଥିବା ଆଶା ଆଶାରେ ହିଁ ରହିଯାଇଥାଏ। ଦୁଇପକ୍ଷକୁ ଆଶ୍ରା କରି ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଅଫ୍‌ଲାଇନରେ...

ବିଭାଗର ୱେବ୍‌ସାଇଟ, ଆପ୍ଲିକେଶନ କିମ୍ବା ଆର୍‌ଟିଓରେ ଅର୍ଥ ପୈଠ ପାଇଁ ଏସ୍‌ଟିଏ ଦ୍ୱାରା ପରାମର୍ଶ ଦିଆଯାଉଛି। ସାଧୁତା, ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ପୂର୍ବରୁ ଅନ୍‌ଲାଇନରେ ଅର୍ଥ ପୈଠ ପାଇଁ ବ୍ୟବସ୍ଥା ହୋଇଥିଲା। ତେବେ ଅଫ୍‌ଲାଇନ ବ୍ୟବସ୍ଥାରେ ମଧ୍ୟ ଅର୍ଥ ଗ୍ରହଣ ପାଇଁ ଗତ କିଛିଦିନ ଧରି ଜନସାଧାରଣ ଦାବି କରି ଆସୁଛନ୍ତି। ଜନସାଧାରଣଙ୍କ ଏହି ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାନୁସାରେ, ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ ପାଇଁ ଦାୟିତ୍ୱ ପ୍ରଦାନ କରାଯିବ। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ରସିଦ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେଲା ବୋଲି ଅନଲାଇନରେ ମଧ୍ୟ ଅପଡେଟ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥ ରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ। ଅଫ୍‌ଲାଇନ ବ୍ୟବସ୍ଥାରେ ସାଧୁତା ଏବଂ ପାରଦର୍ଶତାକୁ ସର୍ବୋତ୍ତମ ପ୍ରାଧାନ୍ୟ ସହ ଜନସାଧାରଣଙ୍କୁ ଉତ୍ତମ ସହାୟତା ପ୍ରଦାନ ପାଇଁ ଆର୍‌ଟିଓମାନଙ୍କୁଏସ୍‌ଟିଏପକ୍ଷରୁନିର୍ଦ୍ଦେଶଦିଆଯାଇଛି।

### ଫେବୃଆରୀରୁ ସବୁ ...

କଟିଗଲା। ଫଳରେ ଲୋକେ ଏକପ୍ରକାର ଭୟଭୀତ ହୋଇଗଲେ। ସିଧାସଳଖ ୧୦ ହଜାର ଟଙ୍କା ଜରିମାନାର ପ୍ରଭାବ ଏପରି ପଡ଼ିଲା ଯେ ମାଲିକମାନେ ଏହାପରଠାରୁ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଆଗରେ ଲାଇନ ଲଗାଇଲେ। ଏହାସହ ଲୋକଙ୍କ ନିକଟରୁ ବିଭିନ୍ନ ପ୍ରକାର ଅଭିଯୋଗ ମଧ୍ୟ ସାଧାରଣରେ ପ୍ରକାଶ ପାଇଲା। ଫଳରେ ସରକାର ଏହି କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟାକୁ ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧିକଲେ। ଏବେ ସରକାରଙ୍କ ପକ୍ଷରୁ ଏହାକୁ ନେଇ ଏକ ବଡ଼ ଘୋଷଣା କରାଯାଇଛି। ୨୦୨୬ ଫେବୃଆରୀରୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା ବାଧ୍ୟତାମୂଳକ ହେବ ବୋଲି ପରିବହନ ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଫେବୃଆରୀରୁ ଗ୍ରୀନ୍ ଷ୍ଟିକର ଲାଗିବ। ମୋଟର ଭେହିକଲ ଆକ୍ଟ ଅନୁସାରେ ଗାଡ଼ି ମାଲିକମାନେ ସବୁପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ହେବ। ପିୟୁସିସି ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ୨୦୧୯ରେ ଯେଉଁ ଫାଇନ୍ ବଢ଼ାଯାଇଛି ତାହା କିପରି କୋହଳ କରାଯାଇପାରିବ ସେଥିପାଇଁ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ସବୁଠୁ ବଡ଼ କଥା ହେଉଛି ଉଭୟ ନୂଆ ପୁରୁଣା ଗାଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ମିଳୁଛି। ତାହାର ତର୍ଜମା କଡ଼ାକଡ଼ି ଭାବେ କରାଯିବ। ଅନ୍ୟପଟେ ପରିବହନ ବିଭାଗ ପକ୍ଷରୁ ଗ୍ରୀନ୍ ଷ୍ଟିକର ଯୋଗାଇ ଦିଆଯିବ। ସଡ଼କ ସୁରକ୍ଷା ମାସ ଆସୁଥିବାରୁ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କୋହଳ କରାଯାଇଛି। ୨୦୧୯ରେ ଯେଉଁ ଫାଇନ୍ ବଢ଼ାଯାଇଛି କୋହଳ କରିବାକୁ ସବୁ ଦିଗରୁ ତର୍ଜମା କରାଯାଉଛି। ଅନ୍ୟ ରାଜ୍ୟରେ ସବୁ ଫାଇନ୍ କମ୍ ରହିଛି, ସେସବୁ ଦିଗରୁ ଓଡ଼ିଶା କ୍ଷେତ୍ରରେ ପର୍ଯ୍ୟାଲୋଚନା ଚାଲିଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଜଳିଗଲେ ଦୋକାନୀ....



ସୁବାସ ଚନ୍ଦ୍ର ମଲ୍ଲିକ

ପୋଲିସ ନଂ.୩୪୯/୨୫ରେ ମାମଲା ରୁଜୁ କରି ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସାଇଣ୍ଟିଫିକ୍ ଟିମ୍ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନକୁ ଯାଇ ଘଟଣାର ବିଭିନ୍ନ ଦିଗରୁ ଅନୁଧ୍ୟାନ କରୁଛନ୍ତି । ସୁବାସଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ କଳାବୁଦା ବଜାର ଦୋକାନୀ ଓ ଗୋବିନ୍ଦପୁର ଗ୍ରାମର ଜନସାଧାରଣ ଘଟଣାର ନିରପେକ୍ଷ ତଦନ୍ତ ଦାବିକରି ଟାୟାର ଜାଳି କଳାବୁଦା ବଜାର ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଓ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ସୁବାସ ଚନ୍ଦ୍ର ମଲ୍ଲିକ କଳାବୁଦା ବାରୁଣୀ ଦୁର୍ଗାମଣ୍ଡପ ସଂଲଗ୍ନ ଘରକୁ ଭଡ଼ାରେ ନେଇ ସେଥିରେ କପଡ଼ା ଡ୍ରେସ୍ ଓ ପନିପରିବା ଆଦି ବ୍ୟବସାୟ କରନ୍ତି। ଶୁକ୍ରବାର ରାତିରେ ସେ ସାଙ୍ଗମାନଙ୍କ ସହ ମିଶି ଭୋଜି କରିଥିଲେ। ରାତି ପ୍ରାୟ ୧୧ଟାରେ ସୁବାସ ତାଙ୍କ ବାପାଙ୍କ ପାଇଁ ମାଂସ ତରକାରି ଆଣି ଘରେ ଦେଇଥିଲେ। ପରେ ସେ ଦୋକାନକୁ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୩ଟା ସମୟରେ ମହାଦେବ ପୂଜକ ନଳିନୀ ପଣ୍ଡା ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ତୁମ ଦୋକାନରେ ନିଆଁ ଲାଗିଛି ବୋଲି ଡାକ ପକାଇଥିଲେ। ଡାକ ଶୁଣି ଅରକ୍ଷିତ, ଦାଦା ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶ ବାରୁଣୀ ଦୁର୍ଗାମଣ୍ଡପ ନିକଟରେ ଥିବା ଦୋକାନ ପାଖରେ ପହଞ୍ଚିଥିଲେ। ଦାଦା ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶ ମଲ୍ଲିକ ଘର କବାଟ ବାହାର ପଟୁ ବନ୍ଦ ଥିବା ଦେଖି ଖୋଲିବା ବେଳକୁ ସୁବାସଙ୍କର ମୃତ୍ୟୁ ହୋଇ ସାରିଥିଲା।

ସୁବାସଙ୍କ ସ୍ତ୍ରୀ ଜୟଶ୍ରୀ ମଲ୍ଲିକ, ପୁଅ ଓଁ ପ୍ରକାଶ, ବାପା ଅରକ୍ଷିତ, ଦାଦା ଗଣେଶ ସୁବାସଙ୍କୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ସହ ସମ୍ପୃକ୍ତ ଦୋଷୀ ଦଣ୍ଡ ପାଇବା ଦରକାର ବୋଲି କହିଛନ୍ତି। ଏପରିକି ଦୁର୍ଗାମଣ୍ଡପ ସମ୍ମୁଖରେ ଥିବା ମଇଁଷି ଉପରେ ସିଂହ ସିମେଣ୍ଟ ମୂର୍ତ୍ତି ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି ।

### ଅଭୟାରଣ୍ୟ ସୁରକ୍ଷା ...

୪ ଜଣ ଡେବ୍ରିଗଡ଼ ଅଭୟାରଣ୍ୟ ସଂଲଗ୍ନ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଆଦିବାସୀ ପରିବାରର। ସେମାନେ ପିଲାଦିନରୁ ଅଭୟାରଣ୍ୟକୁ ଲୋକଙ୍କ ଅନୁପ୍ରବେଶ, ବନଜନ୍ତୁଙ୍କଠାରୁ ଫସଲର ସୁରକ୍ଷା, ଅଭୟାରଣ୍ୟକୁ ଓଡ଼ିଶା-ଛତିଶଗଡ଼ ସୀମାରୁ ବନ୍ୟଜନ୍ତୁଙ୍କ ଅନୁପ୍ରବେଶ ଆଦି ସହିତ ଆଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଆସିଛନ୍ତି। ତେବେ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପ୍ରତି ସେମାନଙ୍କର ପ୍ରତିବଦ୍ଧତା, ନିର୍ଭୀକ ମନୋଭାବ ଏବଂ ଜୀବନରେ କିଛି କରିଦେଖାଇବାର ଅଭିଳାଷକୁ ଦୃଷ୍ଟିରେ ରଖି ସେମାନଙ୍କୁ ପ୍ରବର୍ତ୍ତନ ସ୍କ୍ୱାଡରେ ନିଯୁକ୍ତି ଦିଆଯାଇଛି। ସେମାନେ ଗତ ଅକ୍ଟୋବର ମାସରୁ ତାଲିମ ନେଉଛନ୍ତି। ଆସନ୍ତା ୨୦୨୬ ଜାନୁଆରୀ ୧ରେ ସେମାନଙ୍କ ତାଲିମ ଶେଷ ହେବ ଏବଂ ଅଭୟାରଣ୍ୟରେ ସ୍ୱାଧୀନ ଭାବେ ସୁରକ୍ଷା ସ୍କ୍ୱାଡ୍ ରୂପେ କାର୍ଯ୍ୟାରମ୍ଭ କରିବେ। ସେମାନଙ୍କୁ ଡେବ୍ରିଗଡ଼ର ଫ୍ରଣ୍ଟଲାଇନ୍ ମହିଳା କର୍ମଚାରୀ ଓ ଅଭୟାରଣ୍ୟରେ ନିୟୋଜିତ ପୂର୍ବତନ ସେନା ଅଧିକାରୀଙ୍କ ଦ୍ୱାରା ୩ ମାସ ଧରି କଠୋର ଶାରୀରିକ ତାଲିମ ଦିଆଯାଇ



ଡେବ୍ରିଗଡ଼ ଅଭୟାରଣ୍ୟ ପ୍ରବର୍ତ୍ତନ ସ୍କ୍ୱାଡରେ ନବନିଯୁକ୍ତ ମହିଳା।

ଏହି କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଇଛି। ନବନିଯୁକ୍ତ ୫ ମହିଳା ସ୍କ୍ୱାଡଙ୍କ ମଧ୍ୟରୁ ନିବେଦିତା ରାଉତ ଓ ଅଲିଭା କାଲୋ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ସେମାନଙ୍କୁ କ୍ରୁଜ୍ ଡାଇଭିଂରେ ମଧ୍ୟ ତାଲିମ ଦିଆଯାଇଛି ଓ ହୀରାକୁଦ କର୍ତ୍ତୃପକ୍ଷଙ୍କ ସୁପାରିସ୍‌ରେ ଉଭୟ ଖୁବ୍‌ଶୀଘ୍ର ଭଦ୍ରକ ଜିଲା ଚାନ୍ଦବାଲିରେ କ୍ରୁଜ୍ ଡାଇଭିଂ ତାଲିମ ଶିବିରରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି ବନଖଣ୍ଡ ଅଧିକାରୀ ଦାସ। ତାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଡେବ୍ରିଗଡ଼ ଅଭୟାରଣ୍ୟରେ ନିୟୋଜିତ ପ୍ରବର୍ତ୍ତନ ସ୍କ୍ୱାଡରେ ୧୫୦ଜଣ କର୍ମଚାରୀ ବର୍ଷତମାମ କାର୍ଯ୍ୟ କରନ୍ତି। ସମାନଙ୍କ ମଧ୍ୟରେ ୨୬ ଜଣ ପୂର୍ବତନ ସେନା ଅଧିକାରୀ ମଧ୍ୟ ଅଛନ୍ତି। ଏହି ନିଯୁକ୍ତି ପାଇଲା ପରେ ନିଜ ପ୍ରତିକ୍ରିୟାରେ ଅଞ୍ଜଳି ଟପ୍ପୋ କହିଛନ୍ତି, ପ୍ରବର୍ତ୍ତନ ସ୍କ୍ୱାଡରେ ସାମିଲ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଯଦ୍ୱାରା ମୁଁ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବି। ଏହାକୁ ନେଇ ପିସିସିଏଫ୍ ପି.କେ.ଝା କହିଛନ୍ତି, ସୁରକ୍ଷାରେ ମହିଳାମାନଙ୍କ ଅଂଶଗ୍ରହଣ ଅଭୟାରଣ୍ୟ ସୁରକ୍ଷା ଦିଗରେ ସଂଲଗ୍ନ ଗ୍ରାମବାସୀଙ୍କୁ ଉତ୍ସାହିତ କରିବାରେ ସହାୟକ ହେବ।

# ଥାଇଲାଣ୍ଡ, କାମ୍ବୋଡ଼ିଆ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିନାମା ସ୍ୱାକ୍ଷର

ବ୍ୟାଙ୍କକ୍, ୨୭।୧୨

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ସୀମା ବିବାଦକୁ ନେଇ ଗତ କିଛି ସପ୍ତାହ ହେଲା ସଂଘର୍ଷ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ଶନିବାର ୨ ଦେଶ ଏକ ଯୁଦ୍ଧବିରତି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଉକ୍ତ ଚୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ତଦନୁଯାୟୀ ସାମରିକ ଅଭିଯାନ ବନ୍ଦ ହେବା ସହ ସାମରିକ ଉଦ୍ଦେଶ୍ୟରେ ବାୟୁସୀମା ଉଲ୍ଲଂଘନ ଲାଗି ଆହ୍ୱାନ ଦିଆଯାଇଛି। ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପୂର୍ବରୁ ଶନିବାର ସକାଳେ ଥାଇଲାଣ୍ଡ କାମ୍ବୋଡ଼ିଆ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା ବୋଲି କାମ୍ବୋଡ଼ିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଯୁଦ୍ଧବିରତିର ୭୨ ଘଣ୍ଟା ପରେ ଜୁଲାଇରୁ ବନ୍ଦୀ ଥିବା ୧୮ କାମ୍ବୋଡ଼ିଆ ସୈନ୍ୟଙ୍କୁ ଫେରାଇଦେବା ପାଇଁ ଥାଇଲାଣ୍ଡକୁ କୁହାଯାଇଛି। କାମ୍ବୋଡ଼ିଆ ପକ୍ଷରୁ ଏହା ମୁଖ୍ୟ ଦାବି ଥିଲା।

# ୫ରୁ ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ଅଭିଯାନ

## ଦେଶବ୍ୟାପୀ ଆନ୍ଦୋଳନ କରିବ କଂଗ୍ରେସ

ନୂଆଦିଲ୍ଲୀ, ୨୭।୧୨ (ପି.ଟି.)

ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନା ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳରେ କେନ୍ଦ୍ର ସରକାର ଭିବି ଜି-ରାମ-ଜି ଆଇନ ଆଣିଥିବାରୁ ଏହାକୁ ବିରୋଧ କରି କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଶନିବାର ଘୋଷଣା କରିଛି। କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ନାମରେ ଉପା ସରକାର ସମୟରୁ ଚାଲିଆସୁଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ଉଚ୍ଛେଦ କରାଯିବା ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ। ଏହା ବିରୋଧରେ ଜାନୁଆରୀ ୫ରୁ କଂଗ୍ରେସ ଦେଶବ୍ୟାପୀ ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ଅଭିଯାନ ଚଳାଇବ। ଏହି ଆନ୍ଦୋଳନ ପୂର୍ବରୁ କେନ୍ଦ୍ର ଆଣିଥିବା ୩ ବିବାଦୀୟ କୃଷି ଆଇନ ବିରୋଧରେ ହୋଇଥିବା ଆନ୍ଦୋଳନ ସଦୃଶ ହେବ। କୃଷକମାନଙ୍କ ଆନ୍ଦୋଳନ ଯୋଗୁ ନରେନ୍ଦ୍ର ମୋଦି ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ ହୋଇଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।




କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ବର୍ତ୍ତମାନର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ। ( ଫଟୋ- ଚମନ ଗୌତମ)

୨୦ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳରେ କେନ୍ଦ୍ର ସରକାର ଭିବି-ଜି ରାମ ଜି ବିଲ୍ ଆଣିଥିଲେ, ଯାହା ସଦ୍ୟସମାପ୍ତ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ବିପକ୍ଷ ଦଳଗୁଡ଼ିକର ଜୋର୍‌ଦାର ବିରୋଧ ମଧ୍ୟରେ ଗୃହୀତ ହୋଇଥିଲା। ନୂଆ ଆଇନରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ବର୍ଷକୁ ୧୨୫ ଦିନ ନିଶ୍ଚିତ ନିଯୁକ୍ତି ପ୍ରଦାନ ବ୍ୟବସ୍ଥା ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) କେବଳ ଏକ ଯୋଜନା ନୁହେଁ ବରଂ ସମ୍ବିଧାନ ପ୍ରଦତ୍ତ କାର୍ଯ୍ୟ କରିବା ଅଧିକାର। ଏହାକୁ ଉଚ୍ଛେଦ କରାଯିବାକୁ ନେଇ ଜନସାଧାରଣ କ୍ଷୁବ୍ଧ ହୋଇଛନ୍ତି। ସରକାରଙ୍କୁ ଏହାର ପରିଣାମର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଖାର୍ଗେ କହିଛନ୍ତି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି, ଏହା ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରିବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ସମ୍ପର୍କିତ ବହୁ ଉଦାହରଣ ଓ ତଥ୍ୟ ଦେଇଛନ୍ତି। ଭାଜପା ଏବଂ ନିର୍ବାଚନ କମିଶନ ମଧ୍ୟରେ ସଲାସୁତୁରା ଚାଲିଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ଭୋଟର ତାଲିକାରୁ ଯେପରି ଲୋକମାନଙ୍କ ନାମ ନ ହଟେ, ଦଳିତ, ଆଦିବାସୀ, ଅତ୍ୟଧିକ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁଙ୍କ ନାମ ଯେପରି ନ କଟେ, ତାହା ଆମକୁ ସୁନିଶ୍ଚିତ କରିବାକୁ ହେବ ବୋଲି ସେ କହିଛନ୍ତି। ବିହାର ନିର୍ବାଚନରେ ପରାଜୟ ପରେ ପ୍ରଥମ ଥର ପାଇଁ ସିଡବ୍ଲ୍ୟୁସି ବୈଠକ ବସିଥିଲା। ଏଥିରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏବଂ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନେତା ଶଶୀ ଥରୁର ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

# ଅଲ୍ଲୁ ଅର୍ଜୁନଙ୍କ ନାଁରେ ଚାର୍ଜଶିଟ୍

## ପୁଷ୍ପା-୨ ଦଳାଚକଟା ମାମଲା

ହାଇଦ୍ରାବାଦ, ୨୭।୧୨ (ପି.ଟି.)



ପୁଷ୍ପା-୨ ଚଳଚ୍ଚିତ୍ର ପ୍ରିମିୟରବେଳେ ଦଳାଚକଟା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ହାଇଦ୍ରାବାଦ ପୋଲିସ ଚଳଚ୍ଚିତ୍ରର ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ସମେତ ୨୩ ଅଭିଯୁକ୍ତଙ୍କ ବିରୋଧରେ ଏକ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଥିଏଟର ପରିଚାଳନା କର୍ତ୍ତୃପକ୍ଷଙ୍କୁ ମୁଖ୍ୟ ଅଭିଯୁକ୍ତ କରାଯାଇଥିବାବେଳେ ଅଲ୍ଲୁ ଅର୍ଜୁନ ୧୧ ନମ୍ବର ଅଭିଯୁକ୍ତ ଅଛନ୍ତି। ଗତବର୍ଷ ଡିସେମ୍ବର ୪ରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ପୁଷ୍ପା-୨ର ପ୍ରିମିୟର ବେଳେ ଦଳାଚକଟାରେ ଜଣେ ୩୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ୮ ବର୍ଷର ପୁଅ ଆହତ ହୋଇଥିଲେ। ଅଭିନେତାଙ୍କୁ ଦେଖିବବା ପାଇଁ ପ୍ରଶଂସକଙ୍କ ଅତ୍ୟଧିକ ଭିଡ଼ରୁ ଦଳାଚକଟା ଘଟିଥିଲା। ଏହି ମାମଲାରେ ଅଲ୍ଲୁ ପୂର୍ବରୁ ଗିରଫ ହେବା ସହ ତାଙ୍କ ସମେତ ସୁରକ୍ଷା ଟିମ୍ ଓ ଥିଏଟର ମ୍ୟାନେଜ୍‌ମେଣ୍ଟ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେହିବର୍ଷ ଡିସେମ୍ବର ୧୪ରେ ତେଲଙ୍ଗାନା ହାଇକୋର୍ଟ ଅଲ୍ଲୁଙ୍କୁ ଅନ୍ତରୀଣ ଜାମିନ ଓ ପରେ ନିୟମିତ ଜାମିନ ପ୍ରଦାନ କରିଥିଲେ।

# ନୂଆବର୍ଷ ପୂର୍ବରୁ ଦିଲ୍ଲୀରେ 'ଅପରେଶନ ଆଘାତ': ୬୬୦ ଗିରଫ

ନୂଆଦିଲ୍ଲୀ, ୨୭।୧୨

ନୂଆବର୍ଷ ପାଳନ ପୂର୍ବରୁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ଶନିବାର 'ଅପରେଶନ ଆଘାତ' ନାମରେ ବଡ଼ ଧରଣର ଚଢ଼ାଉ କରାଯାଇଛି। ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଦିଲ୍ଲୀ ଜିଲାରେ ଚଢ଼ାଉ ବେଳେ ୬୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯିବା ସହ ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର, ବିପୁଳ ନଗଦ ଅର୍ଥ, ବେଆଇନ ମଦ, ଡ୍ରଗ୍ସ ଏବଂ ଅନ୍ୟାନ୍ୟ ଚୋରି ଜିନିଷ ଜବତ ହୋଇଛି। ଉତ୍ସବ ସମୟରେ ଅପରାଧକୁ ରୋକିବା ଲକ୍ଷ୍ୟରେ ଏହି ଚଢ଼ାଉ ଆରମ୍ଭ ହୋଇଛି। ରାଜଧାନୀର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସମନ୍ୱିତ ତଲାସି କରାଯାଇ ୨୪ ଘଣ୍ଟା ମଧ୍ୟରେ ବହୁ ଅପରାଧୀଙ୍କୁ ହାଜତ ମଧ୍ୟକୁ ନିଆଯାଇଛି। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଜିଲା ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରିଥିଲା। କେବଳ ଦକ୍ଷିଣ-ପୂର୍ବ ଜିଲାରୁ ୨୮୫ ଜଣଙ୍କୁ ଅସ୍ତ୍ରଶସ୍ତ୍ର ଆଇନ, ଅବକାରୀ ଆଇନ, ଏନ୍‌ଡିପିଏସ୍ ଆଇନ ଏବଂ ଜୁଆ ଆଇନ ବଳରେ ଗିରଫ କରାଯାଇଛି। ଅଭିଯାନ ଅବସରରେ ୨,୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରାଯାଇଥିଲା ବୋଲି ଦିଲ୍ଲୀ ପୋଲିସର ଯୁଗ୍ମ କମିଶନର ଏସ୍.କେ. ଜୈନ କହିଛନ୍ତି।

# ବାଂଲାଦେଶୀ ଗାୟକଙ୍କ ଶୋ' ସ୍ଥଳରେ ଆକ୍ରମଣ: ୨୫ ଆହତ

ଢାକା, ୨୭।୧୨

ବାଂଲାଦେଶର ଲୋକପ୍ରିୟ ରକ୍ ସିଙ୍ଗର ଜେମ୍ସଙ୍କର ଫରିଦପୁରରେ ଶୁକ୍ରବାର ରାତି ୯ଟାରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ହେବାର ଥିଲା। ସ୍ଥାନୀୟ ସ୍କୁଲ୍‌ର ବାର୍ଷିକ ଉତ୍ସବ ଅବସରରେ ଏହି ଶୋ' ହୋଇଥାନ୍ତା। ତେବେ ଶୋ' ଆରମ୍ଭ ହେବାର କିଛି ସମୟ ପୂର୍ବରୁ କେତେଜଣ ଆକ୍ରମଣକାରୀ ଜବରଦସ୍ତ ସେଠାରେ ପ୍ରବେଶ କରି ଗହଳି ମଧ୍ୟକୁ ଟେକାପଥର ମାଡ଼ କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କୁ ପ୍ରତିରୋଧ କରିବାକୁ ଉଦ୍ୟମ କରିବାରୁ ସଂଘର୍ଷ ଘଟି ଅନ୍ୟୂନ ୨୫ ଜଣ ଆହତ ହୋଇଛନ୍ତି। ଫଳରେ ଜେମ୍ସଙ୍କ ସଙ୍ଗୀତ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି।



ଗତ କିଛି ସପ୍ତାହ ହେଲା ବାଂଲାଦେଶର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଉପରେ ଆକ୍ରମଣ ଓ ଭଙ୍ଗାରୁଜା ଘଟଣା ଘଟିଚାଲିଛି। ଫରିଦପୁର ଜିଲା ସ୍କୁଲ୍‌ର ୧୮୫ତମ ଜନ୍ମବାର୍ଷିକୀ ଅବସରରେ ସେଠାରେ ଜେମ୍ସଙ୍କ କନ୍‌ସର୍ଟ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଉତ୍ତେଜନା ଯୋଗୁ ଏହାକୁ ବାତିଲ କରିଦିଆଯାଇଛି।

# ଆସାମରେ ୧୦.୫୬ ଲକ୍ଷ ଭୋଟର ବାଦ୍

## ଏସ୍‌ଆଇଆର୍
## ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

ଗୁଆହାଟୀ, ୨୭।୧୨

ଆସାମରେ ବିଧାନସଭା ନିର୍ବାଚନ ଆଗାମୀ ୬ ମାସରୁ କମ୍ ସମୟ ମଧ୍ୟରେ ହେବାକୁ ଥିବାବେଳେ ଉକ୍ତ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଜାରି ରହିଛି। ଶନିବାର ପ୍ରକାଶିତ ଚିଠା ଭୋଟର ତାଲିକାରେ ୧୦.୫୬ ଲକ୍ଷ ଲୋକଙ୍କ ନାମ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଚିଠା ତାଲିକା ଅନୁଯାୟୀ ଆସାମରେ ୨,୫୧,୦୯,୭୫୪ ଭୋଟର ରହିଛନ୍ତି। ୯୩୦୨୧ ସନ୍ଦିଗ୍ଧ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହାବ୍ୟତୀତ ମୃତ୍ୟୁ, ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ଏକାଧିକ ସ୍ଥାନରେ ନାଁ ଥିବା କାରଣରୁ ୧୦,୫୬,୨୯୧ ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଉପଯୁକ୍ତ ନାଗରିକତ୍ୱ ପ୍ରମାଣ ଅଭାବରୁ ଆସାମ ସରକାରଙ୍କ ଦ୍ୱାରା ବଞ୍ଚିତ ହୋଇଥିବା ଲୋକମାନଙ୍କୁ ସନ୍ଦିଗ୍ଧ ଭୋଟର ବର୍ଗରେ ନିଆଯାଇଛି। ବିଦେଶୀ ଆଇନ, ୧୯୪୬ ଅନୁଯାୟୀ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ସନ୍ଦିଗ୍ଧ ଭୋଟରଙ୍କୁ ଚିହ୍ନଟ କରିଥିଲା। ସେମାନଙ୍କୁ ଭୋଟର ପରିଚୟପତ୍ର ଦିଆଯାଇନାହିଁ।



> ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। **-ଶ୍ରୀଅରବିନ୍ଦ**

# ଉଦ୍ଦେଶ୍ୟ ଓ ଉଦାସୀନତା



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା) ଏହାର ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଛି ଏବଂ ଏହା ତାହାର ମୂଳ ଉଦ୍ଦେଶ୍ୟ। ଦଳ କ୍ଷମତାରେ ଅଛି ଏବଂ ତାହାର ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ବହୁ ସଂଖ୍ୟକ ଭାରତୀୟ ଚାହୁଁଛନ୍ତି। ବାସ୍ତବରେ ଦେଖିଲେ ଏମାନଙ୍କ ସଂଖ୍ୟା କମ୍ ବୋଲି ପ୍ରତ୍ୟେକ ନିର୍ବାଚନରୁ ଜଣାପଡ଼ିଛି। ତଥାପି ଭାଜପା ତା' ଉଦ୍ଦେଶ୍ୟ ପୂରଣ ପାଇଁ ଆଗକୁ ବଢ଼ୁଛି। ଯେଉଁମାନେ ସଂଖ୍ୟାଗରିଷ୍ଠ ରହିଲେ ସେମାନେ ଏହାକୁ ପ୍ରତିରୋଧ କରିବାରେ ଅସମର୍ଥ ଏବଂ ତାହା ହେଉଛି ସେମାନଙ୍କ ଉଦାସୀନତା। ଆଶା କରାଯାଉଛି ସରକାର ସୃଷ୍ଟି କରୁଥିବା ସମସ୍ୟାଗୁଡ଼ିକୁ ବିରୋଧୀ ଦଳ, ସଂସଦ ଏବଂ ନ୍ୟାୟ ବ୍ୟବସ୍ଥା ନିୟନ୍ତ୍ରଣ କିମ୍ବା ସମାଧାନ କରିପାରିବେ। କିନ୍ତୁ ଏହା ସମ୍ଭବ ହୋଇନାହିଁ ଏବଂ ନୂତନ ବର୍ଷରେ ହେବ ନାହିଁ। ଯେଉଁମାନେ ଭାଜପାର ବିଚାରଧାରାକୁ ନୂଆକରି ଦେଖୁଛନ୍ତି ସେମାନେ ଜାଣିବା ଦରକାର ଯେ, ଭାଜପା ସଂଖ୍ୟାଲଘୁ ଭାରତୀୟ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କୁ ନିର୍ଯାତନା ଦେବାକୁ ଏବଂ କ୍ଷତି କରିବାକୁ ଚାହୁଁଛି। ଏଭଳି ଉଦ୍ଦେଶ୍ୟ ସାଥୀ ଭାରତୀୟଙ୍କୁ ବିରୋଧ କରିବା ବ୍ୟତୀତ ଅନ୍ୟ କିଛି ନୁହେଁ। ଏହା ଘୃଣା ଭାବ। ଏହି ଭାବନା ଶେଷ ହେବ ନାହିଁ, ଜାରି ରଖିବ। ନୂତନ ବର୍ଷ ୨୦୨୬ରେ ବି ଏହା ଦେଖାଦେବ। ଦଶ ବର୍ଷ ପୂର୍ବେ ଆମେ ଯେଉଁ ଧାରା ଅବ୍ୟାହତ ରଖିଥିଲୁ, ତାହା ୨୦୨୫ରେ ଆପଣାଇଲୁ। ତିନି ମାସ ପୂର୍ବେ ଅର୍ଥାତ୍ ସେପ୍ଟେମ୍ବରରେ ହିନ୍ଦୁ ଏବଂ ମୁସଲମାନ ବିବାହକୁ ନିଷିଦ୍ଧ କରିବାରେ ରାଜସ୍ଥାନ ଦେଶରେ ଅଷ୍ଟମ ରାଜ୍ୟ ହୋଇଗଲା। ୧୯୩୫ ସେପ୍ଟେମ୍ବରରେ ଜର୍ମାନୀ ଇହୁଦୀ ଏବଂ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ବିବାହକୁ ନିଷେଧ କରିଥିଲା। ଏହି ସମ୍ପର୍କଗୁଡ଼ିକୁ 'ଜାତି ଅପବିତ୍ରତା' ଭାବରେ ଦେଖାଯିବାରୁ ବିଶ୍ୱରେ ଭୟାବହ ସ୍ଥିତି ସୃଷ୍ଟି କରିଥିଲା। ଭାରତ ଚତୁରତାର ସହିତ ପ୍ରଣୟନ କରିଥିବା ଆଇନ ମାଧ୍ୟମରେ ଏହି ସମାନ କାର୍ଯ୍ୟ ହାସଲ କରିଛି। ଏହି ଆଇନ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ଧର୍ମ ପରିବର୍ତ୍ତନ କରିପାରିବେ କି ନାହିଁ ତାହା ଜଣେ ଅମଲାତନ୍ତ୍ରୀ ନିଷ୍ପତ୍ତି ନେବେ। ବିଗତ କିଛିବର୍ଷ ହେଲା ଭାଜପା ଆଣିଥିବା ଆଇନଗୁଡ଼ିକର କଠୋର ଆଇନଗତ ବ୍ୟବସ୍ଥା ଏଥିରେ ପୁନରାବୃତ୍ତି ହୋଇଛି। ଏଭଳି ଉଦ୍ଦେଶ୍ୟ ବା ମନୋଭାବ ୨୦୧୮ରେ ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟରେ ପ୍ରଥମେ ଦେଖାଯାଇଥିଲା। ଏହି ଆଇନରେ କିଛି ନୂତନତ୍ୱ ଥିଲା। ଏହି ଆଇନ ଆନ୍ତଃଧର୍ମ ବିବାହକୁ ରୋକିବା ପାଇଁ ଉଦ୍ଦିଷ୍ଟ ଏବଂ ଧର୍ମାନ୍ତରୀକରଣକୁ ଏହା ଅପରାଧ ଭାବେ ଦର୍ଶାଇଛି। କିନ୍ତୁ ଏହା କେବଳ 'ପୈତୃକ ଧର୍ମ'କୁ ପରିବର୍ତ୍ତନ କରିବା ପାଇଁ ସ୍ୱୀକୃତି ଦିଏ। ଏହି ଆଇନ ଗୃହୀତ ଏବଂ କାର୍ଯ୍ୟକାରୀ ହୋଇଥିଲେ ମଧ କୋର୍ଟରୁ କୌଣସି ପ୍ରତିରୋଧ ହୋଇ ନ ଥିଲା। ଏହି ପ୍ରକାର ଆଇନ ୨୦୧୯ରେ ହିମାଚଳ ପ୍ରଦେଶ, ୨୦୨୦ରେ ଉତ୍ତର ପ୍ରଦେଶ, ୨୦୨୧ରେ ମଧ୍ୟପ୍ରଦେଶ ଏବଂ ଗୁଜରାଟ, ୨୦୨୨ରେ ହରିୟାଣା ଏବଂ କର୍ନାଟକରେ ଆସିଥିଲା। ଉଲ୍ଲେଖନୀୟ ଯେ କର୍ନାଟକରେ ସରକାର ପରିବର୍ତ୍ତନ ହେଲେ ମଧ ଆଇନ ବଳବତ୍ତର ଅଛି। ସଚେତନ ପାଠକେ ଲକ୍ଷ୍ୟ କରିପାରିବେ ଯେ କୌଣସି ସ୍ଥାନରେ ଏସବୁକୁ ବିରୋଧ କରା ନ ଯିବାରୁ କିଛି ବର୍ଷ ମଧ୍ୟରେ ସ୍ଥିତି ମଜଭୁତ ହୋଇଗଲା। ଗୋମାଂସ ପ୍ରସଙ୍ଗରେ ସମାନ ବିଷୟ ପୁନରାବୃତ୍ତି ହୋଇଛି। ଗୋମାଂସ ରଖିବା ଅପରାଧ ବୋଲି ବିବେଚନା କରୁଥିବା ଆଇନଗୁଡ଼ିକ ପ୍ରଥମେ ୨୦୧୫ରେ ମହାରାଷ୍ଟ୍ର ଏବଂ ହରିୟାଣାର ଭାଜପା ସରକାର ଆଣିଥିଲେ। ଗୋମାଂସକୁ ନେଇ ଭିଡ଼ ହିଂସା ଭଳି ଏକ ନୂଆ ପ୍ରକାର ହିଂସା ଏହି ଆଇନ ସୃଷ୍ଟି କରିଥିଲା। ସାମ୍ବାଦିକତା ଜୀବନ ଭିତରେ ମୁଁ ଏହା ପୂର୍ବରୁ ଭିଡ଼ ହତ୍ୟା ଭଳି କଥା ଶୁଣି ନ ଥିଲି। କିନ୍ତୁ ଏହା ଏବେ ସାଧାରଣ ହୋଇଗଲାଣି। ଆମ ଚାରିପାଖରେ ବହୁ ହତ୍ୟା ଘଟଣା ଘଟୁଛି ଏବଂ ଆମ ଉଦାସୀନତା ଭାଜପାକୁ ତାହାର ଉଦ୍ଦେଶ୍ୟ ପୂରଣ ପାଇଁ ସୁଯୋଗ ଦେଉଛି। ୨୦୧୭ରେ ଗୁଜରାଟ ପାସ୍ କରିଥିବା ଏକ ଆଇନରେ ଗୋ-ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡ ବ୍ୟବସ୍ଥା ରଖାଗଲା। ଏହା ଏକ ଆର୍ଥିକ ଅପରାଧ, କିନ୍ତୁ କୌଣସି ଅହିଂସକ ଆର୍ଥିକ ଅପରାଧ କ୍ଷେତ୍ରରେ ଆଜୀବନ କାରାଦଣ୍ଡ ହୁଏ ନାହିଁ। ଯେଉଁମାନେ ଅନେକ କୋଟି ଟଙ୍କା ଚୋରି କରୁଛନ୍ତି ସେମାନଙ୍କୁ ଛାଡ଼ି ଦିଆଯିବା ଘଟଣା ଆମେ ଦେଖୁଛୁ।

କିଛି ସପ୍ତାହ ପୂର୍ବେ, ଉତ୍ତର ପ୍ରଦେଶ ସରକାର ସେପ୍ଟେମ୍ବର ୨୦୧୫ରେ ଘଟିଥିବା ପ୍ରଥମ ଅଖଲାକ୍‌ଙ୍କ ଭିଡ଼ ହିଂସାର ଅଭିଯୁକ୍ତଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବାକୁ ଚାହିଁଥିଲେ। ହେଲେ ବିଚାରପତି ଏହାକୁ ପ୍ରତ୍ୟାଖ୍ୟାନ କରି ଏକ ଦଶନ୍ଧିର ପୁରୁଣା ବିଚାର ଜାରି ରହିବ ବୋଲି କହିଛନ୍ତି। ତେବେ ଉଦାସୀନତା ଭରି ରହିଥିବା ଏକ ଦେଶରେ ଆମକୁ ବ୍ୟକ୍ତିଗତ ସ୍ତରରେ ସାହସିକ କାର୍ଯ୍ୟ କରିବାକୁ ପଡ଼ିବ। କେନ୍ଦ୍ରରେ କ୍ଷମତାରୁ ୨୦୦ ନିୟୁତ ଭାରତୀୟ ମୁସଲମାନଙ୍କୁ ସମ୍ପୂର୍ଣ୍ଣ ବାଦ୍ ଦିଆଯିବା ଏକ ସାଧାରଣ କଥା। ଭେଦଭାବକୁ ବୈଧ ଭାବେ ବିଚାର କରୁଥିବା ଏକ ଦେଶରେ ଏହା ଘଟିବ। ଏଭଳି ଭେଦଭାବପୂର୍ଣ୍ଣ ଉଦ୍ଦେଶ୍ୟ ଖ୍ରୀଷ୍ଟିଆନଙ୍କ ବାର୍ଷିକ ପର୍ବକୁ ହିଂସାତ୍ମକ ଭାବରେ ବାଧା ଦେବ ଏବଂ ଆମେ ଏହା ଦେଖୁଥିବୁ। ୨୦୧୯ରେ କେବଳ ଗୋଟିଏ ଧର୍ମର ଛାଡ଼ପତ୍ରକୁ ଅପରାଧୀକରଣ କରି ଏକ ଆଇନ ଆସିଥିଲା ଏବଂ ଅନ୍ୟ ସମସ୍ତଙ୍କ ପାଇଁ ଏହା ଏକ ନାଗରିକ ଅପରାଧ ହୋଇ ରହିଛି। ୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନରୁ କେବଳ ଗୋଟିଏ ଧର୍ମକୁ ବାଦ ଦେଇ ଏକ ଆଇନ ଆସିଥିଲା। ଗୁଜରାଟରେ ୨୦୧୯ରେ ଆଉ ଏକ କଠୋର ଆଇନ ଅଣାଯାଇଥିଲା, ଯେଉଁଥିରେ ସମ୍ପତ୍ତି କିଣିବା ଏବଂ ଭଡ଼ାରେ ନେବା ପାଇଁ ଗୋଟିଏ ଧର୍ମର ଭାରତୀୟଙ୍କୁ ବାରଣ କରାଯାଇଥିବାବେଳେ ବିଦେଶୀମାନେ ତାହା କରିପାରିବେ ବୋଲି କୁହାଯାଇଛି। ଆମକୁ କୁହାଯାଏ ଯେ, ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼ିବାରେ ଭାରତ ଆଗରେ ଥିଲା, କିନ୍ତୁ ଆଜି ଆମେ ଆମ ଦେଶରେ ଆରାମରେ ଭେଦଭାବକୁ ଆପଣାଇ ନେଇଛୁ। ଯଦି ଆମେ ଏଥିରେ ଅସନ୍ତୁଷ୍ଟ ଥାଆନ୍ତୁ ତେବେ ଏ ବିଷୟରେ କିଛି ପଦକ୍ଷେପ ନେଇଥାଆନ୍ତୁ। କିନ୍ତୁ ଆମେ ନିଷ୍କ୍ରିୟ ହୋଇଯାଇଛୁ। ତେବେ ଭାଜପାର ଉଦ୍ଦେଶ୍ୟ ଶିଥିଳ ପଡ଼ିବ ନାହିଁ କାରଣ ଏହା କିଛି ହାସଲ କରିବାକୁ ଚାହୁଁଛି। ନାଗରିକ ଉଦାସୀନତା ବି ସେମିତି ରହିବ। ନୂତନ ବର୍ଷରେ ପୁନର୍ବାର ଉଦ୍ଦେଶ୍ୟ ଏବଂ ଉଦାସୀନତାର ପୁନରାବୃତ୍ତି ହେବ।

Email:aakar.patel@gmail.com

# ସଙ୍କଟରେ ପକ୍ଷୀକୁଳ



ନିରଞ୍ଜନ ସାହୁ

ବିବର୍ତ୍ତନର ସ୍ତରକୁ ଲକ୍ଷ୍ୟ କଲେ ଜଣାଯାଏ ମଣିଷ ଆଗମନର ଢେର ଆଗରୁ ସୃଷ୍ଟି ହୋଇଥିଲେ ଉଦ୍ଭିଦମାନେ ଆଉ କ୍ରମେ ଉଦ୍ଭବ ହୋଇଥିଲେ ବିବିଧ ପ୍ରାଣୀ। ମଣିଷ ହେଉଛି ଶେଷ ପ୍ରାଣୀ। ମଣିଷ ଆସିବା ପରେ ପ୍ରକୃତି କ୍ରମଶଃ ପତନ ଅଭିମୁଖୀ ହୋଇଛି ବୋଲି ବିଚାର କରାଯାଏ ଏବଂ ତା'ର ପ୍ରମୁଖ କାରଣ ହେଲା ମଣିଷର ଧାରଣା ଯେ ସମଗ୍ର ପ୍ରକୃତି ତା'ର ବିଭିନ୍ନ ଉଦ୍ଦେଶ୍ୟ ସାଧନ କରିବା ପାଇଁ ଉଦ୍ଦିଷ୍ଟ। ମାତ୍ର ବାସ୍ତବ କଥା ହେଲା ପ୍ରକୃତି ବ୍ୟତିରେକ ମଣିଷର ସ୍ଥିତି ଅସମ୍ଭବ ତାହା ମଣିଷ ଜାଣିପାରେ ନାହିଁ। ତାହା ହିଁ ବିଡ଼ମ୍ବନା।

ପ୍ରକୃତିର ବିବିଧ ସମ୍ପଦ ଭିତରେ ଏକ ପରମ ସମ୍ପଦ ହେଉଛି ତା'ର ବିଚିତ୍ର ପକ୍ଷୀକୁଳ। ପକ୍ଷୀମାନେ କ୍ରମାଗତ ଭାବରେ କମିଯାଉଥିବା ଯେ ଏକ ବିରାଟ ସମସ୍ୟା ତାହା ବୁଝିବାକୁ ହୁଏତ ମଣିଷର ବେଳ ନାହିଁ। ଏକ ସ୍ଥୂଳ ଅଥଚ ଅସମତୁଲ ବିକାଶର ନକ୍‌ସା ଯେ ମଣିଷ ପାଇଁ ମୃତ୍ୟୁର ଘଣ୍ଟା ବଜେଇ ଦେଇପାରେ ତାହା ଜଳଜଳ ହୋଇ ଦିଶିଲାଣି।

ପୃଥିବୀରେ ଏଯାବତ୍ ପ୍ରାୟ କୋଡ଼ିଏ ହଜାର ପ୍ରକାରର ପକ୍ଷୀ ବସବାସ କରୁଛନ୍ତି ଏବଂ ସମୟକ୍ରମେ ତନ୍ମଧ୍ୟରୁ ପ୍ରାୟ ନଅହଜାର ପ୍ରଜାତି ବିଲୋପ ହୋଇଯାଇଛନ୍ତି। ଏବେ ସେମାନଙ୍କ ସଂଖ୍ୟା ପ୍ରାୟ ଏଗାର ହଜାର ପ୍ରଜାତିର। କେବଳ ଗତ ପାଞ୍ଚଶହ ବର୍ଷଭିତରେ ଦୁଇଶହରୁ ଅଧିକ ଶ୍ରେଣୀର ପକ୍ଷୀ ଲୋପ ପାଇଗଲେଣି। ପିଲାବେଳେ ଆମେ ଘର ପାଖରେ କେତେ କୁନିକୁନି ଘରଚଟିଆମାନ ଦେଖୁଥିଲେ। ଏବେ ସେମାନଙ୍କୁ ପାଇବା ସାତସପନ। ଆଗରୁ କେତେ ରକମର ଶାଗୁଣା ଉଡୁଥିଲେ। ଆଜିକାଲି ସେମାନେ ବି ନଜରରେ ପଡୁନାହାନ୍ତି। ଶାଗୁଣାଙ୍କୁ କୁହାଯାଏ ସେମାନେ ହେଉଛନ୍ତି ପ୍ରକୃତରେ ପରିଷ୍କାରକ। ବିଶେଷତଃ କୌଣସି ପ୍ରାଣୀର ମୃତ୍ୟୁ ହେଲେ କିଛି ସମୟ ପରେ ସେଠାରେ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟିହୁଏ। ଶାଗୁଣା ପଲ ସେହି ଶବକୁ ଖାଇଯିବା ଫଳରେ ଦୁର୍ଗନ୍ଧ ଅଳ୍ପ ସମୟ ଭିତରେ ନିବାରିତ ହୁଏ। ଅର୍ଥାତ୍ ପ୍ରକୃତିର ସଂରକ୍ଷଣ ପାଇଁ ଏଇମିତି ବହୁବିଧ ବ୍ୟବସ୍ଥା ନିଜେ ପ୍ରକୃତି ସୃଷ୍ଟି କରିଥିଲା।

ଆମେ ଭାବୁଥିବା ପକ୍ଷୀମାନେ ତ ଆମର ଶସ୍ୟ ନଷ୍ଟ କରିପକାନ୍ତି, ସେମାନେ କିପରି ମଣିଷର ବନ୍ଧୁ ହୋଇପାରନ୍ତି? ମାତ୍ର ବୋଧହୁଏ ଆମେ ଭୁଲି ଯାଉଛନ୍ତି ଯେ ଯେଉଁ ଖାଦ୍ୟଶସ୍ୟଗୁଡ଼ିକ ଆମର ଜୀବନ ଧାରଣର ପ୍ରଥମ ଅବଲମ୍ବନ ସେଗୁଡ଼ିକର ବଡ଼ଶତ୍ରୁ ହେଉଛନ୍ତି ବିଭିନ୍ନ ରକମର କୀଟ। ସେମାନେ ଏତେ ସଂଖ୍ୟାରେ ଅଛନ୍ତି ଯେ ହୁଏତ ମଣିଷ ଭାଗ୍ୟରେ ଖାଦ୍ୟଶସ୍ୟ ପହଞ୍ଚନ୍ତା ନାହିଁ। ପକ୍ଷୀମାନଙ୍କର ସେଇ କୀଟମାନେ ହେଉଛନ୍ତି ପ୍ରମୁଖ ଆହାର। ତେଣୁ ପ୍ରକୃତିର ବୈଚିତ୍ର୍ୟକୁ ଅନୁଭବ କଲେ ଆମେ ଜାଣିପାରିବା ପକ୍ଷୀମାନେ କେମିତି ମଣିଷ ସମାଜ ପାଇଁ ବରଦାନ ସଦୃଶ।

ପୃଥିବୀର ସ୍ଥିତି ପାଇଁ ବୃକ୍ଷର ଦାୟିତ୍ୱ କେତେ ଅଧିକ ତାହା ଆମେ ଜାଣୁ। ତା'ର ବଡ଼ କାରଣ ହେଲା କେବଳ ଏହା ଆମର ଖାଦ୍ୟ ରୂପରେ ବ୍ୟବହୃତ ହୁଏ ନାହିଁ। ଏହା ଆମର ଜୀବନ ଧାରଣର ପ୍ରାଥମିକ ସାଧନ ଅମ୍ଳଜାନର ସୃଷ୍ଟି କର୍ତ୍ତା। ମାତ୍ର ଏତେସଂଖ୍ୟକ ଗଛ ସାରା ପୃଥିବୀରେ କିଏ ସୃଷ୍ଟିକଲା ତା'ର ଉତ୍ତର ହେଉଛି ଏଇ ପକ୍ଷୀମାନେ। ସେମାନେ ବୀଜବିକ୍ଷେପ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଫଳ ଖାଇବା ପରେ ମଳତ୍ୟାଗ କରୁଥିବାରୁ ଗଛମାନ ବିଭିନ୍ନ ସ୍ଥାନରେ ସୃଷ୍ଟି ହୁଅନ୍ତି। ପକ୍ଷୀମାନେ ଏକ ପରିବେଶରେ ଜୀବନ ସଂଚାର କରନ୍ତି। ସେମାନଙ୍କର ବିବିଧ ସ୍ୱରରେ ମୁଖରିତ ହୁଏ ବାୟୁମଣ୍ଡଳ ଏବଂ ଏହା ମଣିଷର ଆବେଗିକ ଓ ଭାବନାତ୍ମକ ଦିଗକୁ ଉଜ୍ଜୀବିତ କରେ।

ପୌରାଣିକ ଯୁଗରେ ପକ୍ଷୀମାନେ ଅନେକ ସମୟରେ ମଣିଷକୁ କେବଳ ନୁହେଁ ଏପରି କି ଭଗବାନଙ୍କୁ ବି ସହାୟତା ଦେଇଛନ୍ତି - ଯେପରି ବିଷ୍ଣୁଙ୍କର ବାହନ ହେଉଛନ୍ତି ଗରୁଡ଼। ଗରୁଡ଼ଙ୍କୁ ହୁଏତ ଆପଣ କଳ୍ପନା କରିପାରିବେ ଏକ ପ୍ରଭୂତ ଶକ୍ତି ଓ ବେଗସମ୍ପନ୍ନ ବିମାନ ଭଳି, ଅର୍ଥାତ୍ ଯେଉଁଠି କି ଭଗବାନ ବିଷ୍ଣୁ ଚାହିଁବେ ସେଇଠିକି ତାଙ୍କର ବାହନ ଗରୁଡ଼ ତାଙ୍କୁ ତୁରନ୍ତ ପହଞ୍ଚେଇ ଦେଇପାରିବେ। ଏ ସମ୍ପର୍କରେ ଥିବା ଏକ ପ୍ରାଚୀନ ଗଳ୍ପ ବେଶ୍ ରୋମାଞ୍ଚକର।

ଦିନେ ଯମରାଜ ଦେଖିଲେ ଛୋଟିଆ ପକ୍ଷୀଟିଏ ଗଛରେ ବସିଛି। ସେ ଚିନ୍ତାରେ ପଡ଼ିଲେ। କାରଣ ମୃତ୍ୟୁର ଦେବତା ଭାବିଲେ ଆଉ କିଛି ସମୟ ଭିତରେ ତ ଏଇ ଟିକି ପ୍ରାଣୀଟିର ମୃତ୍ୟୁ ଯୋଗ ରହିଛି, ମାତ୍ର ସେଇ ମୃତ୍ୟୁ ଯୋଗ ହେବା କଥା ସେଠାରୁ ଯୋଜନ ଯୋଜନ ଦୂରରେ। ଟିକି ଛଢ଼େଇଟି ତ ଏତେ କମ୍ ସମୟରେ ସେଠାରେ ପହଞ୍ଚି ପାରିବ ନାହିଁ। ଏତିକି ବେଳେ ଯମରାଜ ଦେଖିଲେ ଯେ ସେଇ ଗଛ ଡାଳରେ ଗରୁଡ଼ଙ୍କର ଆବିର୍ଭାବ। ତାଙ୍କୁ ଜାଣିବାକୁ ବାକିରହିଲା ନାହିଁ ଯେ ସେଇଠି ଭଗବାନ ବିଷ୍ଣୁ କେଉଁଠି ନିକଟରେ ଅଛନ୍ତି। ଏତିକିବେଳେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ କହିଲେ ଗୋଟିଏ ଦୂରଯାତ୍ରାକୁ ଯିବାର ଅଛି, ତାହା ଶୁଣୁଶୁଣୁ ଯମ ଏକାନ୍ତରେ ହସିଦେଲେ।



ଗରୁଡ଼ ହସର କାରଣ ପଚାରନ୍ତେ ଯମରାଜ କହିଲେ ଆଉ କିଛି ସମୟ ପରେ ସେ ସେଇ ହସର ରହସ୍ୟ ବୁଝେଇ ଦେଇପାରିବେ। ଏତିକିବେଳେ ଗରୁଡ଼ ଆସି ପହଞ୍ଚିଲେ ଏବଂ ଗରୁଡ଼ ଅନୁମାନ କଲେ ଯମଙ୍କର ନଜର ପକ୍ଷୀଟିକୁ ବୋଧହୁଏ ପଡ଼ିଛି। ସେ ପକ୍ଷୀଟିକୁ ତୁରନ୍ତ ବିମାନ ତଳେ ରଖିଥିଲେ ଏବଂ ଭାବିଲେ ପକ୍ଷୀଟି ରକ୍ଷା ପାଇଗଲା। ତା' ପରେ ସେ ଆକାଶ ମାର୍ଗକୁ ଉଠିଲେ ଓ ଅଦୃଶ୍ୟ ହୋଇଗଲେ। ଅଳ୍ପ ସମୟ ଭିତରେ ବିଷ୍ଣୁଙ୍କର ବାହନ ଯୋଜନ ଯୋଜନ ଅତିକ୍ରମ କରି ଗୋଟିଏ ଜାଗାରେ ପହଞ୍ଚିଲେ, ଏତିକିବେଳେ ନିଶ୍ଚିତ ହେଲେ ଯେ ଯମଙ୍କ କୋପରୁ ସେ ପକ୍ଷୀଟିକୁ ବଞ୍ଚେଇ ଦେଇଛନ୍ତି। ପକ୍ଷୀର ସୁରକ୍ଷା ପାଇଁ ସେ ଗଛର କୋରଡ଼ରେ ଛାଡ଼ିଦେଲେ, ମାତ୍ର ବିଧାତାଙ୍କ ବିଧାନ ବିଚିତ୍ର। ସେଇ ଗଛ କୋରଡ଼ରେ ଥିବା ସର୍ପଟି ପକ୍ଷୀଟିକୁ ତୁରନ୍ତ ଗିଳିଦେଲା। ଏହା ଏକ କୌତୂହଳପୂର୍ଣ୍ଣ ଗଳ୍ପ ହୋଇପାରେ, ମାତ୍ର ମୃତ୍ୟୁ କିପରି ଅବଶ୍ୟମ୍ଭାବୀ ତାହା ପ୍ରମାଣ କରିବା ଏହାର ଲକ୍ଷ୍ୟ ଏବଂ ଏଥିରେ ଗରୁଡ଼ ପରି ଅତି ବେଗବାନ ପକ୍ଷୀ ହିଁ କେବଳ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ।

କେବଳ ଗରୁଡ଼ ନୁହେଁ ଦେବୀ ସରସ୍ୱତୀଙ୍କର ବାହନ ହଂସ, କାର୍ତ୍ତିକଙ୍କ ବାହନ ମୟୂର, ଲକ୍ଷ୍ମୀଙ୍କ ବାହନ ପେଚକ ଏବଂ ଶନିଙ୍କ ବାହନ କୁଆ। ଏହା ପଛରେ ବୈଜ୍ଞାନିକ କାରଣ ନାହିଁ ସିନା ଏହି ପକ୍ଷୀମାନଙ୍କର ବିଶେଷଗୁଣ ରହିଥିବାରୁ ସେମାନଙ୍କୁ ବିଭିନ୍ନ ଦେବଦେବୀ ନିଜର ବିମାନ ଦାୟିତ୍ୱ ଦେଇଥାନ୍ତି।

କେତେ ସାହିତ୍ୟ ଓ ଦର୍ଶନକୁ ଯୁଗେ ଯୁଗେ ପ୍ରଭାବିତ କରିଛନ୍ତି ପକ୍ଷୀକୁଳ। ସେମାନେ ହୋଇଛନ୍ତି ମୁକ୍ତିର ପ୍ରତୀକ। ସାରା ଆକାଶ ତାଙ୍କର ବିଚରଣସ୍ଥଳ, ରାମାୟଣରେ ଜଟାୟୁ ପରି ଏକ ଚରିତ୍ରର ଅବତାରଣା କରିଛନ୍ତି ମହାକବି ବାଲ୍ମୀକି। ରାବଣ ଯେତେବେଳେ ମାତାସୀତାଙ୍କୁ ଅପହରଣ କରି ନେଇଯିବାକୁ ଆକାଶ ମାର୍ଗରେ ନିଜର ପୁଷ୍ପକ ବିମାନକୁ ମୁତୟନ କରିଛନ୍ତି ସେତେବେଳେ ବହୁ ପଶୁପକ୍ଷୀ ବାହୁନୁଛନ୍ତି, ମାତ୍ର ଜଟାୟୁ ଏକମାତ୍ର ପକ୍ଷୀ ଯିଏ କି ତାଙ୍କୁ ସଶକ୍ତିବିରୋଧ କରିଛି। ଅନ୍ୟାୟ ବିରୋଧରେ ଯୁଦ୍ଧ କରି ପ୍ରାଣ ହରେଇବାକୁ ଯାଉଥିବା ଜଟାୟୁ ପାଖରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ମାତାସୀତାଙ୍କ ଅପହରଣ ଘଟଣା ଜାଣିବାକୁ ପାଇଛନ୍ତି ଏବଂ ତାଙ୍କଠାରେ କୃତଜ୍ଞତା ଜଣେଇଛନ୍ତି। ଯେସବୁ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ଯୁଗେ ଯୁଗେ ପକ୍ଷୀମାନେ କେବଳ ସ୍ଥୂଳ ଭାବରେ ମଣିଷ ସମାଜକୁ ସାହାଯ୍ୟ କରିନାହାନ୍ତି ସେମାନେ ମଣିଷର ଆବେଗକୁ କରିଛନ୍ତି ସକାରାତ୍ମକ।

ଆଜି ପ୍ରକୃତି ଉପରେ ଦାଉ ସାଧୁଛି ମଣିଷ। କ୍ରମେ ସଂକୁଚିତ ହୋଇଯାଉଛି ବନ୍ୟ ଅରଣ୍ୟଟି ଆଉ ତା' ସହିତ କମି ଆସୁଛି ପକ୍ଷୀକୁଳର ଆଶ୍ରୟସ୍ଥଳ। ମାଂସ ପାଇଁ ଚାଲିଛି ପକ୍ଷୀ ଶିକାର। ଏପରି କି ପକ୍ଷୀ ଅଭୟାରଣ୍ୟରେ ପଡ଼ିଛି ଶିକାରୀର ଲୋଲୁପ ଦୃଷ୍ଟି। ଜଳବାୟୁର ପରିବର୍ତ୍ତନ ଆଣୁଛି ବିବିଧ ଭୟଙ୍କର ପ୍ରାକୃତିକ ପ୍ରକୋପ ଓ ତା' କବଳରେ ପକ୍ଷୀକୁଳ ତ୍ରସ୍ତ ଓ ଭୟାର୍ତ୍ତ। ମଣିଷର କ୍ରୂରବୁଦ୍ଧି ଆଗରେ ପକ୍ଷୀଟିଏ ବଞ୍ଚିବାର ବାଟ ବନ୍ଦ ହୋଇଯାଉଛି। ଏଇ ଧାରା ଅବ୍ୟାହତ ରହିଲେ ହୁଏତ ଆଉ କିଛି ବର୍ଷ ଭିତରେ ଯେଉଁ ଖାଦ୍ୟ ସଙ୍କଟ ସୃଷ୍ଟିହେବ ତାହାର ସମ୍ମୁଖୀନ ହେବାକୁ ମଣିଷର ଜୁ' ନ ଥିବ, ମଣିଷ କ'ଣ କେବେ ସେକଥା ଚିନ୍ତା କରୁଛି?

-ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧

# ସର୍ବୋତ୍ତମ ପ୍ରତିନିଧିତ୍ୱ ବ୍ୟବସ୍ଥା



ରବିନାରାୟଣ ସାମଲ

ଦକ୍ଷତା, ଯୋଗ୍ୟତା ଓ ଲୋକପ୍ରିୟତା ନିର୍ବିଶେଷରେ ହାତୀ ସୁନାକଳସ ଢାଳିଲା ପରି ଆମ ଲୋକପ୍ରତିନିଧିମାନେ ସଦନକୁ ନିର୍ବାଚିତ ହୋଇଯାଉଛନ୍ତି। ନିର୍ବାଚନର ନୀତି ନିୟମ ଅନୁଯାୟୀ ଜଣେ ପ୍ରାର୍ଥୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଖଣ୍ଡେ ମାତ୍ର ଭୋଟ ଅଧିକ ପାଇଲେ ସେ ନିର୍ବାଚିତ ହେଲେ ବୋଲି ଧରାଯାଏ। ରାଜନୀତିରେ କ-ଖ-ଚ ଜାଣି ନ ଥିବା ପ୍ରାର୍ଥୀମାନେ ବି ସଂସଦ ଓ ବିଧାନସଭାକୁ ନିର୍ବାଚିତ ହେଲାଭଳି ଉଦାହରଣ ଆମ ଇତିହାସରେ ବିରଳ ନୁହେଁ। ଏକଦା ପ୍ରଖ୍ୟାତ ରାଜନୀତିଜ୍ଞ ହେମବତୀ ନନ୍ଦନ ବହୁଗୁଣାଙ୍କୁ ହରାଇ ସିନେ ତାରକା ଅମିତାଭ ବଚ୍ଚନ ସଂସଦକୁ ନିର୍ବାଚିତ ହୋଇଥିଲେ। ମିର୍ଜାପୁର ଆସନରୁ ଦସ୍ୟୁ ନାୟିକା ଫୁଲନ ଦେବୀ, ସୋହାଗପୁର ଆସନରୁ କିନ୍ନର ପ୍ରାର୍ଥୀ ସବ୍‌ନମ୍ ମୌସୀ ଏବଂ ବିହାରରୁ ବାହୁବଳୀ ପପୁ ଯାଦବ ନିର୍ବାଚିତ ହେବା କଥା ସମସ୍ତେ ଜାଣନ୍ତି। ଏମାନଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳି ନ ଥିଲା ତ ଆଉ କ'ଣ କୁହାଯାଇ ପାରେ?

ଆମ ଦେଶର ବିଧାନସଭାଗୁଡ଼ିକରେ ବିଧାୟକଙ୍କ ମୋଟ ସଂଖ୍ୟା ୪,୦୩୩। ସେମାନଙ୍କ ମଧ୍ୟରୁ ଶତକଡ଼ା ୨୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି ଶତକଡ଼ା ୪୭ ଜଣ ମନ୍ତ୍ରୀ ଅଭିଯୁକ୍ତ ତାଲିକାରେ ଅଛନ୍ତି। ଆମ ରାଜ୍ୟର ୮୫ ଜଣ ବିଧାୟକଙ୍କ ନାମରେ ଅଛି ଆପରାଧିକ ମାମଲା। କୌଣସି ମତଦାତା କ'ଣ କେବେ ଚାହିଁବ ଜଣେ ଅଭିଯୁକ୍ତଙ୍କୁ ତା' ଭୋଟ ଖଣ୍ଡିକ ଦେଇଦେବାକୁ?

କୋଟିପତିଙ୍କ ସଂଖ୍ୟା ଦେଖିଲେ, ଲୋକ ସଭାରେ ୫୪୩ ଜଣ ସାଂସଦଙ୍କ ମଧ୍ୟରୁ ୫୦୪ ଜଣ କୋଟିପତି। ଓଡ଼ିଶା ବିଧାନସଭାରେ ୧୪୭ ଜଣ ବିଧାୟକଙ୍କ ମଧ୍ୟରୁ ୧୦୭ ଜଣ କୋଟିପତି। ଏହି ଲୋକପ୍ରତିନିଧିମାନେ ଲକ୍ଷ ଲକ୍ଷ ଭୋଟରେ ଜିତିଯିବା କମ୍ ବିଡ଼ମ୍ବନାର ବିଷୟ ନୁହେଁ।

ରାଜ୍ୟ ଓ କେନ୍ଦ୍ରରେ ଯେଉଁ ଦଳ ସରକାର ଗଠନ କରିଛନ୍ତି ସେମାନେ କମ୍ ଭୋଟ ପାଇ ବେଶି ଆସନ ଦଖଲ କରିଛନ୍ତି। ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନକୁ ତର୍ଜମା କଲେ ଏହା ଅଧିକ ସ୍ପଷ୍ଟ ହୁଏ। ଭାଜପା ଶତକଡ଼ା ୨୦ ଭାଗ ଭୋଟ ପାଇ ୮୯ଟି ଆସନ, ଜେଡିୟୁ ଶତକଡ଼ା ୧୯ ଭାଗ ଭୋଟ ପାଇ ୮୫ଟି ଆସନ ଏବଂ ଆର୍‌ଜେଡି ଶତକଡ଼ା ୨୩ ଭାଗ ଭୋଟ ପାଇ ୨୫ଟି ଆସନ ଦଖଲ କରିଛି। ଭୋଟ କମ୍ ଆସନ ବେଶି, ଆସନ କମ୍ ଭୋଟ ବେଶି। ବିହାର ବିଧାନସଭା ନିର୍ବାଚନରେ ଶତକଡ଼ା ୬୭ ଭାଗ ଭୋଟର ଭୋଟ ଦେଇଥିଲେ। ଅବଶିଷ୍ଟ ୩୩ ଭାଗ ଭୋଟର ଭୋଟଦାନରୁ ବିରତ ରହିଥିଲେ। ଏନ୍‌ଡିଏ ମେଣ୍ଟ ଶତକଡ଼ା ୪୬ ଭାଗ ଭୋଟ ପାଇ ସରକାର ଗଠନ କରିଛି। ସୁତରାଂ ଏନ୍‌ଡିଏ ବିପକ୍ଷରେ ୫୪ ଭାଗ ଭୋଟ ପଡ଼ିଛି। ଗାଣିତିକ ଭାବେ



ଅନୁଶୀଳନ କଲେ ଶହକେ ମାତ୍ର ୧୩ ଜଣଙ୍କ ଭୋଟ ପାଇଥିବା ଏନ୍‌ଡିଏ ଅବଶିଷ୍ଟ ୮୭ ଜଣଙ୍କ ଉପରେ ଶାସନ କରୁଛି। ଏହି ଧରଣର ନିର୍ବାଚନ ପଦ୍ଧତି ଯୋଗୁ ଆମ ଦେଶରେ ସରକାରୀ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ। ନିର୍ଦ୍ଦିଷ୍ଟ କେତେଜଣ ମୁଷ୍ଟିମେୟ ଜନତାଙ୍କ ସ୍ୱାର୍ଥସାଧନରେ ଏହା ସହାୟକ ହେଉଛି। ବାସ୍ତବ ପକ୍ଷେ ଯୋଜନା ବାଟବଣା ହୋଇଯାଉଛି। କହିବା ନିଷ୍ପ୍ରୟୋଜନ ଯେ ଦକ୍ଷ ଓ ନିଃସ୍ୱାର୍ଥପର ଲୋକପ୍ରତିନିଧିଙ୍କ ଅଭାବରୁ ଦେଶର ବିକାଶ ବାଧାପ୍ରାପ୍ତ ହେଉଛି।

ପାଞ୍ଚ ବର୍ଷର ଅବଧି ପୂରଣ ପୂର୍ବରୁ ରାଜ୍ୟ ତଥା ଦେଶର ସରକାର ଭାଙ୍ଗିଯିବା, କୋଟି କୋଟି ଟଙ୍କାରେ ଆମ ପ୍ରତିନିଧିମାନେ ମୁଣ୍ଡ ବିକିବା, ଏ ଦଳ ଛାଡ଼ି ସେ ଦଳକୁ ଡେଇଁପଡ଼ିବା, ଆସ୍ଥା-ଅନାସ୍ଥାରେ ସରକାର ଇସ୍ତଫା ଦେବା ଆଦି ଘଟଣା ଆମେ ବହୁବାର ଦେଖିଛନ୍ତି। ବାରମ୍ବାର ନିର୍ବାଚନ ସଂସ୍କାର ହେଉଛି, ମାତ୍ର ଏହାର କୌଣସି ସମାଧାନ ହୋଇପାରୁ ନାହିଁ।

ଆମ ବିଚାରରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଏସବୁ ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିପାରିବ। ଏହି ବ୍ୟବସ୍ଥାରେ ନିର୍ବାଚନରେ କୌଣସି ପ୍ରାର୍ଥୀ ନ ଲଢ଼ି ପାର୍ଟି ଲଢ଼ିବ। ଯେଉଁ ଦଳ ଶତକଡ଼ା ଯେତେ ଭୋଟ ପାଇବ ସେହି ଅନୁପାତରେ ସଂସଦ ଓ ବିଧାନସଭାକୁ ପ୍ରତିନିଧି ପଠାଇ ପାରିବ। ନିର୍ବାଚନ ପୂର୍ବରୁ ଦଳ ଦାଖଲ କରିଥିବା ଯୋଗ୍ୟ ତାଲିକାରୁ ନିର୍ବାଚନ କମିଶନ ପ୍ରତିନିଧି ଗ୍ରହଣ କରିବେ। ପରିଣାମରେ ସରକାର ଏକକ କିମ୍ବା ମିଳିତ ହୋଇପାରେ। କୌଣସି ପ୍ରତିନିଧିଙ୍କ ମୃତ୍ୟୁ ଘଟିଲେ ବା ସେ ଇସ୍ତଫା ଦେଲେ ସେହି ଆସନରେ ପୁଣି ଉପନିର୍ବାଚନ ହେଉଛି। କିନ୍ତୁ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ତାହା ହେବ ନାହିଁ। ପୂର୍ବ ପ୍ରଦତ୍ତ କ୍ରମ ତାଲିକାରୁ ନିର୍ବାଚନ କମିଶନ ପରବର୍ତ୍ତୀ ପ୍ରତିନିଧି ଗ୍ରହଣ କରିବେ। ମନ୍ତ୍ରିମଣ୍ଡଳ ପୂରା ଅବଧି ପୂର୍ଣ୍ଣ କରିବ। ମଧ୍ୟବର୍ତ୍ତିକାଳୀନ ନିର୍ବାଚନର ପ୍ରଶ୍ନ ଉଠିବ ନାହିଁ। ଅନ୍ୟ ପକ୍ଷରେ ଅସାଧୁ ଓ ଅପରାଧୀମାନେ ପ୍ରତିନିଧି ହେବାରୁ ବଞ୍ଚିତ ହେବେ। ଅର୍ଥବଳ ଓ ବାହୁବଳର ପତିଆରା ଏଠାରେ ଅକାମୀ ହୋଇଯିବ।

ବିଶ୍ୱରେ ୮୫ଟି ଦେଶରେ ଏହି ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। ସେଗୁଡ଼ିକ ମଧ୍ୟରୁ ଜର୍ମାନୀ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ବ୍ରାଜିଲ, କଲମ୍ବିଆ, କ୍ରୋଏସିଆ, ଡେନ୍‌ମାର୍କ, ସ୍ୱିଡେନ୍, ଇଣ୍ଡୋନେସିଆ, ୟୁରୋପିଆନ ୟୁନିଅନ୍ ଅନ୍ୟତମ।

୧୯୯୬ରେ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳ ଏହି ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯୯୯ରେ ଲ' କମିଶନ ମଧ୍ୟ ଏହାକୁ ଅନୁମୋଦନ କରିଥିଲା। ମାତ୍ର କେତେକ ସ୍ୱାର୍ଥାନ୍ୱେଷୀ ପ୍ରଭାବଶାଳୀ ରାଜନେତାଙ୍କ କୁଚକ୍ରାନ୍ତ ଯୋଗୁ ଏହା ଶୀତଳ ଭଣ୍ଡାରକୁ ଚାଲିଗଲା। ଏବେ ବି ସମୟ ଅଛି ଦେଶରେ ଏହାକୁ ଲାଗୁ କରିବା ଶ୍ରେୟସ୍କର ହେବ। ଏଥିସକାଶେ ସମ୍ବିଧାନ ସଂଶୋଧନର ଆବଶ୍ୟକତା ନାହିଁ। ସଂଖ୍ୟାଧିକ ମତରେ ଏହା ପାର୍ଲାମେଣ୍ଟରେ ଗୃହୀତ ହୋଇପାରିବ। ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ବିପର୍ଯ୍ୟସ୍ତ କରିବାକୁ ଯାଉଥିବା 'ଏକ ଦେଶ, ଏକ ନିର୍ବାଚନ' ପ୍ରକ୍ରିୟା ଆପେ ଆପେ ବିପର୍ଯ୍ୟୟର ସମ୍ମୁଖୀନ ହେବ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ର ଜଣେ ପୂର୍ବତନ ଅଧିକାରୀ ଉତ୍କୃଷ୍ଟ ପାଣ୍ଡେ। ଜୈବିକ ପଦ୍ଧତିରେ ସେ ହଳଦୀ ଏବଂ ଧାନଚାଷ କରି ବିହନ ସଂରକ୍ଷଣ କରୁଛନ୍ତି। ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ଏହି ଚାଷ କରୁଛନ୍ତି। ଜୈବିକ ପଦ୍ଧତିରେ ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନମକ ବାସ୍ନାଧାନ ଚାଷରେ ସେ ସଫଳତା ପାଇଛନ୍ତି। ପାଣ୍ଡେ ଏବେ ୭ ଏକର ପରିମିତ ଫାର୍ମରେ ଚାଷ କରୁଛନ୍ତି। ଏହି ଫାର୍ମର ନାମ ଦେଇଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ତାଙ୍କ ଫାର୍ମରେ ବିଶେଷକରି କଳା ହଳଦୀ ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଏହା ବ୍ୟତୀତ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ହଳଦୀ ଚାଷରେ ସହଯୋଗ କରୁଛନ୍ତି। ଫାର୍ମର ସବୁ କାମ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଛି। ଗୋପାଳନ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ସେ ମଧ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ ଲଗାଇଛନ୍ତି। ଚନ୍ଦନ ବୃକ୍ଷ ରୋପଣକୁ ବ୍ୟାପକ କରିବା ସକାଶେ ସେ 'ହର୍ ଘର୍ ଚନ୍ଦନ' ବା 'ପ୍ରତି ଘରେ ଚନ୍ଦନ' ଅଭିଯାନ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସେ ୫୦,୦୦୦ ଚନ୍ଦନ ଚାରା ଉତ୍ତାରି ଲୋକମାନଙ୍କୁ ଯୋଗାଇ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୭୬

- ସୁପରିଚିତ ହିନ୍ଦୀ ସାହିତ୍ୟିକ ଓ ବିପ୍ଳବୀ ଯଶପାଲଙ୍କ ୭୩ ବର୍ଷ ବୟସରେ ପରଲୋକ।
- ଶ୍ରୀ ବିନାୟକ ଆଚାର୍ଯ୍ୟ ରାଜ୍ୟ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ।
- ରେଙ୍ଗାଲି ଓ ଅପରକୋଲାବ ଜଳବିଦ୍ୟୁତ୍ ଯୋଜନା ସମେତ ୩୦ଟି ଶକ୍ତି ପ୍ରକଳ୍ପକୁ ଯୋଜନା କମିଶନଙ୍କ ମଞ୍ଜୁରୀ।
- ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଶିଶିର କୁମାର ମିତ୍ରଙ୍କ ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ମନ୍ଥର ଧୀର ଅତି
ଅଚପଳ ଜଳଗତି
ତଳେ ତା'ର ତାଳଗଛ ଛାଇରେ
କାଟିଛି ସରଳ ରେଖା ମହୀରେ ।
(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 2 | 8 | | | 7 | |
| | 6 | | | 1 | | | | |
| | | | | | | 4 | 2 | |
| 4 | | 9 | | | | | | |
| | | | | 7 | | 2 | | |
| | | 3 | | | | 1 | 5 | |
| | 4 | 6 | 7 | | | | | |
| 3 | 8 | | 6 | | 4 | | | |
| 7 | | | | 2 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 4 | 7 | 5 | 8 | 1 | 9 |
| 8 | 7 | 9 | 1 | 2 | 6 | 3 | 4 | 5 |
| 1 | 4 | 5 | 8 | 3 | 9 | 6 | 2 | 7 |
| 9 | 2 | 8 | 3 | 1 | 4 | 5 | 7 | 6 |
| 7 | 1 | 3 | 6 | 5 | 2 | 4 | 9 | 8 |
| 6 | 5 | 4 | 7 | 9 | 8 | 2 | 3 | 1 |
| 3 | 6 | 7 | 2 | 8 | 1 | 9 | 5 | 4 |
| 5 | 8 | 2 | 9 | 4 | 7 | 1 | 6 | 3 |
| 4 | 9 | 1 | 5 | 6 | 3 | 7 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦରମା-ଭତ୍ତା ବୃଦ୍ଧି ନୁହେଁ, ରାଜକୋଷ ଲୁଟ୍

ମହାଶୟ,
ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭାର ବୈଠକ ମୁଲତବୀ କଲେ ଏବଂ ତା' ପୂର୍ବରୁ ରାଜନେତା ଏବଂ ବିଧାୟକମାନଙ୍କର ଅହେତୁକ ଦରମା ଏବଂ ଭତ୍ତା ବୃଦ୍ଧି କରି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କଲେ। ଭାରତ ବର୍ଷର ସବୁ ରାଜ୍ୟଠାରୁ ଅଧିକ ଦରମା ଏବଂ ଭତ୍ତା ଘୋଷଣା କରି ସମସ୍ତଦଳର ସଭ୍ୟମାନେ ଖୁସି ହୋଇଗଲେ। ଭାଷଣ ବାଜିରେ ନିଜକୁ ଜନତାଙ୍କ ସେବକ ବୋଲି କହୁଥିବା ନେତାମାନେ ଭୁଲିଗଲେ ଯେ, ଆମ ରାଜ୍ୟରେ ଅର୍ଦ୍ଧାଧିକ ହେଲେ କୃଷକ, ଶ୍ରମିକ ଏବଂ ଦାଦନ ; ଯେଉଁମାନଙ୍କ ମାସିକ ସର୍ବନିମ୍ନ ଆୟ ୫ ହଜାର ୧୧୧ ଟଙ୍କା। ନେତାଙ୍କ ବେତନ ଓ ଭତ୍ତା ବଢ଼ିଲା ବେଳକୁ ରାଜ୍ୟରେ ବେରୋଜଗାର ଅତ୍ୟଧିକ ବୃଦ୍ଧି ପାଇଲାଣି। ଫଳରେ ଶିକ୍ଷିତ ବେକାର ଯୁବକମାନେ ମାଫିଆ ସାଜି ଅସାଧୁ ନେତା ଏବଂ ଅଫିସରଙ୍କ ସହିତ ଭାଗୀଦାରି ବେପାର କରି ସାମାଜିକ ସମସ୍ୟାକୁ ଜଟିଳ କରୁଛନ୍ତି। ଏବକାର ସ୍ଥିତିରେ ଆନ୍ଦୋଳନ କରିବାକୁ କମ୍ୟୁନିଷ୍ଟ ବି ନାହାନ୍ତି। ଏବେ ସମସ୍ତେ ଏକାକାର।

**- ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀ




ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଓଡ଼ିଶା ଶାଖାର ୧୭ତମ ପ୍ରାଦେଶିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୨୭।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସ୍ଥିତ ବିଦ୍ୟା ହେରିଟେଜ ଠାରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଓଡିଶା ଶାଖାର ୧୭ତମ ପ୍ରାଦେଶିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ଏସ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମ୍ମିଳନୀର ଉଦଘାଟନ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ୬୦୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟ ଯୋଗଦାନ କରିଥିଲେ। ରାଜ୍ୟ ସଭାପତି ବିନିତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମେଳନରେ ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷା ଅଞ୍ଜୁ ସରାଓଗି, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନିଶା ମୋଦି, ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷା ପ୍ରେମା ପାନସାରୀ ଏବଂ ପୁଷ୍ପା ଖୈତାନ, ବଲାଙ୍ଗୀର ଶାଖା ସଭାପତି ଲକ୍ଷ୍ମୀ ଅଗ୍ରୱାଲ, ସମ୍ପାଦକ ଜ୍ୟୋତି ଅଗ୍ରୱାଲ ମଞ୍ଚାସୀନ ଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ପିଙ୍କି ମୋଦୀ ସଭା ପ୍ରାରମ୍ଭିକ ବକ୍ତବ୍ୟ ଏବଂ ବିବରଣୀ ପାଠ କରିଥିଲେ। ଏହି ସମ୍ମେଳନରେ ପୂର୍ବତନ ରାଜ୍ୟ ସଭାପତି ସରଳା ଅଗ୍ରୱାଲ, ଗାୟତ୍ରୀ ଲାଠ, ଶାନ୍ତୁକାଙ୍କ ସମେତ ୫ଜଣ ରାଜ୍ୟ ଉପାଧ୍ୟକ୍ଷ, ଜୋନାଲ ମୁଖ୍ୟ, ଯୁଗ୍ମ ସଚିବ, ବହୁ ପଦାଧିକାରୀ ଯୋଗଦାନ କରିଥିଲେ। ଲକ୍ଷ୍ମୀ ଅଗ୍ରୱାଲ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ଅତିଥି ଏସପି ସଙ୍ଗୀତା କୁମାରୀ ସିଂଦେଓ ତାଙ୍କ ଅଭିଭାଷଣରେ ମାରୱାଡି ମହିଳା ସଦସ୍ୟାଙ୍କ ସେବା ମନୋଭାବ ଏବଂ ଏକତାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମା, ସମାଜସେବୀ ବିଷ୍ଣୁପ୍ରସାଦ କେଡିଆ, ସତ୍ୟ ନାରାୟଣ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି,୨୭।୧୨(ଗୁରୁ ଦୟାଲ ହଂସ)**

ରେଳ ଧାରଣା ପାର ହେଉଥିବା ସମୟରେ ମାଳବାହି ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୁଆପଡ଼ା ଜିଲ୍ଲା ଖଡ଼ିଆର ରୋଡ଼ ୱାର୍ଡ ନଂ. ୯ ଶଙ୍କର ମନ୍ଦିର ପଡ଼ା ଭଗତରାମ ରାଉତ (୬୨)। ଶୁକ୍ରବାର ରାତି ୧୧ଟା ୩୦ରେ ଭଗତରାମ ଘର ପାଖ ଚଲା ରାସ୍ତାରେ କୋମାଖାନ-ଖଡ଼ିଆରରୋଡ଼ ରେଳ ଷ୍ଟେସନ ମଧ୍ୟରେ ରେଳ ଧାରଣା ପାରି ହୋଇ ଏକ ପୋଖରୀ ନିକଟକୁ ଶୌଚ ହେବା ପାଇଁ ଯାଉଥିବା ସମୟରେ ରାୟପୁର ଆଡୁ ଆସୁଥିବା ମାଳବାହି ଟ୍ରେନ ଧକ୍କା ଦେଇଥିଲା। ଖଡ଼ିଆର ରୋଡ଼ ଷ୍ଟେସନ ମାଷ୍ଟରଙ୍କ ମେମୋ ପାଇ କଣ୍ଟାବାଞ୍ଜି ଜିଆରପି ଫାଣ୍ଡି ଅଧିକାରୀ ଟିକେଲାଗଡ଼ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬୪/୨୦୨୫)ରୁଜୁ କରିଛି।

## ହରଭଙ୍ଗା ଶିବ ମନ୍ଦିରରୁ ଚୋରି

**ଲୋଇସିଂହା,୨୭।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ହରଭଙ୍ଗା ମହାକାଳେଶର ଶିବ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଏ ନେଇ ଶନିବାର ମନ୍ଦିର ପୂଜକ ଭାଗବତ ଥନାପତି ଲୋଇସିଂହା ଥାନରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ମନ୍ଦିରରେ ଲାଗିଥିବା ୭ଟି ଘଣ୍ଟି ଓ ଦାନ ବାକ୍ସରେ ଥିବା ପ୍ରାୟ ୧୪ ହଜାର ଟଙ୍କା ଦୁର୍ବୃତ୍ତ ଚୋରି କରି ନେଇଥିବା ପୂଜକ ଥନାପତି ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ,ପୂଜକ ଥନାପତି ଶନିବାର ପ୍ରତ୍ୟୁଷରେ ନିତୀକାନ୍ତୀ ପାଇଁ ମନ୍ଦିରକୁ ଯାଇଥିବାବେଳେ ମନ୍ଦିର ମୁଖ୍ୟ ଗେଟର ତାଲା ନ ଥିବା ଏବଂ ବୃଷଭ ବାବାଙ୍କ ପଛ ପଟେ ଥିବା ଦାନ ବାକ୍ସ ନ ଥିବାର ଦେଖିବାକୁ ପାଇଥିଲେ। ଏହାପରେ ସହକର୍ମୀ ପୂଜକ ଓ ମନ୍ଦିର ପରିଚାଳନା କମିଟିକୁ ଘଟଣା ଜଣାଇଥିଲେ। ଅଭିଯୋଗ ପରେ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ଲୋଇସିଂହା ପୋଲିସ ଯାଇ ତଦନ୍ତ ଆରମ୍ଭ କରିଛି। କିଛି ମାସ ପୂର୍ବରୁ ଥାନା ଅନ୍ତର୍ଗତ ଯୋଗୀସର୍ଡା ପ୍ରସିଦ୍ଧ ଶୈବପୀଠରୁ ଦୁର୍ବୃତ୍ତ ଲୁଟି ନେଇଥିଲେ। ଚୋରି ସମ୍ପର୍କରେ ଏବେବି ପୋଲିସ ଟେର ପାଇପାରିନାହିଁ।

# ଅଲ ଇଣ୍ଡିଆ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ




ଚେସ୍ ପ୍ରତିଯୋଗିତା ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି।

**କଣ୍ଟାବାଞ୍ଜି,୨୭।୧୨ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଦ୍ୱିତୀୟ ଥର ପାଇଁ ଡିସେମ୍ବର ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ଅଲ ଇଣ୍ଡିଆ ଓପନ ଚେସ ଚାମ୍ପିୟନଶିପ ଶନିବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ହରିଭବନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜା, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ଚେମ୍ବର୍ ଅଫ କମର୍ସ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚ ବିକାଶ ଶାଖା ଅଧ୍ୟକ୍ଷ ନିଖିଲ ଅଗ୍ରୱାଲ, ସିଏସ ସେଣ୍ଟର ରାଉରକେଲାର ପ୍ରମୁଖ ଚନ୍ଦ୍ର ଶେଖର ପଣ୍ଡା ମୁଖ୍ୟ ନିର୍ଣ୍ଣାୟକ,କାର୍ଯ୍ୟକ୍ରମ ସଂଯୋଜକ ତୋଷିବ ଖାନ, ଚେସ ସଂଘ କଣ୍ଟାବାଞ୍ଜି ସଭାପତି ଅରବିନ୍ଦ ସିଂହ ସାଲୁଜା ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା ବରିଷ୍ଠ ସଦସ୍ୟ ଅଜୟ ଅଗ୍ରୱାଲ କରିଥିଲେ। ଅଲ ଓଡିଶା ଚେସ ଆସୋସିଏସନଙ୍କ ସହବନ୍ଧିତାରେ ମାରୱାଡି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜି ଓ ସିଏସ ଚେସ ସେଣ୍ଟର ରାଉରକେଲା ସହଯୋଗରେ ଚେସ ଆସୋସିଏଶନ କଣ୍ଟାବାଞ୍ଜି ଆନୁକୁଲ୍ୟରେ ଏହା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାର ଜାତୀୟସ୍ତରର ଖେଳାଳିମାନେ ନିଜର ପ୍ରତିଭା ଦେଖାଉଛନ୍ତି। ପୂର୍ବରୁ ମଧ୍ୟ କଣ୍ଟାବାଞ୍ଜି ସହରରେ ଚେସ ପ୍ରତିଯୋଗିତା ହୋଇଛି। ଏହା ଦ୍ୱିତୀୟ ଥର ପାଇଁ ଅଲ ଇଣ୍ଡିଆ ଚେସ ପ୍ରତିଯୋଗିତା ହେଉଥିବା ମିଡିଆ ପ୍ରଭାରି ଆଶିଷ ଖଇତାନ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ୧ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ରଖା ଯାଇଛି। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡିଶା ସହ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ରାଜ୍ୟରୁ ଖେଳାଳିମାନେ ଭାଗ ନେଇଛନ୍ତି। ହାରାହାରି ୧୫୦ ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି। ଆୟୋଜକ କମିଟି ସଭାପତି ଅରବିନ୍ଦ ସିଂହ ସାଲୁଜା ଓରଫ ସିଙ୍କି, ସମ୍ପାଦକ ସତୀଶ ମାରୁ, କାର୍ଯ୍ୟକ୍ରମ ସଂଯୋଜକ ତୋଷିବ ଅହମଦ ଖାଁ, ସହସଂଯୋଜକ ଅମନ ଅଗ୍ରୱାଲ, ବିଜୟ ବାରିକ, ବିଶ୍ୱନାଥ ଅଗ୍ରୱାଲ ପରାମର୍ଶଦାତା ରଞ୍ଜିତ ସିଂହ ବାବୁ, ଅବଦୁଲ ରବାନି, ମନୀଷ ଜୈନ ,ବିପୁଳ ମାରୁ , ସହବାଜ ଖାଁ , ଯୋଗେଶ ପନିକା, ଧିରଜ ଜୈନ , କେଶବ ଅଗ୍ରୱାଲ, ଛୋଟୁ ସିଂହ ସାଲୁଜା,ନିଖିଲ ଅଗ୍ରୱାଲ,ଜିତେଶ ମାରୁ, ସୀମରନ କୌର , ଆଇନ ପରାମର୍ଶଦାତା ବିବେକ ଶର୍ମା, ବଜରଙ୍ଗ ଅଗ୍ରୱାଲ, ନାରାୟଣ ଜିନ୍ଦଲ, ବିକାଶ ଜୈନ ପ୍ରମୁଖ ସହଯୋଗ କରିଥିଲେ ।

# ହାତୀ କବଳରୁ ୫ଜଣଙ୍କୁ ଉଦ୍ଧାର କଲେ ବନ କର୍ମଚାରୀ

**ଲାଠୋର, ୨୭।୧୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅଧୀନ ବେନ୍ଦେର ଜଙ୍ଗଲକୁ ୬ ଦିନ ହେବ ହାତୀପଲ ଆସି ଉପଦ୍ରବ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଜଣେ ମହିଳାଙ୍କୁ ଦଳି ମାରିବା ସହ ଅନେକ ଘର ଦ୍ୱାର ଭାଙ୍ଗି ନଳକୂପ ଓପାଡ଼ି ଦେଇଥିବା ଦେଖାଯାଇଛି । ଏପରି ସ୍ଥିତିରେ ଲାଠୋର ରେଞ୍ଜରେ କାର୍ଯ୍ୟରତ କର୍ମଚାରୀମାନେ ଗୁରୁବାର ରାତି ହାତୀପଲ ଉପଦ୍ରବ କରୁଥିବାବେଳେ ୫ ମହିଳାପୁରୁଷଙ୍କୁ ହାତୀ କବଳରୁ ଉଦ୍ଧାର କରିଥିବା ଜଣା ପଡିଛି। ସୂଚନା ଅନୁସାରେ ୬ ଦିନ ହେବ କଣ୍ଟାବାଞ୍ଜି ରେଞ୍ଜ ଅଧୀନ ତୁରେକେଲା ଅଞ୍ଚଳରୁ ୨୯ ଟିକିଆ ହାତୀପଲ ଲାଠୋର ରେଞ୍ଜ ଅଧୀନ ବେନ୍ଦେର ଜଙ୍ଗଲକୁ ଆସି ଉପଦ୍ରବ କରୁଛନ୍ତି । ଗୁରୁବାର ରାତି ଉକ୍ତ ହାତୀପଲ ଚାହକପଡ଼ା ଗ୍ରାମର ଖୁଦ ହାତୀଙ୍କ ଘର ଭାଙ୍ଗି ଝିଅ ଫୁଲମତି ନାଗ(୪୫)ଙ୍କୁ



ହାତୀ କବଳରୁ ଉଦ୍ଧାର ମହିଳା, ପୁରୁଷ।

ଦଳି ଦେବା ସହ ଘର ଦ୍ୱାର ଭାଙ୍ଗି ଛାରଖାର କରି ଦେଇଥିଲେ। ସେହି ରାତି ଗ୍ରାମ ମୁଣ୍ଡ ଲାଞ୍ଚ ନଦୀକୂଳ ଏକ ନିଛାଟିଆ ଜାଗାରେ ପିତାମ୍ବର ଘିବେଲାଙ୍କ ପରିବାର ବର୍ଗ ଘର କରି ବସବାସ କରୁଛନ୍ତି। ତାଙ୍କ ଘରକୁ ଉକ୍ତ ହାତୀପଲ ପ୍ରାୟ ରାତି ୧୧ ଟାରେ ପହଞ୍ଚି ଆକ୍ରମଣ କରିଥିଲେ। ଏଥିରେ ପରିବାର ଲୋକ ଭୟଭୀତ ହୋଇ ଛାତ ଉପରକୁ ଚଢ଼ି ଉଦ୍ଧାର ପାଇଁ ବନ ବିଭାଗ କୁ ଫୋନ କରିଥିଲେ। ଖବର ପାଇ ନିକଟରେ ଥିବା ଫରେଷ୍ଟର ସାଗରିକା ସେଠ ସାଙ୍ଗରେ ଫରେଷ୍ଟ ଗାର୍ଡ ହିତେଶ ମାଝୀ, ଡିଇଓ ହରମୋହନ ମିଶ୍ର, ପାରାଷ୍ଟାଫ ହରି କୁମ୍ଭାର, ଡିଲେଶ୍ୱର ବାଗ ଏବଂ ପ୍ୟାରୀଲାଲ ଧରୁଆଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ହାତୀପଲର ଗତିବିଧି ଲକ୍ଷ୍ୟ କରିଥିଲେ। କର୍ମଚାରୀ ମାନେ ସେଠାରେ ପହଞ୍ଚିବା ବେଳକୁ ହାତୀପଲ ଘର ଭାଙ୍ଗିବା ଆରମ୍ଭ କରିଦେଇଥିଲେ । ନିଜ ଜୀବନକୁ କର୍ମଚାରୀମାନେ ବାଜି ଲଗାଇ ଫଟକା ଫଟେଇ ଆଗକୁ ବଢ଼ିଥିଲେ । ଫଟକା ସାଉଣ୍ଡ ରେ ହାତୀପଲ ଭୟଭୀତ ହୋଇ ଟିକିଏ ସାଇଟ ହୋଇଥିଲେ । ଏହାର ସୁଯୋଗ ନେଇ କର୍ମଚାରୀମାନେ ଅବିଳମ୍ବେ ଛାତରେ ଫସି ରହିଥିବା ପିତାମ୍ବରଙ୍କ ସହ ପ୍ରେମ, ମଞ୍ଜୁଳତା, ପ୍ରେମଶିଳା ଏବଂ ତୁଷାରଙ୍କୁ ସେଠାରୁ ସୁରକ୍ଷିତ ଉଦ୍ଧାର କରିଥିଲେ । ପରେ ସେମାନଙ୍କୁ ଗ୍ରାମକୁ ଆଣି ତାଙ୍କ ସମ୍ପର୍କୀୟ ଘରେ ଛାଡିଥିଲେ ।

# ଅନ୍ତର୍ଜାତୀୟ ଲିଟିଲ ମିସ୍ ଗ୍ଲୋବାଲରେ ବିପ୍ରାତ ଜୋଏଲ

**ଲୋଇସିଂହା,୨୭।୧୨(ସୁଶାନ୍ତ ବାରିକ)**

ମୁମ୍ବାଇଠାରେ ମହିଳା ଓ ପୁରୁଷ ଅନ୍ତର୍ଜାତୀୟ ମଡଲିଂ ୨୦୨୫ ଅନୁଷ୍ଠିତ ହେଉଛି। ଡିସେମ୍ବର ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଠାରେ ୯ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବଲାଙ୍ଗୀର ଜିଲା ଲୋଇସିଂହାର ଝିଅ ବିପ୍ରାତ ଜୋଏଲ (୯) ଲିଟିଲ ମିସ ଗ୍ଲୋବାଲ ଇଣ୍ଟରନେଶନାଲରେ ଭାଗ ନେବାକୁ ଯାଇଛନ୍ତି। ବିପ୍ରାତ ତାଙ୍କ ମା'ବାପଙ୍କ ସହିତ ମୁମ୍ବାଇ ଗସ୍ତରେ ଯାଇଛନ୍ତି। ଶୁକ୍ରବାର




ପ୍ରତିଯୋଗିତା ପାଇଁ ପଞ୍ଜିକୃତ ହୋଇଥିବା ବାପା ଜୀବନ ଜ୍ୟୋତି ବାଗ ସୂଚନା ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ ବିପ୍ରାତ ଗତ ବର୍ଷ ମହାରାଷ୍ଟ୍ର ପୁଣେରେ ମିସ ଇଣ୍ଡିଆ ଟାଇଟଲ ବିଜେତା ହୋଇଥିଲେ।

# ୪ ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥ ଗିରଫ

**ଖପ୍ରାଖୋଲ,୨୭।୧୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପୋଲିସର ପାଟ୍ରୋଲିଂ ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଖପ୍ରାଖୋଲ ପାଟଣାଗଡ଼ ରାସ୍ତା ଗମ୍ଭାରୀ ଛକଠାରୁ ୩ଶିଶୁ ସମେତ ୪ ଦାଦନ ଶ୍ରମିକ ଖପ୍ରାଖୋଲ ପୋଲିସ ଉଦ୍ଧାର କରିଥିବା ଜଣାଯାଇଛି। ଉଦ୍ଧାର ଶ୍ରମିକ ମଧ୍ୟରେ ୩ମହିଳା, ଜଣେ ପୁରୁଷ ଓ ୩ଜଣ ଶିଶୁ ଥିବା ପୋଲିସ ସୂଚନା ଦେଇଛି। ଉଦ୍ଧାର ଶ୍ରମିକମାନେ ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ଗମ୍ଭାରୀ ଗାଁର ବୋଲି ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (ନଂ.୩୦୦/୨୦୨୫) ରୁଜୁ ହୋଇଛି। ଦାଦନ ଚାଲାଣ ଅଭିଯୋଗରେ ମଧ୍ୟସ୍ଥି ଗମ୍ଭାରୀ ଗାଁର ସୁମନ୍ତ ଭୁଏ (୪୫)ଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ସେହିପରି ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁକୁ ପଠାଇ ଦିଆଯାଇଛି।

# ରୋଡ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ଲୋଇସିଂହା,୨୭।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଶନିବାର ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ମଧ୍ୟଯୁଗୀୟ ଓ ସାହିତ୍ୟିକ ଆଦର୍ଶ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି, ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ବବ୍ରୁବାହନ ମହାପାତ୍ର , ବଲାଙ୍ଗୀର ଯୁବୋଦୟର ଅଧ୍ୟାପକ ଡ. ସନ୍ଦିପ କୁମାର କୁଅଁର ବିଷୟ ବିଶେଷଜ୍ଞ ଭାବରେ ଯୋଗଦାନ କରି ମଧ୍ୟଯୁଗୀୟ ସାହିତ୍ୟିକ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ଜ୍ୟୋତ୍ସ୍ନା ସାହୁ ଓ ଝୁମି ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଛାତ୍ରୀ ସୁଦେଷ୍ଣା ବରିହା, ଜୟଶ୍ରୀ ପଧାନ ଓ ପୁରାତନ ଛାତ୍ର ନିରଜ ମେହେର ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭାକୁ ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ସଂଯୋଜନା କରିଥିଲେ। ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


## ଘୋଷଣା

ଆମ୍ଭେ ଜଳବାୟୁ ସୁରକ୍ଷା ପରିଷଦ ତଥା Climate Defense Councilର ସଦସ୍ୟଗଣ ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, ଆମ୍ଭ ଅନୁଷ୍ଠାନ ନାମରେ ବହୁ ପ୍ରାର୍ଥୀଙ୍କୁ H. Biswalଙ୍କ ଦସ୍ତଖତ ଥାଇ ବହୁସଂଖ୍ୟକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବାର ଆମ୍ଭ ନଜରକୁ ଆସିଛି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ଅଟେ। ଏଥିରେ ଆମ୍ଭ ସଂସ୍ଥା ତଥା ଆମର କୌଣସି ସଦସ୍ୟ ସମ୍ପୃକ୍ତ ନାହାନ୍ତି କିମ୍ବା ଏପରି ନିଯୁକ୍ତିପତ୍ର ପ୍ରଦାନ ପାଇଁ ଆମ୍ଭ ସଂସ୍ଥା କାହାରିକୁ ଅଧିକୃତ କରିନାହିଁ ଏବଂ ଏହିପରି ନିଯୁକ୍ତି ନିମନ୍ତେ ଆମ୍ଭେ ତଥା ଆମ୍ଭ ସଂସ୍ଥା ଦାୟୀ ନୁହେଁ।

ଜଳବାୟୁ ସୁରକ୍ଷା ପରିଷଦ
ପରିଚାଳନା ସମିତିର ସଦସ୍ୟ ବୃନ୍ଦ



## ପୂର୍ବ ତଟ ରେଳପଥ

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-38, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସୀମିତ ଉଚ୍ଚତା ବିଶିଷ୍ଟ ସବୱେ (LHS), ବ୍ରିଜ୍‌ର ପୁନଃନିର୍ମାଣ, ରୋଡ୍ ଓଭର ବ୍ରିଜ୍ (ROB) / ରୋଡ୍ ଅଣ୍ଡର ବ୍ରିଜ୍ (RUB) ଇତ୍ୟାଦି ଯୋଗୁଁ କେବୁଲ ଡାଏଭର୍ସନ ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। କାର୍ଯ୍ୟର ପରିସର: LHS :- JT-01, JT-07, JT-36, JT-69, ST-14, 24, 45, ଆମ୍ଭୋଦଲା - ଲାଞ୍ଜିଗଡ଼ ରୋଡ୍‌ର କି.ମି. 257/5-7 ନିକଟରେ ଟ୍ରେସପାସିଂ ସ୍ଥାନ।

**ଟେଣ୍ଡର ମୂଲ୍ୟ (₹):** 1,76,69,162.50, ବିଡ୍ ସିକ୍ୟୁରିଟି (₹) : 2,38,400.00।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-41, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 20K ଠାରୁ ଉର୍ଦ୍ଧ୍ୱ TVU ସହିତ 03 ଟି ଲେବୁଲ କ୍ରସିଂ ଗେଟ୍ (RV-163, RV-164 ଏବଂ ST-63)ର ଇଣ୍ଟରଲକିଂ।

**ଟେଣ୍ଡର ମୂଲ୍ୟ (₹):** 3,62,43,893.40, ବିଡ୍ ସିକ୍ୟୁରିଟି (₹) : 3,31,200.00।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 12.01.2026 ରିଖ 1100 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା. 15.01.2026 ରିଖ 1100 ଘଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-940/Q/25-26



## OFFICE OF THE PRINCIPAL
## GOVERNMENT WOMEN'S COLLEGE, BALANGIR

(Affiliated to Rajendra University, Balangir, Odisha)
P.O./Dist.: Bolangir, Odisha - 767001, India
womenscollegebalangir.in | womenscollegebalangir@gmail.com
No. 3613/GWC Date: 27.12.2025

### QUOTATION CALL NOTICE

Price quotations are invited from registered firms in sealed cover having PAN No. and GST registered for the supply of laboratory equipments, library books and equipments by 03.01.2026 which will be opened on 12.01.2026 at 04.00 P.M. For details, visit college website or office during working hour.

Sd./- Principal
Govt. Women's College, Balangir



No. T-121
## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0215/2526



## ସର୍ବସାଧାରଣ ସୂଚନା

ମୋର ଗ୍ରାହକଙ୍କ ଆଦେଶ ମତେ ଏମ୍. ଏସ୍. ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍.ପି.ସି.ଏଲ୍) (ଭାରତ ସରକାରଙ୍କ ଉଦ୍ୟୋଗ), ଯାହାର କର୍ପୋରେଟ୍ କାର୍ଯ୍ୟାଳୟ ଜାମସେଦଜି ଟାଟା ରୋଡ, ମୁମ୍ବାଇ – 400020ଠାରେ ଅବସ୍ଥିତ ଏବଂ ଯେଉଁମାନେ ପେଟ୍ରୋଲିୟମ ଉତ୍ପାଦନର ସଂଶୋଧନ, ବିତରଣ ଓ ବଜାରକରଣ କାର୍ଯ୍ୟରେ ନିଯୁକ୍ତ ଏବଂ ଯାହାଙ୍କ ଗୋଟିଏ କାର୍ଯ୍ୟାଳୟ ସାଉଥ୍ ସେଣ୍ଟ୍ରାଲ ଏଲ୍.ପି.ଜି. ଜୋନ୍, ତୃତୀୟ ମହଲା, ରାଇଟ୍ ଉଇଙ୍ଗ୍, ଏଲ୍.ଆଇ.ସି., ଜୀବନ ସମୃଦ୍ଧି ଭବନ, ଠିକଣା ରୋଡ, ବିଶାଖାପଟନମ୍ – 530004ଠାରେ ଅବସ୍ଥିତ, ଯେଉଁମାନେ ଡେପୁଟି ଜେନେରାଲ ମ୍ୟାନେଜରଙ୍କ ଦ୍ୱାରା ପ୍ରତିନିଧିତ୍ୱ ହେଉଛନ୍ତି, ତାଙ୍କ ନିର୍ଦ୍ଦେଶାନୁସାରେ ମୁଁ ନିମ୍ନଲିଖିତ ସାର୍ବଜନିକ ସୂଚନା ଜାରି କରୁଛି।

ଏହା ଜଣାଯାଉଛି ଯେ, ମୋର ଗ୍ରାହକ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଶ୍ରୀ ହିମାଞ୍ଚଳ ବାଗ, ପିତା: ଶ୍ରୀ ରାଜକୁମାର ବାଗଙ୍କ ନିକଟରୁ, ସେକସନାଇଲିଜ୍ ଭଲଭ ଷ୍ଟେସନ ନିର୍ମାଣ ଉଦ୍ଦେଶ୍ୟରେ ତଳେ ଉଲ୍ଲେଖିତ ସମ୍ପତ୍ତି କ୍ରୟ କରିବା ପ୍ରସ୍ତାବ ରଖିଛନ୍ତି।

ଏହିପରି, ସମସ୍ତ ସାଧାରଣ ଜନତାଙ୍କୁ ଏହାଦ୍ୱାରା ଅବଗତ କରାଯାଉଛି ଯେ, ଯଦି କେହି ବ୍ୟକ୍ତି/ବ୍ୟକ୍ତିମାନେ ତଳେ ଉଲ୍ଲେଖିତ ତାଲିକାଭୁକ୍ତ ଜମି ଉପରେ କୌଣସି ଦାବି, ଅଧିକାର, ମାଲିକାନା, ବିକ୍ରୟ ଚୁକ୍ତି, ଦଖଲ କିମ୍ବା ରୁଚି ଇତ୍ୟାଦି ଥାଏ, ତେବେ ଏହି ସୂଚନା ପ୍ରକାଶ ପାଇଥିବା ତାରିଖରୁ ୧୫ (ପନ୍ଦର) ଦିନ ମଧ୍ୟରେ ସମର୍ଥନ ସହିତ ତାଙ୍କର ଲିଖିତ ଆପତ୍ତି ନିଜେ ଉପସ୍ଥିତ ହୋଇ କିମ୍ବା ନିବନ୍ଧିତ ଡାକ ମାଧ୍ୟମରେ ନିମ୍ନଲିଖିତ ଅଧିବକ୍ତାଙ୍କୁ ଦାଖଲ କରିବେ।

ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କୌଣସି ଆପତ୍ତି ମିଳିବ ନାହିଁ, ତେବେ ମୋର ଗ୍ରାହକ HPCL ଏହା ବିଚାର କରିବେ ଯେ କୌଣସି ଆପତ୍ତି ନାହିଁ ଏବଂ ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଆପତ୍ତି କର୍ପୋରେସନ ଦ୍ୱାରା ଗ୍ରହଣ କରାଯିବ ନାହିଁ। ଏହା ପରେ କର୍ପୋରେସନ ଜମି ମାଲିକ/ଜମି ମାଲିକମାନଙ୍କଠାରୁ ଉକ୍ତ ତାଲିକାଭୁକ୍ତ ଜମି କ୍ରୟ କରିବା ପ୍ରକ୍ରିୟା ଆଗକୁ ବଢ଼ାଇବେ।

**ତାଲିକାଭୁକ୍ତ ସମ୍ପତ୍ତି:** ଜମିର ପରିମାଣ – Ac.0.50 ଡେସିମିଲ, Plot No. 300, ଯାହାର ଅନ୍ତର୍ଗତ ସୀମା – ପୂର୍ବ: 384, ଦକ୍ଷିଣ: 255, ପଶ୍ଚିମ: 379, 298 ଓ 299, Khata No. 66/150 ଅନ୍ତର୍ଗତ, ଗ୍ରାମ: ପୁଡ଼ାପଦର – 132, ତହସିଲ: ଟିଟିଲାଗଡ଼, ଜିଲ୍ଲା: ବଲାଙ୍ଗୀର।

**ମନୋଜ କୁମାର ମହାପାତ୍ର, LLM, ଅଧିବକ୍ତା**
Bilas Niwas, Nabaraj Vihar Lane, Dakhinakali Road, Dhenkanal - 759001
At/P.O.: Kaikei Niwas, Plot No. 506/10, Campus - 4, Boys Hostel, SOA, Sampur, Bhubaneswar - 751003
ଇମେଲ୍: manojakumar1970@gmail.com
ମୋବାଇଲ୍. 9437382136, 9437140971



GOVERNMENT OF ODISHA e-mail: sebalangir@gmail.com
## DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR
2nd Corrigendum to Notice "e-Procurement Notice No. ACE, BOIC-06/2025-26
BID Identification No. ACE, BOIC-06/2025-26

No. A-1199: Due to Technical Issues the 2nd Corrigendum to e-Procurement Notice No. ACE, BOIC - 06/2025-26 for the work 1. Construction of Inspection Bunglow (I.B.) At: Padampur under Ong Dam Division, Padampur for the financial year 2025-26, 2. Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26, 3. Construction of (G+1) style D-Type quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 are hereby made as follows.

| Sl. No. | As per Notice Inviting Tender | | Modified to/Read as per 2nd Corrigendum |
|---|---|---|---|
| 1 | Period of availability of bidding document in the portal | From Dt.11.12.2025 from 10.00 A.M. to Dt.02.01.2026 upto 5.30 P.M. | From Dt. 29.12.2025 from 10.00 A.M. to Dt. 19.01.2026 upto 5.30 P.M. |
| 2 | Last date & time for receipt of Bids | Date: 02.01.2026 upto 5.30 P.M. | Date: 19.01.2026 upto 5.30 P.M. |
| 3 | Time and date of opening of Technical Bid | Date: 03.01.2026 at 11.00 hours | Date: 20.01.2026 at 11.00 hours |

All other terms and conditions remain unchanged.
Further details can be seen from the e-procurement portal "https://www.tendersodisha.gov.in".
OIPR-32347/11/0012/2526 Sd./- Additional Chief Engineer, Balangir Irrigation Circle, Balangir



Government of Jharkhand
## Urban Development And Housing Department
Dhanbad Municipal Corporation, Dhanbad

e-Procurement Re-Tender Notice No. DMC/40/2025-26
Reference No. : DMC/40/2025-26 Date : 27.12.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/40/2025-26/01 | Development of Chanchani Colony park under Ward 21 under Dhanbad Municipal Corporation (2nd Call) | 1,71,00,000.00 | 2 % of BOQ | 10000.00 | 210 Days |
| 2 | DMC/40/2025-26/02 | Development of Azad Nagar Gaffar Colony Park near Silver School in Ward no 17 under Dhanbad Municipal Corporation (2nd Call) | 66,48,000.00 | 2 % of BOQ | 10000.00 | 180 Days |

Date of Publication of Tender on website :- From 05.01.2026 At 03.00 PM
Online Last Date / Time for receiving of bids :- 19.01.2026 (Online) till 03:00 PM
Date of Bid Opening :- From 20.01.2026 at 03:00 PM (Online)
NOTE:-
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad
PR 369516 Urban Development (25-26)_D



GOVERNMENT OF ODISHA No.B-895
## OFFICE OF THE SUPERINTENDING ENGINEER
## JEYPORE (R&B) DIVISION, JEYPORE
ID: ee.randbjyp@gmail.com
e-Procurement Notice
Bid Identification No. S.E. (R&B)-10/2025-26/JYP(K)
No.7104 Date: 22.12.2025

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | |
|---|---|---|
| 1 | Name of the work | Road and building works as mentioned in DTCN |
| 2 | No. of works | 09 Nos. |
| 3 | Estimated cost | Rs.4.99 lakhs to 39.28 lakhs |
| 4 | Period of completion | 2 (Two) to 3 (Three) months |
| 5 | Date & time of bidding | From 11.00 hours of 31.12.2025 upto 17.00 hours of 09.01.2026 |
| 6 | Last date & time for receipt of bids in portal | 17.00 hours of 09.01.2026 |
| 7 | Bids received online shall be opened on | 11.00 hours of 12.01.2026 |
| 8 | Name and address of the officer inviting bid | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in
OIPR-34027/11/0021/2526 Sd./- Superintending Engineer, Jeypore (R&B) Division



WORKS DEPARTMENT No.B-893
## OFFICE OF THE SUPERINTENDING ENGINEER
## RAIRANGPUR (R&B) DIVISION
e-mail: eerbrairangpur@yahoo.co.in
Government of Odisha 'e' Procurement Notice
Bid Identification No. SE41 of 2025-26

| | | |
|---|---|---|
| 1 | Nature of work | Building work |
| 2 | Number of works | 03 (Three) Nos. |
| 3 | Amount put to tender | Rs.67,87,460.00 to Rs.44,05,117.00 |
| 4 | Class of contractor | B Class |
| 5 | Date & time of availability of bid document in the portal | Dt.31.12.2025 at 10.00 A.M. |
| 6 | Last date/ time of receipt of bid in the portal | Dt.06.01.2026 upto 04.00 P.M. |
| 7 | Date of opening of bid | Dt.07.01.2026 at 11.00 A.M. |
| 8 | Name & address of the office inviting bid | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only. | |

Sd./- Superintending Engineer, Rairangpur (R&B) Division
OIPR-34041/11/0023/2526

# ଶୃଙ୍ଖଳା, କଠିନ ପରିଶ୍ରମ ସଫଳତା ଆଣିଦିଏ



ଅତିଥି ବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ସୋନପୁର,୨୭।୧୨(ମୃତ୍ୟୁଞ୍ଜୟ ଶତପଥୀ)**

### ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ବାର୍ଷିକୋତ୍ସବ

ସୋନପୁର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ୧୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ ଶୃଙ୍ଖଳା ଓ କଠିନ ପରିଶ୍ରମ ସଫଳତା ଆଣିଦିଏ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ଦେଶର ମହାପୁରୁଷଙ୍କୁ ନିଜର ଆଦର୍ଶ ମାନି ଆଗକୁ ବଢ଼ିବାକୁ ପ୍ରଧାନ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଉମାକାନ୍ତ ନାଗ, ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ଅନୁଷ୍ଠାନ ନିର୍ଦ୍ଦେଶକ କରୁଣାକାର ନନ୍ଦ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ଓ ବିଦ୍ୟାଳୟ ସମ୍ପାଦିକା ଜ୍ୟୋତ୍ସ୍ନାଞ୍ଜଳି ସାହୁ ମଞ୍ଚାସୀନ ଥିଲେ। ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କର ଶୃଙ୍ଖଳା, ଚରିତ୍ର ଓ ଶିକ୍ଷକଙ୍କ ସମର୍ପିତ ମନୋଭାବ ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ଲକ୍ଷ୍ମୀ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିଲେ। ବାସୁଦେବ ବିଶି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଲୋକନାଥ ମିସ୍ତ୍ରୀ, ଲବ ପାରୁଆ, ଶୁଭାଶିଷ ଖେତୀ, ଜୟନ୍ତ ପଧାନ, ସାର୍ଥକ ନାଏକ, ପ୍ରତାପ ନାଏକ, ଆଶୀର୍ବାଦ ମିଶ୍ର, ଯୋଗେଶ ଥନାପତି, ଦେବେନ୍ଦ୍ର ଗହିର, ନିହାରିକା ଘିବିଲା, ଲିଜାରାଣୀ ସାହୁ ଓ ଉଇଲିମା ମନହିରା ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ସଭା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁଶିଲ କୁମାର ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ଶିବିରରେ ୧୫୮ ମହିଳାଙ୍କ ଚିକିତ୍ସା

**ବିନିକା,୨୭।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହର ନୂଆଁବଜାର ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି ଦ୍ୱାରା ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିନିକା ମାଟିର ସୁଯୋଗ୍ୟ ସନ୍ତାନ ତଥା ଭିମସାର ପ୍ରସୂତି ଓ ସ୍ତ୍ରୀ ବିଭାଗ ପ୍ରଫେସର ବେଣୁଧର ପାଣ୍ଡେ ବିନିକାରେ ୮୩ ଜଣ ଓ ତାଙ୍କ ଜନ୍ମ ମାଟି ସଂସାମୁରା ଓ ସୋନପୁରରେ ୭୫ ଜଣ ମୋଟ ୧୫୮ ଜଣ ମହିଳାଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିନିକା ଓକିଲ ସଂଘ ସମ୍ପାଦକ ବୃନ୍ଦାବନ ମିଶ୍ର, ଓକଲ ବୀରେନ୍ଦ୍ର ପୋଢ଼, ଉପଦେଷ୍ଟା କମିଟିର ସୂର୍ଯ୍ୟନାରାୟଣ ସାହୁ, ଅଶୋକ ପାଣ୍ଡେ, ଶେଷଦେବ ମଣ୍ଡଳ, ବିନିକା ଏନଏସି ଉପାଧ୍ୟକ୍ଷ ତପସ୍ୱିନୀ ମେହେର, ଦ୍ୱାରୀ ମା' ଯୁବକ ସଂଘ ସଭାପତି ଗନ୍ଧର୍ବ ମାହାର, କୋଷାଧ୍ୟକ୍ଷ ଆଲୋକ ବରାଇ, ସଭ୍ୟ ଗୋବିନ୍ଦ ମାହାରଣା, କୃଷ୍ଣଚନ୍ଦ୍ର କୁମ୍ଭାର, ରଞ୍ଜନ ମେହେର, ଭୁବନେଶ୍ୱର ସାହୁ, ଦ୍ରୁତ ହରିପାଲ, ପ୍ରଦୀପ ପଧାନ, ସୁଦାମ ଥନାପତି, ବୃନ୍ଦାବନ ହୋତା, କୃତାର୍ଥ ପୁରୋହିତ, ଆଞ୍ଚଳିକ ଖବରଦାତା ସଂଘ ସମ୍ପାଦକ ଦିଲୀପ ସାହୁ, ଅର୍ଚ୍ଚନା ପୂଜାହାରୀ, କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ସମ୍ପାଦକ ପ୍ରିୟରଞ୍ଜନ ହୋତା, ଉପସଭାପତି ସୁବ୍ରତ ପତି, ଅଭିଜିତ ପୂଜାହାରୀ ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀଙ୍କ ସମେତ ସ୍ମୃତି କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ହେଉ



ମହିମା ସାଧୁ ସନ୍ଥ ଜିଲାପାଳଙ୍କୁ ଭେଟିବା ପାଇଁ କାର୍ଯ୍ୟାଳୟକୁ ଆସିଛନ୍ତି।

**ସୋନପୁର,୨୭।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ବ୍ଲକ ଛକରେ ସନ୍ଥ କବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ କରାଯାଉ। ଜିଲାପାଳ ଡ଼ ନୃପରାଜ ସାହୁଙ୍କୁ ମହିମା ଧର୍ମାବଲମ୍ବୀ ସାଧୁସନ୍ଥମାନେ ଅନୁରୋଧ କରିଛନ୍ତି। ମହିମା ଧର୍ମାବଲମ୍ବୀ ସତ୍ୟମହିମା ଧର୍ମ ଶାସିନୀ ମହାସଂଘ ସଭାପତି ଦୁର୍ଗାଚରଣ କଲତାଙ୍କ ନେତୃତ୍ୱରେ ଖଲିଆପାଲି ମାତାମଠର ସାନ୍ୟାସିନୀ ମାତା ସୁମତୀ ଦାସ, ବିନୋଦିନୀ ଦାସ, ମିନତୀ ଦାସ, ମୋହନ ମହାନନ୍ଦ, ମିଲୁ ତାଣ୍ଡି, ମଧୁ ଜଗଦଲା ଓ ବୈକୁଣ୍ଠ ବାରିକ ପ୍ରମୁଖ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଅତିଶୀଘ୍ର ସ୍ଥାପନ ପାଇଁ ଜିଲାପାଳ ଡ଼ ସାହୁଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୩ ବର୍ଷ ପୂର୍ବରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ବ୍ଲକ ଛକଠାରେ ଥିବା ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିକୁ ପୂର୍ତ୍ତ ବିଭାଗ ପକ୍ଷରୁ କାଢ଼ି ଦିଆଯାଇଥିଲା। ତେବେ ରାସ୍ତା କାମ ସମ୍ପୂର୍ଣ୍ଣ ହେବା ପରେ ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ ପାଇଁ ପୂର୍ତ୍ତ ବିଭାଗ ସତେ ଯେପରି ଭୁଲି ଯାଇଛି । ପ୍ରତିମୂର୍ତ୍ତିଟି ଜିଲା ସଂସ୍କୃତି ଭବନ ସମ୍ମୁଖରେ ରହିଛି। କିନ୍ତୁ ତତ୍କାଳୀନ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ତାହା ପୁନଃ ସ୍ଥାପନ ହୋଇପାରିନି। ମହିମା ଧର୍ମାବଲମ୍ବୀମାନେ ଏଥିନେଇ ଦୁଃଖ ପ୍ରକାଶ କରିବା ସହ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ତେବେ ଅତିଶୀଘ୍ର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଜିଲାପାଳ ଡ଼ ସାହୁ ସାଧୁସନ୍ଥଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ପାତାଳି ଶ୍ରୀକ୍ଷେତ୍ର ସୁନ୍ଦରାକାଣ୍ଡ ପାରାୟଣ

**ବୀରମହାରାଜପୁର,୨୭।୧୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପାତାଳୀ ଶ୍ରୀକ୍ଷେତ୍ରଠାରେ ଶନିବାର ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। କାଦୋଦର ଭିକାରୀ ପାଢ଼ୀଙ୍କ ପରିବାର ତରଫରୁ ୧୯୮୧ ମସିହାରେଠାରୁ ପୌଷ ଶୁକ୍ଳ ସପ୍ତମୀ ଠାରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛନ୍ତି। ବୀରମହାରାଜପୁର ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦ ତରଫରୁ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ ବିଶିଷ୍ଟ ବ୍ୟାସ ଗାୟକ ସତ୍ୟ ନାରାୟଣ ଚାନ୍ଦ। ପୁରାଣ ପାଠ କରିଥିଲେ ଅନୁଷ୍ଠାନ ସଭାପତି ଯୁଗଳ କିଶୋର ମିଶ୍ର, ଗୁରୁ ହୃଷୀକେଶ ଦାସ, ଶଙ୍କର ମେହେର, ମିନ କେତନ ମେହେର, ମନ ରଞ୍ଜନ ପାଢ଼ୀ, ଯୁଗେଶ୍ୱର ନାଏକ, ନାରାୟଣ ମେହେର, ଅନିଲ ମେହେର, ସଞ୍ଜୟ ମେହେର, ସନ୍ତୋଷିନୀ ମିଶ୍ର, ଜାନକୀରାମ ଦେହୁରୀ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହାୟତା କରିବା ସହିତ ଭଜନ ପରିବେଷଣ କରିଥିଲେ। କର୍ତ୍ତା ଭାବେ ମାନ ଭଞ୍ଜନ ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜକ ଭାବେ ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ଗୁଣାକର ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ରଞ୍ଜନ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁଭାଷିନୀ ପାଢ଼ୀ, ପ୍ରିୟାଂଶୁ ପାଢ଼ୀ ସହଯୋଗ କରିଥିଲେ।

# ବିଭିନ୍ନ କୋର୍ଟ ପାଇଁ ସରକାରୀ ଓକିଲଙ୍କ ନାମ ଘୋଷଣା

**ବୀରମହାରାଜପୁର, ୨୭।୧୨(ଯୁଗଳ କିଶୋର ମିଶ୍ର)**

ରାଜ୍ୟ ସରକାରୀ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ବିଭିନ୍ନ କୋର୍ଟ ପାଇଁ ସରକାରୀ ଓକିଲଙ୍କ ନାମ ଘୋଷଣା କରିଛନ୍ତି। ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମିଶ୍ରଙ୍କୁ ଫୌଜଦାରୀ ଅଦାଲତ ଓକିଲଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ମିଶ୍ର ୨୦୦୦ ମସିହାରେ ଓକିଲାତି ଆରମ୍ଭ କରି ବିଭିନ୍ନ ଅଦାଲତରେ ମକଦ୍ଦମାଗୁଡ଼ିକୁ ସୁପରିଚାଳନା କରି ସଫଳତା ହାସଲ କରିଛନ୍ତି। ୧୯୯୧ ମସିହାରୁ ଭାଜପାର ସକ୍ରିୟ ସଭ୍ୟ ଭାବେ ରାଜନୀତି ଆରମ୍ଭ କରିଥିବା ମିଶ୍ର ବର୍ତ୍ତମାନ ଦଳର ଜିଲା ଉପସଭାପତି ଦାୟିତ୍ୱରେ ରହିଛନ୍ତି। ସେହିଭଳି ଅତିରିକ୍ତ ସରକାରୀ ଓକିଲ ଭାବେ କୁନ୍ଦନ ପ୍ରଧାନ (ବରିଷ୍ଠ ଦେୱାନୀ ଅଦାଲତ), ମନୋଜ ମେହେର, ହିମାଂଶୁ ଭୋଇ(ଉପଖଣ୍ଡ ଦଣ୍ଡାଧିକାରୀଙ୍କ ଅଦାଲତ), ସିଦ୍ଧାର୍ଥ ପାତ୍ର, ସବିତା ପଣ୍ଡା(ଉପଜିଲାପାଳଙ୍କ ଅଦାଲତ) ରୁଦ୍ରନାରାୟଣ ଶତପଥୀ (ତହସିଲଦାରଙ୍କ ଅଦାଲତ)ରେ ନିଯୁକ୍ତି ପାଇଛନ୍ତି। ଆଇନ ବିଭାଗ ଚିଠି ସଂଖ୍ୟା ୨୧୪୬୫/ ତା ୨୪।୧୨।୨୫ରୁ ଏହା ଜଣା ପଡିଛି।



କୁନ୍ଦନ ପ୍ରଧାନ



ସତ୍ୟବ୍ରତ ମିଶ୍ର

# ପାତାଳି ଶ୍ରୀକ୍ଷେତ୍ର ୨୦୨୬ ପାଇଁ ଅନ୍ନଭୋଗ ନିଲାମ

**ବୀରମହାରାଜପୁର,୨୭।୧୨ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପ୍ରସିଦ୍ଧ ପାତାଳି ଶ୍ରୀକ୍ଷେତ୍ର ଭକ୍ତ ଦର୍ଶନାର୍ଥୀଙ୍କ ଅନ୍ନଭୋଗର ନିଲାମ ପ୍ରକ୍ରିୟା ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବୀରମହାରାଜପୁର ଉପଜିଲାପାଳଙ୍କ ତରଫରୁ ଆସିଷ୍ଟାଣ୍ଟ କଲେକ୍ଟର ନିରଞ୍ଜନ କୁମାର ଧଳ ଯୋଗଦେଇ ପାତାଳି ଶ୍ରୀକ୍ଷେତ୍ରରେ ଅନ୍ନଭୋଗର ଆବଶ୍ୟକତା, ଗୁଣାତ୍ମକ ମାନ ଓ କ୍ଷେତ୍ରର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଏହି ପ୍ରକ୍ରିୟାରେ ୬ ଜଣ ଅଂଶଗ୍ରହଣ କରିଥିଲେ। ଶେଷରେ ଖୁଣ୍ଟୁଲାପାଲି ଗ୍ରାମର ସଞ୍ଜୀବ ମେଣ୍ଡିଲି ସର୍ବାଧିକ ଟ ୬,୩୫,୦୦୦ ଡାକ କରି ପ୍ରଥମ ସ୍ଥାନରେ ରହିଥିଲେ । ସେ ଆସନ୍ତା ୧।୧।୨୦୨୬ରୁ ୨୦୨୬ ଡିସେମ୍ବର ୩୧ ତାରିଖ ଏକ ବର୍ଷ ପାଇଁ ଏହି କାର୍ଯ୍ୟ ସମ୍ପାଦନ କରିବେ। ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ, ଜାନକୀରାମ ଦେହୁରୀ, ଜଗଦୀଶ କର୍ଣ୍ଣଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।


## ଘୋଷଣା

ଆମ୍ଭେ ଜଳବାୟୁ ସୁରକ୍ଷା ପରିଷଦ ତଥା Climate Defense Councilର ସଦସ୍ୟଗଣ ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, ଆମ୍ଭ ଅନୁଷ୍ଠାନ ନାମରେ ବହୁ ପ୍ରାର୍ଥୀଙ୍କୁ H. Biswalଙ୍କ ଦସ୍ତଖତ ଥାଇ ବହୁସଂଖ୍ୟକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବାର ଆମ୍ଭ ନଜରକୁ ଆସିଛି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ଅଟେ। ଏଥିରେ ଆମ୍ଭ ସଂସ୍ଥା ତଥା ଆମର କୌଣସି ସଦସ୍ୟ ସମ୍ପୃକ୍ତ ନାହାନ୍ତି କିମ୍ବା ଏପରି ନିଯୁକ୍ତିପତ୍ର ପ୍ରଦାନ ପାଇଁ ଆମ୍ଭ ସଂସ୍ଥା କାହାରିକୁ ଅଧିକୃତ କରିନାହିଁ ଏବଂ ଏହିପରି ନିଯୁକ୍ତି ନିମନ୍ତେ ଆମ୍ଭେ ତଥା ଆମ୍ଭ ସଂସ୍ଥା ଦାୟୀ ନୁହେଁ।

ଜଳବାୟୁ ସୁରକ୍ଷା ପରିଷଦ
ପରିଚାଳନା ସମିତିର ସଦସ୍ୟ ବୃନ୍ଦ



## ପୂର୍ବ ତଟ ରେଳପଥ

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-38, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସୀମିତ ଉଚ୍ଚତା ବିଶିଷ୍ଟ ସବୱେ (LHS), ବ୍ରିଜ୍‌ର ପୁନଃନିର୍ମାଣ, ରୋଡ୍ ଓଭର ବ୍ରିଜ୍ (ROB) / ରୋଡ୍ ଅଣ୍ଡର ବ୍ରିଜ୍ (RUB) ଇତ୍ୟାଦି ଯୋଗୁଁ କେବୁଲ ଡାଏଭର୍ସନ ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। କାର୍ଯ୍ୟର ପରିସର: LHS :- JT-01, JT-07, JT-36, JT-69, ST-14, 24, 45, ଆମ୍ଭୋଦଲା - ଲାଞ୍ଜିଗଡ଼ ରୋଡ଼ର କି.ମି. 257/5-7 ନିକଟରେ ଟ୍ରେସପାସିଂ ସ୍ଥାନ।

**ଟେଣ୍ଡର ମୂଲ୍ୟ (₹):** 1,76,69,162.50, ବିଡ୍ ସିକ୍ୟୁରିଟି (₹) : 2,38,400.00।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-41, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 20K ଠାରୁ ଉର୍ଦ୍ଧ୍ୱ TVU ସହିତ 03 ଟି ଲେବୁଲ କ୍ରସିଂ ଗେଟ୍ (RV-163, RV-164 ଏବଂ ST-63)ର ଇଣ୍ଟରଲକିଂ।

**ଟେଣ୍ଡର ମୂଲ୍ୟ (₹):** 3,62,43,893.40, ବିଡ୍ ସିକ୍ୟୁରିଟି (₹) : 3,31,200.00।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 12.01.2026 ରିଖ 1100 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା. 15.01.2026 ରିଖ 1100 ଘଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-940/Q/25-26



## OFFICE OF THE PRINCIPAL
## GOVERNMENT WOMEN'S COLLEGE, BALANGIR
(Affiliated to Rajendra University, Balangir, Odisha)
P.O./Dist.: Bolangir, Odisha - 767001, India
womenscollegebalangir.in | womenscollegebalangir@gmail.com
No. 3613/GWC Date: 27.12.2025

### QUOTATION CALL NOTICE

Price quotations are invited from registered firms in sealed cover having PAN No. and GST registered for the supply of laboratory equipments, library books and equipments by 03.01.2026 which will be opened on 12.01.2026 at 04.00 P.M. For details, visit college website or office during working hour.

Sd./- Principal
Govt. Women's College, Balangir



## ସର୍ବସାଧାରଣ ସୂଚନା

ମୋର ଗ୍ରାହକଙ୍କ ଆଦେଶ ମତେ ଏମ୍. ଏସ୍. ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍.ପି.ସି.ଏଲ୍) (ଭାରତ ସରକାରଙ୍କ ଉଦ୍ୟୋଗ), ଯାହାର କର୍ପୋରେଟ୍ କାର୍ଯ୍ୟାଳୟ ଜାମସେଦଜି ଟାଟା ରୋଡ, ମୁମ୍ବାଇ – 400020ଠାରେ ଅବସ୍ଥିତ ଏବଂ ଯେଉଁମାନେ ପେଟ୍ରୋଲିୟମ ଉତ୍ପାଦନର ସଂଶୋଧନ, ବିତରଣ ଓ ବଜାରକରଣ କାର୍ଯ୍ୟରେ ନିଯୁକ୍ତ ଏବଂ ଯାହାଙ୍କ ଗୋଟିଏ କାର୍ଯ୍ୟାଳୟ ସାଉଥ୍ ସେଣ୍ଟ୍ରାଲ ଏଲ୍.ପି.ଜି. ଜୋନ୍, ତୃତୀୟ ମହଲା, ରାଇଟ୍ ଉଇଙ୍ଗ, ଏଲ୍.ଆଇ.ସି., ଜୀବନ ସମୃଦ୍ଧି ଭବନ, ଠିକଣା ରୋଡ, ବିଶାଖାପଟନମ୍ – 530004ଠାରେ ଅବସ୍ଥିତ, ଯେଉଁମାନେ ଡେପୁଟି ଜେନେରାଲ ମ୍ୟାନେଜରଙ୍କ ଦ୍ୱାରା ପ୍ରତିନିଧିତ୍ୱ ହେଉଛନ୍ତି, ତାଙ୍କ ନିର୍ଦ୍ଦେଶାନୁସାରେ ମୁଁ ନିମ୍ନଲିଖିତ ସାର୍ବଜନିକ ସୂଚନା ଜାରି କରୁଛି।
ଏହା ଜଣାଯାଉଛି ଯେ, ମୋର ଗ୍ରାହକ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଶ୍ରୀ ହିମାଞ୍ଚଳ ବାଗ, ପିତା: ଶ୍ରୀ ରାଜକୁମାର ବାଗଙ୍କ ନିକଟରୁ, ସେକସନାଇଲିଜ୍ ଭଲଭ ଷ୍ଟେସନ ନିର୍ମାଣ ଉଦ୍ଦେଶ୍ୟରେ ତଳେ ଉଲ୍ଲେଖିତ ସମ୍ପତ୍ତି କ୍ରୟ କରିବା ପ୍ରସ୍ତାବ ରଖିଛନ୍ତି।
ଏହିପରି, ସମସ୍ତ ସାଧାରଣ ଜନତାଙ୍କୁ ଏହାଦ୍ୱାରା ଅବଗତ କରାଯାଉଛି ଯେ, ଯଦି କେହି ବ୍ୟକ୍ତି/ବ୍ୟକ୍ତିମାନେ ତଳେ ଉଲ୍ଲେଖିତ ତାଲିକାଭୁକ୍ତ ଜମି ଉପରେ କୌଣସି ଦାବି, ଅଧିକାର, ମାଲିକାନା, ବିକ୍ରୟ ଚୁକ୍ତି, ଦଖଲ କିମ୍ବା ତ୍ରୁଟି ଇତ୍ୟାଦି ଥାଏ, ତେବେ ଏହି ସୂଚନା ପ୍ରକାଶ ପାଇଥିବା ତାରିଖରୁ ୧୫ (ପନ୍ଦର) ଦିନ ମଧ୍ୟରେ ସମର୍ଥନ ସହିତ ତାଙ୍କର ଲିଖିତ ଆପତ୍ତି ନିଜେ ଉପସ୍ଥିତ ହୋଇ କିମ୍ବା ନିବନ୍ଧିତ ଡାକ ମାଧ୍ୟମରେ ନିମ୍ନଲିଖିତ ଅଧିବକ୍ତାଙ୍କୁ ଦାଖଲ କରିବେ।
ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କୌଣସି ଆପତ୍ତି ମିଳିବ ନାହିଁ, ତେବେ ମୋର ଗ୍ରାହକ HPCL ଏହା ବିଚାର କରିବେ ଯେ କୌଣସି ଆପତ୍ତି ନାହିଁ ଏବଂ ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଆପତ୍ତି କର୍ପୋରେସନ ଦ୍ୱାରା ଗ୍ରହଣ କରାଯିବ ନାହିଁ। ଏହା ପରେ କର୍ପୋରେସନ ଜମି ମାଲିକ/ଜମି ମାଲିକମାନଙ୍କଠାରୁ ଉକ୍ତ ତାଲିକାଭୁକ୍ତ ଜମି କ୍ରୟ କରିବା ପ୍ରକ୍ରିୟା ଆଗକୁ ବଢ଼ାଇବେ।
**ତାଲିକାଭୁକ୍ତ ସମ୍ପତ୍ତି:** ଜମିର ପରିମାଣ – Ac.0.50 ଡେସିମିଲ, Plot No. 300, ଯାହାର ଅନ୍ତର୍ଗତ ସୀମା – ପୂର୍ବ: 384, ଦକ୍ଷିଣ: 255, ପଶ୍ଚିମ: 379, 298 ଓ 299, Khata No. 66/150 ଅନ୍ତର୍ଗତ, ଗ୍ରାମ: ପୁଡ଼ାପଦର – 132, ତହସିଲ: ଟିଟିଲାଗଡ଼, ଜିଲ୍ଲା: ବଲାଙ୍ଗୀର।

**ମନୋଜ କୁମାର ମହାପାତ୍ର, LLM, ଅଧିବକ୍ତା**
Bilas Niwas, Nabaraj Vihar Lane, Dakhinakali Road, Dhenkanal - 759001
At/P.O.: Kaikei Niwas, Plot No. 506/10, Campus - 4, Boys Hostel, SOA, Sampur, Bhubaneswar - 751003
ଇମେଲ୍: manojakumar1970@gmail.com
ମୋବାଇଲ୍. 9437382136, 9437140971




ଛତିଶଗଡ଼ର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ମ୍ୟାଚଭାବେ ପୁରସ୍କୃତ କରାଯାଉଛି।


ଓଡ଼ିଶା ସରକାର No. T-121
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR–09014/11/0215/2526


# କ୍ୟୁସିଆଇ ଛତିଶଗଡ଼ ଫାଇନାଲରେ

## ୨୯ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ

**ଅମରପାଲି,୨୭।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଚାଲିଥିବା ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପର ଶନିବାର ସେମିଫାଇନାଲ ମ୍ୟାଚରେ ବାଙ୍ଗାଲୋର ସିଟି ଏକାଦଶ କର୍ଣ୍ଣାଟକକୁ ହରାଇ କ୍ୟୁସିଆଇ ଛତିଶଗଡ଼ ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ମ୍ୟାଚ ଟି-୨୦ ଓ ଟି-୧୦ ଫର୍ମାଟରେ ଖେଳାଯାଇଥିଲା। ଛତିଶଗଡ଼ ଦଳ ଟସ୍ ଜିଣି ପ୍ରଥମ ଫର୍ମାଟରେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୨୨୪ ରନ କରିଥିଲା। ଦଳର କ୍ରିତେଶ ସାହୁ ୩୨ ବଲରୁ ୭୫ ରନ, ହମିଦ ରାଜା ଓ ଆକାଶ ସିଂ ୩୯ ରନ ଲେଖାଏ କରିଥିଲେ। ବିପକ୍ଷ ରାଗା ଶିବ ଶଙ୍କର ୨ଟି ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ କରିଥିଲା। ଦଳର ବିନୟ ମିସ୍କି ୩୬ ଓ ସନ୍ଦୀପ କୁମାର ୩୪ ରନ କରିଥିଲେ। ବିପକ୍ଷ ବିବେକ କୁମାର ୪ ଟି ଓ ହମିଦ ରାଜା ୨ ଟି ଉଇକେଟ ନେଇଥିଲେ। ଟି -୧୦ ଫର୍ମାଟରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୬ ଉଇକେଟ ହରାଇ ୧୩୬ ରନ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୨୯ ଟି ବଲରୁ ୯୧ ରନ କରିଥିଲେ। ବିପକ୍ଷ ବିନୟ କୁମାର ୨ଟି ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ କରିଥିଲା। ଦଳର ବିନୟ ମସ୍କି ୩୦ ଓ ପବନ ପାୱାର ୨୩ ରନ କରିଥିବା ବେଳେ ବିପକ୍ଷ ହମିଦ ରାଜା ଓ ଶନି ତିୱାରୀ ପ୍ରତ୍ୟେକ ୩ ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ଼ ଫାଇନାଲରେ ପ୍ରବେଶ କରିଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଇଂ. ବବୁ ବାହନ ପ୍ରଧାନ,ପୂର୍ବତନ ଭାଜପା ରାଜ୍ୟ ଯୁବ ସମ୍ପାଦକ ଓମ ପ୍ରକାଶ ମିଶ୍ର, ଶିକ୍ଷାବିତ ଜଗତ ଶିରୋମଣି ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛତିଶଗଡ ର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ ମଧ୍ୟନ୍ତରରେ ପଞ୍ଚାୟତରାଜ, ପାନୀୟ ଜଳ ଯୋଗାଣ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ, ରାଜ୍ୟ ଅଲମ୍ପିକ ସଂଘ ଉପସଭାପତି ଦୁଲାଲ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା, ସରପଞ୍ଚ ସୂର୍ଯ୍ୟ ନନ୍ଦ, ରେଢାଖୋଲ ଜିଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ଭାଜପା ଜିଲା ସଭାପତି ବେଣୁଧର ଦାସ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ଉଷା କୁମାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିଲେ। ମାନସ ରଞ୍ଜନ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନଲାଇନ ସ୍କୋରିଂ ଏବଂ ତନୁଜରାଜ ସାହୁ, ଆଶିଷ ଦେଓ, ମାନସ ନନ୍ଦ, ମ୍ୟାକମିଲନ ମହାକୁର, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।


GOVERNMENT OF ODISHA e-mail: sebalangir@gmail.com
## DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR
2nd Corrigendum to Notice "e-Procurement Notice No. ACE, BOIC-06/2025-26
BID Identification No. ACE, BOIC-06/2025-26

No. A-1199: Due to Technical Issues the 2nd Corrigendum to e-Procurement Notice No. ACE, BOIC - 06/2025-26 for the work 1. Construction of Inspection Bunglow (I.B.) At: Padampur under Ong Dam Division, Padampur for the financial year 2025-26, 2. Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26, 3. Construction of (G+1) style D-Type quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 are hereby made as follows.

| Sl. No. | As per Notice Inviting Tender | | Modified to/Read as per 2nd Corrigendum |
|---|---|---|---|
| 1 | Period of availability of bidding document in the portal | From Dt.11.12.2025 from 10.00 A.M. to Dt.02.01.2026 upto 5.30 P.M. | From Dt. 29.12.2025 from 10.00 A.M. to Dt. 19.01.2026 upto 5.30 P.M. |
| 2 | Last date & time for receipt of Bids | Date: 02.01.2026 upto 5.30 P.M. | Date: 19.01.2026 upto 5.30 P.M. |
| 3 | Time and date of opening of Technical Bid | Date: 03.01.2026 at 11.00 hours | Date: 20.01.2026 at 11.00 hours |

All other terms and conditions remain unchanged.
Further details can be seen from the e-procurement portal "https://www.tendersodisha.gov.in".
OIPR-32347/11/0012/2526 Sd./- Additional Chief Engineer, Balangir Irrigation Circle, Balangir



Government of Jharkhand
## Urban Development And Housing Department
Dhanbad Municipal Corporation, Dhanbad

e-Procurement Re-Tender Notice No. DMC/40/2025-26
Reference No. : DMC/40/2025-26 Date : 27.12.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/40/2025-26/01 | Development of Chanchani Colony park under Ward 21 under Dhanbad Municipal Corporation (2nd Call) | 1,71,00,000.00 | 2 % of BOQ | 10000.00 | 210 Days |
| 2 | DMC/40/2025-26/02 | Development of Azad Nagar Gaffar Colony Park near Silver School in Ward no 17 under Dhanbad Municipal Corporation (2nd Call) | 66,48,000.00 | 2 % of BOQ | 10000.00 | 180 Days |

Date of Publication of Tender on website :- From 05.01.2026 At 03.00 PM
Online Last Date / Time for receiving of bids :- 19.01.2026 (Online) till 03:00 PM
Date of Bid Opening :- From 20.01.2026 at 03:00 PM (Online)
NOTE:-
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad

PR 369516 Urban Development (25-26)_D



GOVERNMENT OF ODISHA No.B-895
## OFFICE OF THE SUPERINTENDING ENGINEER
## JEYPORE (R&B) DIVISION, JEYPORE
ID: ee.randbjyp@gmail.com
e-Procurement Notice
Bid Identification No. S.E. (R&B)-10/2025-26/JYP(K)
No.7104 Date: 22.12.2025

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the work | : | Road and building works as mentioned in DTCN |
| 2 | No. of works | : | 09 Nos. |
| 3 | Estimated cost | : | Rs.4.99 lakhs to 39.28 lakhs |
| 4 | Period of completion | : | 2 (Two) to 3 (Three) months |
| 5 | Date & time of bidding | : | From 11.00 hours of 31.12.2025 upto 17.00 hours of 09.01.2026 |
| 6 | Last date & time for receipt of bids in portal | : | 17.00 hours of 09.01.2026 |
| 7 | Bids received online shall be opened on | : | 11.00 hours of 12.01.2026 |
| 8 | Name and address of the officer inviting bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in
OIPR-34027/11/0021/2526 Sd./- Superintending Engineer, Jeypore (R&B) Division



WORKS DEPARTMENT No.B-893
## OFFICE OF THE SUPERINTENDING ENGINEER
## RAIRANGPUR (R&B) DIVISION
e-mail: eerbrairangpur@yahoo.co.in
Government of Odisha 'e' Procurement Notice
Bid Identification No. SE41 of 2025-26

| | | | |
|---|---|---|---|
| 1 | Nature of work | : | Building work |
| 2 | Number of works | : | 03 (Three) Nos. |
| 3 | Amount put to tender | : | Rs.67,87,460.00 to Rs.44,05,117.00 |
| 4 | Class of contractor | : | B Class |
| 5 | Date & time of availability of bid document in the portal | : | Dt.31.12.2025 at 10.00 A.M. |
| 6 | Last date/ time of receipt of bid in the portal | : | Dt.06.01.2026 upto 04.00 P.M. |
| 7 | Date of opening of bid | : | Dt.07.01.2026 at 11.00 A.M. |
| 8 | Name & address of the office inviting bid | : | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http// tendersodisha.gov.in". All future corrigendum will be available on ONLINE mode only. | | |

Sd./- Superintending Engineer, Rairangpur (R&B) Division
OIPR-34041/11/0023/2526

# ଟେଲିକମ ଗ୍ରାହକ ସଚେତନତା କର୍ମଶାଳା

ରାଉରକେଲା,୨୭।୧୨
(ବିପ୍ଳବ ରଞ୍ଜନ ଦାଶ)

ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ବାର୍ଡ ଓଡ଼ିଶା ସଂସ୍ଥା ପକ୍ଷରୁ ରାଉରକେଲା ସମନ୍ୱିତ ଆଦିବାସୀ ବିକାଶ ଅନୁଷ୍ଠାନର ସଭା ଗୃହରେ ଶନିବାର ଟେଲିକମ୍ ଗ୍ରାହକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଚକରା ବିଶୋଇ ମୁକ୍ତି ସେନା ପ୍ରମୁଖ ପ୍ରକାଶ ଚନ୍ଦ୍ର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଶ୍ରଦ୍ଧା ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ଟ୍ରାଇ ସିଏଜି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଅନ୍ୟତମ ଅତିଥି, ସୁଦାମ ଡାକୁଆ ସାଧନ କର୍ମୀ ଏବଂ ସାଇବର ସେଲ୍ ଏସ୍‌ଆଇ ତ୍ରିଲୋଚନ ସ୍ୱାଇଁ ସମ୍ମାନ ଅତିଥି ଭାବେ ଯୋଗଦେଇ ସଞ୍ଚାର ସାଥୀ, ଚକ୍ଷୁ ଆପ୍ସ, ପ୍ରତିବିମ୍ବ, ହେଲ୍ପ ଲାଇନ ୧୯୩୦, ସାଇବାର କ୍ରାଇମ୍ ଡଟ୍ ଜିଓଭି ଡଟ୍ ଇନ୍ ଉପରେ ତାଲିମ ପ୍ରଦାନ କରିଥିଲେ। ସେହିପରି ସାଇବର କ୍ରାଇମ୍ ଉପରେ ଗ୍ରାହକମାନଙ୍କୁ ସଚେତନ କରାଯାଇଥିଲା। ଏଥିସହ ଗ୍ରାହକଙ୍କ ଅଭିଯୋଗର ସମାଧାନ ନ କଲେ କମ୍ପାନୀ ଦଣ୍ଡିତ ହେବା ବ୍ୟବସ୍ଥା ରହିଛି ବୋଲି ସୂଚନା ଦିଆଯାଇଥିଲା। କର୍ମଶାଳାରେ ବିଭିନ୍ନ ଟେଲିକମ୍ କମ୍ପାନୀର କ୍ଷେତ୍ର ଅଧିକାରୀ, ଅଙ୍ଗନୱାଡ଼ି, ମହିଳା ନେତ୍ରୀ ଓ ଗ୍ରାହକ ଅଂଶଗ୍ରହଣ କରିଥିଲେ। ବିଦ୍ୟାଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

# ଛଉ, ଲୋକନୃତ୍ୟରେ କମ୍ପିଲା ମଞ୍ଚ

**ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ**

ରାଉରକେଲା,୨୭।୧୨(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା, ଭାରତ ସରକାରଙ୍କ ସଂସ୍କୃତି ବିଭାଗ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ, ମହାନଦୀ କୋଲ ଫିଲ୍ଡସ ଲିମିଟେଡ୍‌ର ମିଳିତ ସହଯୋଗରେ ୮ଦିନ ଧରି ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟରରେ ଚାଲିଥିବା ୩୬ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ-୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ଇସ୍ପାତ କାରଖାନା ୱାର୍କସ ବିଭାଗର କାର୍ଯ୍ୟକାରୀ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି, ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟ୍ୟକାର ନବୀନ କୁମାର ପରିଡାଙ୍କୁ 'ସ୍ପନ୍ଦନ ପୁରସ୍କାର' ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ତଥା ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମାଙ୍କୁ 'ଗୀତ ଗୌରବ', ନାଟ୍ୟକାର ଡ. ସଞ୍ଜୟ ହାତୀଙ୍କୁ ନାଟ୍ୟ ଗୌରବ ଓ ବାଙ୍ଗାଲୋରର ନୃତ୍ୟଶିଳ୍ପୀ ଚନ୍ଦ୍ରିକା ମହାପାତ୍ରଙ୍କୁ ନୃତ୍ୟ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ପନ୍ଦନ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ଡ. ସମର ମୁଦାଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଆସାମ, ପଶ୍ଚିମବଙ୍ଗ, ବାରଣାସୀ, ଗ୍ୱାଲିଅର, ଭୁବନେଶ୍ୱର ଓ ରାଉରକେଲା କଳାକାରମାନଙ୍କ ଦ୍ୱାରା ୭ଟି ଭାଷାର ନାଟକ ପରିବେଷଣ କରାଯିବା ସହ ଉଦ୍‌ଯାପନୀ ଉତ୍ସବରେ ଲୋକନୃତ୍ୟ ପରିବେଷଣ ହୋଇଥିଲା। ଏହି ମହୋତ୍ସବରେ ଛଉ, ଦୁଲଦୁଲି ଭଳି ଲୋକନୃତ୍ୟରେ ମଞ୍ଚ କମ୍ପି ଉଠିଥିଲା। ଝିଲିମା ମହାନ୍ତି ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଶିଶିର ମୁଦାଲି, କ୍ଷୀରୋଦ ବାଡ଼ତ୍ୟା, କ୍ରିଷ୍ଣା ସିଂହ, ସୁଦୀପ ମିଶ୍ର, ଅମୂଲ୍ୟ ବେହେରା, ରାଜେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ଚାମ୍ବର ଅଫ୍ କମର୍ସ ପ୍ରତିନିଧି

ରାଉରକେଲା,୨୭।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସଭାପତି ମଲୟ ମଣ୍ଡଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଉରକେଲା ସର୍କିଟ ହାଉସରେ ସୌଜନ୍ୟମୂଳକ ସାକ୍ଷାତ କରି ୭ଟି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ଚ୍ୟାମ୍ବରର ପୂର୍ବତନ ସଭାପତି ସୁବ୍ରତ ପଟ୍ଟନାୟକ, ସୁନୀଲ କୟାଲ, ଆଦିତ୍ୟ ମହାପାତ୍ର, ପ୍ରବୀଣ ଗର୍ଗ, ଉପ ସଭାପତି ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ କପୁର, ସଚିବ (ଅର୍ଥ) ମନୀଷ ମୋଦି, ସଚିବ (ପ୍ରଶାସନ ଏବଂ ଜନସଂସ୍ଥା) ସନ୍ଦୀପ ଗୌତମ ଏବଂ ସୁଦର୍ଶନ ଗୋଏଲ ପ୍ରମୁଖ ସାମିଲ ହୋଇଥିଲେ। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ, ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗିର ଉପସ୍ଥିତ ଥିଲେ।

# ବାଙ୍ଗାଲୋରରେ ଓଡ଼ିଶା ମାଟିର ମହକ

ରାଉରକେଲା, ୨୭।୧୨(ସଙ୍ଗୀତା ଜେନା)

ଓଡ଼ିଶୀ ନୃତ୍ୟାଙ୍ଗନା ଚନ୍ଦ୍ରିକା ମହାପାତ୍ର



ଜନ୍ମଭୂମି ଓଡ଼ିଶା କିନ୍ତୁ କର୍ମଭୂମି ବାଙ୍ଗାଲୋର୍। ଓଡ଼ିଶାରୁ ନୃତ୍ୟ ଶିକ୍ଷା ପାଇ ବାଙ୍ଗାଲୋରରେ ପ୍ରସିଦ୍ଧି ଲାଭ କରିଛନ୍ତି ଓଡ଼ିଶୀ ନୃତ୍ୟାଙ୍ଗନା ଚନ୍ଦ୍ରିକା ମହାପାତ୍ର। ଶନିବାର ସନ୍ଧ୍ୟାରେ ରାଉରକେଲା ସିଭିକ୍ ସେଣ୍ଟରରେ ଆୟୋଜିତ ୩୬ତମ ସର୍ବଭାରତୀୟ ବହୁଭାଷାଭାଷୀ ନାଟକ ଓ ନୃତ୍ୟ ମହୋତ୍ସବରେ ସେ 'ନୃତ୍ୟ ଗୌରବ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପ୍ରାୟ ୨ ଦଶନ୍ଧି ଧରି ଓଡ଼ିଶୀ ନୃତ୍ୟ, ସଂସ୍କୃତି ଓ ପରମ୍ପରାକୁ ବିଦେଶ ମାଟିରେ ପହଞ୍ଚାଇବା ପ୍ରୟାସ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଖଣ୍ଡଗିରିରେ ରହୁଥିବା କୈଳାସ ଚନ୍ଦ୍ର ମହାପାତ୍ର ଏବଂ ବିଳାସିନୀ ମହାପାତ୍ରଙ୍କ କନ୍ୟା ଚନ୍ଦ୍ରିକା ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଛାତ୍ରୀ ଅଟନ୍ତି। ସେ ରାଉରକେଲାରେ ଆୟୋଜିତ ସର୍ବଭାରତୀୟ ନୃତ୍ୟ କାର୍ଯ୍ୟକ୍ରମରେ ଦୀର୍ଘ ବର୍ଷ ହେଲା ସାମିଲ ହୋଇଆସିଛନ୍ତି। ନୃତ୍ୟ କ୍ଷେତ୍ରରେ ବାଙ୍ଗାଲୋରରେ ତାଙ୍କୁ ଖ୍ୟାତି ମିଳିଛି। ସେ ଜଣେ ଗବେଷକ, କ୍ୟୁରେଟର, ପ୍ରଦର୍ଶକ, ନୃତ୍ୟ ନିର୍ଦ୍ଦେଶିକା ଓ ଓଡ଼ିଶୀ ନୃତ୍ୟରେ ସ୍ୱର୍ଣ୍ଣ ପଦକ ବିଜେତା। ଏହାବ୍ୟତୀତ ସେ ନ୍ୟାଶନାଲ ଚ୍ୟାନେଲ୍ ଦୂରଦର୍ଶନର ଜଣେ ଆଗଧାଡ଼ିର ନୃତ୍ୟ ଶିଳ୍ପୀ ଅଟନ୍ତି। ତରଙ୍ଗ ପଦ୍ମ, ନୃତ୍ୟ ଶିରୋମଣି, ଗିନିଜ ବୁକ୍ ଅଫ୍ ରେକର୍ଡସ ଭଳି ବହୁ ପୁରସ୍କାର ପାଇଛନ୍ତି ଚନ୍ଦ୍ରିକା। ବର୍ତ୍ତମାନ ସେ ବାଙ୍ଗାଲୋରରେ ନୃତ୍ୟ ଓ ଗବେଷଣା ପାଇଁ ଆଲପଦ୍ମା କେନ୍ଦ୍ରର କଳା ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ

# ଜାତୀୟ ନୃତ୍ୟ ପ୍ରତିଯୋଗିତା ଆଜା ନଚ୍‌ଲେ ଆରମ୍ଭ

ରାଉରକେଲା,୨୭।୧୨(ବିପ୍ଳବ ରଞ୍ଜନ ଦାଶ)



ଅତିଥିମାନେ ଜଣେ କୃତୀ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା ଭଞ୍ଜ ଭବନ ପ୍ରେକ୍ଷାଳୟରେ ଶନିବାର ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆଜା ନଚ୍‌ଲେ ଆରମ୍ଭ ହୋଇଛି। ଏଥିରେ ଆସ୍ଥା ଅନୁଷ୍ଠାନର ଉପ ସଭାପତି ରାଜ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ନୃତ୍ୟକଳା ଭାରତୀୟ ସଂସ୍କୃତି ଓ ସଭ୍ୟତାର ଏକ ଅବିଚ୍ଛିନ୍ନ ଅଙ୍ଗ। ଦେଶର ପ୍ରତି କୋଣ ଅନୁକୋଣରେ ଭିନ୍ନ ଭିନ୍ନ ନୃତ୍ୟକଳା ରହିଛି ଯାହା ଆମକୁ ଦେଶବ୍ୟାପୀ ପରିଚିତ କରାଏ ବୋଲି ପଣ୍ଡା କହିଥିଲେ। ୧ମ ଦିବସରେ ୪ଟି ପର୍ଯ୍ୟାୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା ଏବଂ ୬୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଭାଗ ନେଇ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ସୁଚିସ୍ମିତା ବିଶ୍ୱାସ ଓ ଦେବୀ କୁମାରୀ ପ୍ରଧାନ ବିଚାରକ ଦାୟିତ୍ୱ ତୁଲାଇଥିବାବେଳେ ରୋଜା ଡ୍ୟାନ୍ସ ଏକାଡେମୀ ଅଧକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁ, ନିର୍ଦ୍ଦେଶକ ଆଲୋକ ଜେନା, ସଭାପତି ବିଜୟ ମୁଖି ଏବଂ ସମ୍ପାଦିକା ଶିବାନୀ ରାଣା ସହଯୋଗ କରିଥିଲେ। ରବିବାର ୭ଟି ପର୍ଯ୍ୟାୟରେ ପାଶ୍ଚାତ୍ୟ ଓ ଆଧୁନିକ ଏକକ ଏବଂ ଦଳଗତ ନୃତ୍ୟ ପ୍ରତିଯୋଗିତା ହେବ ବୋଲି ଜଣାପଡିଛି।

# ପ୍ରାକ୍ତନ ପିଓଙ୍କ ନାଁରେ ଭିଜିଲାନ୍ସ ମାମଲା

ରାଉରକେଲା,୨୭।୧୨(ସଙ୍ଗୀତା ଜେନା):ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଚିକଟମାଟି ପଞ୍ଚାୟତ ପ୍ରାକ୍ତନ ପିଓ ତନ୍ମୟ କୁମାର ନନ୍ଦଙ୍କ ବିରୋଧରେ ୩୦ ଲକ୍ଷ ୫୫ ହଜାର ଟଙ୍କା ହେରଫେର ଅଭିଯୋଗ ହୋଇଛି। ଏହି ଘଟଣାରେ ନନ୍ଦଙ୍କ ନାଁରେ ଶନିବାର ରାଉରକେଲା ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ତେବେ ପିଓ ନନ୍ଦ ଗତ ୧୦ ବର୍ଷ ହେବ ଚାକିରିରୁ ଅବସର ଗ୍ରହଣ କରିସାରିଛନ୍ତି। ତାଙ୍କ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହେବା ପରେ ଭିଜିଲାନ୍ସ ତନାଘନା କରୁଛି।

## ଘୋଷଣା।

ଆମ୍ଭେ ଜଳବାୟୁ ସୁରକ୍ଷା ପରିଷଦ ତଥା Climate Defense Councilର ସଦସ୍ୟଗଣ ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, ଆମ୍ଭ ଅନୁଷ୍ଠାନ ନାମରେ ବହୁ ପ୍ରାର୍ଥୀଙ୍କୁ H. Biswalଙ୍କ ଦସ୍ତଖତ ଥାଇ ବହୁସଂଖ୍ୟକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବାର ଆମ୍ଭ ନଜରକୁ ଆସିଛି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ଅଟେ। ଏଥିରେ ଆମ୍ଭ ସଂସ୍ଥା ତଥା ଆମର କୌଣସି ସଦସ୍ୟ ସମ୍ପୃକ୍ତ ନାହାନ୍ତି କିମ୍ବା ଏପରି ନିଯୁକ୍ତିପତ୍ର ପ୍ରଦାନ ପାଇଁ ଆମ୍ଭ ସଂସ୍ଥା କାହାରିକୁ ଅଧିକୃତ କରିନାହିଁ ଏବଂ ଏହିପରି ନିଯୁକ୍ତି ନିମନ୍ତେ ଆମ୍ଭେ ତଥା ଆମ୍ଭ ସଂସ୍ଥା ଦାୟୀ ନୁହେଁ।

ଜଳବାୟୁ ସୁରକ୍ଷା ପରିଷଦ
ପରିଚାଳନା ସମିତିର ସଦସ୍ୟ ବୃନ୍ଦ

## ପୂର୍ବ ତଟ ରେଳପଥ

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-38, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସୀମିତ ଉଚ୍ଚତା ବିଶିଷ୍ଟ ସବୱେ (LHS), ବ୍ରିଜ୍‌ର ପୁନଃନିର୍ମାଣ, ରୋଡ୍ ଓଭର ବ୍ରିଜ୍ (ROB) / ରୋଡ୍ ଅଣ୍ଡର ବ୍ରିଜ୍ (RUB) ଇତ୍ୟାଦି ଯୋଗୁଁ କେବୁଲ ଡାଏଭର୍ସନ ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। କାର୍ଯ୍ୟର ପରିସର: LHS :- JT-01, JT-07, JT-36, JT-69, ST-14, 24, 45, ଆମ୍ଭୋଦଲା - ଲାଞ୍ଜିଗଡ଼ ରୋଡ୍‌ର କି.ମି. 257/5-7 ନିକଟରେ ଟ୍ରେସପାସିଂ ସ୍ଥାନ।

**ଟେଣ୍ଡର ମୂଲ୍ୟ (₹):** 1,76,69,162.50, ବିଡ୍ ସିକ୍ୟୁରିଟି (₹) : 2,38,400.00।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-41, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 20K ଠାରୁ ଊର୍ଦ୍ଧ୍ୱ TVU ସହିତ 03 ଟି ଲେବୁଲ କ୍ରସିଂ ଗେଟ୍ (RV-163, RV-164 ଏବଂ ST-63)ର ଇଣ୍ଟରଲକିଂ।

**ଟେଣ୍ଡର ମୂଲ୍ୟ (₹):** 3,62,43,893.40, ବିଡ୍ ସିକ୍ୟୁରିଟି (₹) : 3,31,200.00।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 12.01.2026 ରିଖ 1100 ଘଣ୍ଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା. 15.01.2026 ରିଖ 1100 ଘଣ୍ଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-940/Q/25-26

## OFFICE OF THE PRINCIPAL
## GOVERNMENT WOMEN'S COLLEGE, BALANGIR

(Affiliated to Rajendra University, Balangir, Odisha)
P.O./Dist.: Bolangir, Odisha - 767001, India
womenscollegebalangir.in | womenscollegebalangir@gmail.com
No. 3613/GWC Date: 27.12.2025

### QUOTATION CALL NOTICE

Price quotations are invited from registered firms in sealed cover having PAN No. and GST registered for the supply of laboratory equipments, library books and equipments by 03.01.2026 which will be opened on 12.01.2026 at 04.00 P.M. For details, visit college website or office during working hour.

Sd./- Principal
Govt. Women's College, Balangir

# ଏନ୍‌ଆଇଟିଆର୍‌ରେ ୨ଶହ କୋଟିର ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୨୭।୧୨
(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନରେ ଶନିବାର ସକାଳ ୯ଟାରେ ୨ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ସହ ଉଦ୍‌ଘାଟନ ହୋଇଛି। ଏଥିରେ ଏନ୍‌ଆଇଟି ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ୧ ହଜାର ଆସନ ବିଶିଷ୍ଟ ଏକ ଖୋଲା ଥିଏଟର ଉଦ୍‌ଘାଟନ ସହିତ ୩ଟି ପ୍ରମୁଖ ପ୍ରକଳ୍ପର ଶିଳାନ୍ୟାସ ଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଏନ୍‌ଆଇଟିର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ସାକ୍) ଅଧୀନରେ ସମସ୍ତ ସୁବିଧା ସମ୍ପନ୍ନ ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ କମ୍ପ୍ଲେକ୍ସ ୩୫ କୋଟି ଟଙ୍କା ବ୍ୟୟରେ ବିକଶିତ ହୋଇଛି। ଏହା କ୍ରୀଡ଼ା, ଫିଟ୍‌ନେସ୍ ଏବଂ ସାମଗ୍ରିକ ଛାତ୍ର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଏନ୍‌ଆଇଟି ସର୍ବଭାରତୀୟ ସ୍ତରରେ ନିଜ ସ୍ଥିତି ବଜାୟ ରଖିଛି। ୨୦୩୬ ଲକ୍ଷ୍ୟ ବର୍ଷରେ ଏହା ସର୍ବଶ୍ରେଷ୍ଠ ୫ମ ସ୍ଥାନ ଓ ମିଶନ୍ ୨୦୪୭ରେ ବିଶ୍ୱର ଅଗ୍ରଣୀ ଶୈକ୍ଷିକ ଅନୁଷ୍ଠାନରେ ପରିଣତ ହେବ। ଏନ୍‌ଆଇଟି ତାର ପାଠ୍ୟ ଖସଡ଼ାରେ ଏଆଇ, ରୋବୋଟିକ୍ସ ଭଳି ବିଭାଗ ସଂଲଗ୍ନ କରିଛି। ଏଥିରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରୀଛାତ୍ର ଚାକିରୀ ନୁହେଁ ବରଂ ଲୋକଙ୍କୁ ରୋଜଗାର ଦେବା ଲକ୍ଷ୍ୟ ନେଇ ଏଠାକୁ ଆସନ୍ତୁ। ଜଣେ ଏନ୍‌ଆଇଟି ଛାତ୍ର ବିଲିୟନେୟର ହେବାର ସମସ୍ତ ଗୁଣାବଳୀ ବହନ କରିଥାଏ। ଟେକ୍‌ନୋଲୋଜି ଏବଂ ଆର୍ଥିକ ବ୍ୟବସ୍ଥା ପରସ୍ପର ପରିପୂରକ ଅଟେ। ରାଉରକେଲା ବଢ଼ିଲେ ଓଡ଼ିଶା ବଢ଼ିବ। ରାଉରକେଲା କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ ବରଂ ଶିକ୍ଷାଗତ ଶକ୍ତିର ପ୍ରତୀକ। ଏନ୍‌ଆଇଟି ଜାତୀୟ ବିକାଶକୁ ଆଗେଇ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏନ୍‌ଆଇଟି ରାଉରକେଲାର ପରିଚୟ ସୁଦୂରପ୍ରସାରୀ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ସ୍ୱାଗତ ଭାଷଣ ଏବଂ ଏନ୍‌ଆଇଟି ପ୍ଲାନିଂ ବିଭାଗର ଡିନ୍ ପ୍ରଫେସର ପ୍ରଦୀପ ସରକାର ବିଗତ ଦିନରେ ଆରମ୍ଭ ହୋଇଥିବା ପ୍ରକଳ୍ପର ବିବରଣୀ ପ୍ରଦାନ କରିଥିଲେ।

## ଓଡ଼ିଶା ସରକାର

No. T-121

### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0215/2526

## ସର୍ବସାଧାରଣ ସୂଚନା

ମୋର ଗ୍ରାହକଙ୍କ ଆଦେଶ ମତେ ଏମ୍. ଏସ୍. ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍.ପି.ସି.ଏଲ୍) (ଭାରତ ସରକାରଙ୍କ ଉଦ୍ୟୋଗ), ଯାହାର କର୍ପୋରେଟ୍ କାର୍ଯ୍ୟାଳୟ ଜାମସେଦଜି ଟାଟା ରୋଡ, ମୁମ୍ବାଇ – 400020ଠାରେ ଅବସ୍ଥିତ ଏବଂ ଯେଉଁମାନେ ପେଟ୍ରୋଲିୟମ ଉତ୍ପାଦନର ସଂଶୋଧନ, ବିତରଣ ଓ ବଜାରକରଣ କାର୍ଯ୍ୟରେ ନିୟୁକ୍ତ ଏବଂ ଯାହାଙ୍କ ଗୋଟିଏ କାର୍ଯ୍ୟାଳୟ ସାଉଥ୍ ସେଣ୍ଟ୍ରାଲ ଏଲ୍.ପି.ଜି. ଜୋନ୍, ତୃତୀୟ ମହଲା, ରାଇଟ୍ ଉଇଙ୍ଗ୍, ଏଲ୍.ଆଇ.ସି., ଜୀବନ ସମୃଦ୍ଧି ଭବନ, ଠିକଣା ରୋଡ, ବିଶାଖାପଟନମ୍ – 530004ଠାରେ ଅବସ୍ଥିତ, ଯେଉଁମାନେ ଡେପୁଟି ଜେନେରାଲ ମ୍ୟାନେଜରଙ୍କ ଦ୍ୱାରା ପ୍ରତିନିଧିତ୍ୱ ହେଉଛନ୍ତି, ତାଙ୍କ ନିର୍ଦ୍ଦେଶାନୁସାରେ ମୁଁ ନିମ୍ନଲିଖିତ ସାର୍ବଜନିକ ସୂଚନା ଜାରି କରୁଛି।
ଏହା ଜଣାଯାଉଛି ଯେ, ମୋର ଗ୍ରାହକ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଶ୍ରୀ ହିମାଞ୍ଚଳ ବାଗ, ପିତା: ଶ୍ରୀ ରାଜକୁମାର ବାଗଙ୍କ ନିକଟରୁ, ସେକସନାଇଲିଜ୍ ଭଲଭ ଷ୍ଟେସନ ନିର୍ମାଣ ଉଦ୍ଦେଶ୍ୟରେ ତଳେ ଉଲ୍ଲେଖିତ ସମ୍ପତ୍ତି କ୍ରୟ କରିବା ପ୍ରସ୍ତାବ ରଖିଛନ୍ତି।
ଏହିପରି, ସମସ୍ତ ସାଧାରଣ ଜନତାଙ୍କୁ ଏହାଦ୍ୱାରା ଅବଗତ କରାଯାଉଛି ଯେ, ଯଦି କେହି ବ୍ୟକ୍ତି/ବ୍ୟକ୍ତିମାନେ ତଳେ ଉଲ୍ଲେଖିତ ତାଲିକାଭୁକ୍ତ ଜମି ଉପରେ କୌଣସି ଦାବି, ଅଧିକାର, ମାଲିକାନା, ବିକ୍ରୟ ଚୁକ୍ତି, ଦଖଲ କିମ୍ବା ତ୍ରୁଟି ଇତ୍ୟାଦି ଥାଏ, ତେବେ ଏହି ସୂଚନା ପ୍ରକାଶ ପାଇଥିବା ତାରିଖରୁ ୧୫ (ପନ୍ଦର) ଦିନ ମଧ୍ୟରେ ସମର୍ଥନ ସହିତ ତାଙ୍କର ଲିଖିତ ଆପତ୍ତି ନିଜେ ଉପସ୍ଥିତ ହୋଇ କିମ୍ବା ନିବନ୍ଧିତ ଡାକ ମାଧ୍ୟମରେ ନିମ୍ନଲିଖିତ ଅଧିବକ୍ତାଙ୍କୁ ଦାଖଲ କରିବେ।
ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କୌଣସି ଆପତ୍ତି ମିଳିବ ନାହିଁ, ତେବେ ମୋର ଗ୍ରାହକ HPCL ଏହା ବିଚାର କରିବେ ଯେ କୌଣସି ଆପତ୍ତି ନାହିଁ ଏବଂ ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଆପତ୍ତି କର୍ପୋରେସନ ଦ୍ୱାରା ଗ୍ରହଣ କରାଯିବ ନାହିଁ। ଏହା ପରେ କର୍ପୋରେସନ ଜମି ମାଲିକ/ଜମି ମାଲିକମାନଙ୍କଠାରୁ ଉକ୍ତ ତାଲିକାଭୁକ୍ତ ଜମି କ୍ରୟ କରିବା ପ୍ରକ୍ରିୟା ଆଗକୁ ବଢ଼ାଇବେ।
**ତାଲିକାଭୁକ୍ତ ସମ୍ପତ୍ତି:** ଜମିର ପରିମାଣ – Ac.0.50 ଡେସିମିଲ, Plot No. 300, ଯାହାର ଅନ୍ତର୍ଗତ ସୀମା – ପୂର୍ବ: 384, ଦକ୍ଷିଣ: 255, ପଶ୍ଚିମ: 379, 298 ଓ 299, Khata No. 66/150 ଅନ୍ତର୍ଗତ, ଗ୍ରାମ: ପୁଡ଼ାପଦର – 132, ତହସିଲ: ଟିଟିଲାଗଡ଼, ଜିଲ୍ଲା: ବଲାଙ୍ଗୀର।

**ମନୋଜ କୁମାର ମହାପାତ୍ର,** LLM, ଅଧିବକ୍ତା
Bilas Niwas, Nabaraj Vihar Lane, Dakhinakali Road, Dhenkanal - 759001
At/P.O.: Kaikei Niwas, Plot No. 506/10, Campus - 4, Boys Hostel, SOA, Sampur, Bhubaneswar - 751003
ଇମେଲ୍: manojakumar1970@gmail.com
ମୋବାଇଲ୍. 9437382136, 9437140971

GOVERNMENT OF ODISHA e-mail: sebalangir@gmail.com

## DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR
### 2nd Corrigendum to Notice "e-Procurement Notice No. ACE, BOIC-06/2025-26
BID Identification No. ACE, BOIC-06/2025-26

No. A-1199: Due to Technical Issues the 2nd Corrigendum to e-Procurement Notice No. ACE, BOIC - 06/2025-26 for the work 1. Construction of Inspection Bunglow (I.B.) At: Padampur under Ong Dam Division, Padampur for the financial year 2025-26, 2. Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26, 3. Construction of (G+1) style D-Type quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 are hereby made as follows.

| Sl. No. | As per Notice Inviting Tender | | Modified to/Read as per 2nd Corrigendum |
|---|---|---|---|
| 1 | Period of availability of bidding document in the portal | From Dt.11.12.2025 from 10.00 A.M. to Dt.02.01.2026 upto 5.30 P.M. | From Dt. 29.12.2025 from 10.00 A.M. to Dt. 19.01.2026 upto 5.30 P.M. |
| 2 | Last date & time for receipt of Bids | Date: 02.01.2026 upto 5.30 P.M. | Date: 19.01.2026 upto 5.30 P.M. |
| 3 | Time and date of opening of Technical Bid | Date: 03.01.2026 at 11.00 hours | Date: 20.01.2026 at 11.00 hours |

All other terms and conditions remain unchanged.
Further details can be seen from the e-procurement portal "https://www.tendersodisha.gov.in".
OIPR-32347/11/0012/2526 Sd./- Additional Chief Engineer, Balangir Irrigation Circle, Balangir

GOVERNMENT OF ODISHA No.B-895

## OFFICE OF THE SUPERINTENDING ENGINEER
## JEYPORE (R&B) DIVISION, JEYPORE

ID: ee.randbjyp@gmail.com
e-Procurement Notice
Bid Identification No. S.E. (R&B)-10/2025-26/JYP(K)
No.7104 Date: 22.12.2025

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the work | : | Road and building works as mentioned in DTCN |
| 2 | No. of works | : | 09 Nos. |
| 3 | Estimated cost | : | Rs.4.99 lakhs to 39.28 lakhs |
| 4 | Period of completion | : | 2 (Two) to 3 (Three) months |
| 5 | Date & time of bidding | : | From 11.00 hours of 31.12.2025 upto 17.00 hours of 09.01.2026 |
| 6 | Last date & time for receipt of bids in portal | : | 17.00 hours of 09.01.2026 |
| 7 | Bids received online shall be opened on | : | 11.00 hours of 12.01.2026 |
| 8 | Name and address of the officer inviting bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in
OIPR-34027/11/0021/2526 Sd./- Superintending Engineer, Jeypore (R&B) Division

# ଚିତ୍ରକଳା ପ୍ରଦର୍ଶନୀ, ପୁରସ୍କାର ବିତରଣ ଉତ୍ସବ



ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

ରାଉରକେଲା,୨୭।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଫାଇନ ଆର୍ଟ 'ଚିତ୍ରକଳା କେନ୍ଦ୍ର'ର ଚିତ୍ରକଳା ପ୍ରଦର୍ଶନୀ ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସ୍କୁଲ ଡିଆଇ ରଶ୍ମିବାଳା ରାଉତରାୟ ମୁଖ୍ୟ ଅତିଥି, ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ସମ୍ମାନିତ ଅତିଥି ଓ ଅବତାର ଫିଲ୍ମର ଲିଡ୍ ଆନିମେଟର ମନ୍ଦୀପ ସିଂହ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। କଳାକେନ୍ଦ୍ରର ପ୍ରିନ୍ସପାଲ ଦେବେନ୍ଦ୍ର ମହାରଣା ଅଧ୍ୟକ୍ଷତା କରିଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଭାଗ ନେଇ ସେମାନଙ୍କ ସୃଜନଶୀଳ ଚିତ୍ରମାନ ପ୍ରଦର୍ଶନ କରିଥିଲେ। ସ୍ୱର୍ଗତ ଅଭିଳାଷ ନାୟକଙ୍କ ସ୍ମୃତିରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାସନ୍ତୀ ମହାରଣା, ଉଷା ରାଣୀ ଶତପଥୀ, ଦେବିସ୍ମିତା ବେହେରା, ଲଭଲି ଘୋଷ, ରଶ୍ମିରେଖା ବିଶ୍ୱାଳ, ମାଧୁରୀ ପ୍ରଧାନ, ସବିତା ବସା, କେ. ବିଜୟ ଭାସ୍କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିନ୍ସପାଲ ଦେବେନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

Government of Jharkhand
## Urban Development And Housing Department
Dhanbad Municipal Corporation, Dhanbad

### e-Procurement Re-Tender Notice No. DMC/40/2025-26
Reference No. : DMC/40/2025-26 Date : 27.12.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/40/2025-26/01 | Development of Chanchani Colony park under Ward 21 under Dhanbad Municipal Corporation (2nd Call) | 1,71,00,000.00 | 2 % of BOQ | 10000.00 | 210 Days |
| 2 | DMC/40/2025-26/02 | Development of Azad Nagar Gaffar Colony Park near Silver School in Ward no 17 under Dhanbad Municipal Corporation (2nd Call) | 66,48,000.00 | 2 % of BOQ | 10000.00 | 180 Days |

Date of Publication of Tender on website :- From 05.01.2026 At 03.00 PM
Online Last Date / Time for receiving of bids :- 19.01.2026 (Online) till 03:00 PM
Date of Bid Opening :- From 20.01.2026 at 03:00 PM (Online)
NOTE:-
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad
PR 369516 Urban Development (25-26)_D

WORKS DEPARTMENT No.B-893

## OFFICE OF THE SUPERINTENDING ENGINEER
## RAIRANGPUR (R&B) DIVISION

e-mail: eerbrairangpur@yahoo.co.in
Government of Odisha 'e' Procurement Notice
Bid Identification No. SE41 of 2025-26

| | | | |
|---|---|---|---|
| 1 | Nature of work | : | Building work |
| 2 | Number of works | : | 03 (Three) Nos. |
| 3 | Amount put to tender | : | Rs.67,87,460.00 to Rs.44,05,117.00 |
| 4 | Class of contractor | : | B Class |
| 5 | Date & time of availability of bid document in the portal | : | Dt.31.12.2025 at 10.00 A.M. |
| 6 | Last date/ time of receipt of bid in the portal | : | Dt.06.01.2026 upto 04.00 P.M. |
| 7 | Date of opening of bid | : | Dt.07.01.2026 at 11.00 A.M. |
| 8 | Name & address of the office inviting bid | : | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http// tendersodisha.gov.in". All future corrigendum will be available on ONLINE mode only. | | |

Sd./- Superintending Engineer, Rairangpur (R&B) Division
OIPR-34041/11/0023/2526




ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଶ୍ରୀମତୀ ସମ୍ବଲପୁର-୨୦୨୫ରେ ପ୍ରତିଯୋଗୀମାନେ।

# ପ୍ରତିଭା ପ୍ରଦର୍ଶନକଲେ ୨୪ ଶ୍ରୀମତୀ

ସମ୍ବଲପୁର,୨୭।୧୨(ବି.ଶଙ୍କର)

ବାଣାପାଣି କଳା ବିକାଶ କେନ୍ଦ୍ର ଆୟୋଜିତ ଶ୍ରୀମତୀ ସମ୍ବଲପୁର-୨୦୨୫(ମିସେସ ସମ୍ବଲପୁର-୨୦୨୫) ଶନିବାର ମଧ୍ୟାହ୍ନ ୧୨ଟାରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଉଦ୍ଘାଟିତ ହୋଇଛି । ପ୍ରତିଯୋଗିତାରେ ମନୋନୀତ ୧୮ ରୁ ୫୮ ବର୍ଷ ବୟସ୍କା ୨୪ଜଣ ମହିଳା ଭାଗ ନେଇଛନ୍ତି। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ୪ଟି ରାଉଣ୍ଡରେ ନିଜର ପ୍ରତିଭା ପ୍ରଦର୍ଶନ କରି ବିଚାରକମାନଙ୍କୁ ବିମୋହିତ କରିଛନ୍ତି। ପ୍ରତିଯୋଗୀମାନେ ନିଜ ପରିଚୟ ପ୍ରଦାନ କରିବା ସହ ସମ୍ବଲପୁରୀ କଳା, ସଂସ୍କୃତି, ମହିଳା ସଶକ୍ତୀକରଣ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଏହାବ୍ୟତୀତ ଦକ୍ଷତା(ଟ୍ୟାଲେଣ୍ଟ) ରାଉଣ୍ଡରେ ନିଜର ନୃତ୍ୟ, ଗୀତ, ଚିତ୍ରକଳା, ରଙ୍ଗୋଲି ପ୍ରଭୃତି ଦକ୍ଷତା ପ୍ରତିପାଦନ କରିଛନ୍ତି। ଏଥିରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ୨୦ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବାଣାପାଣି କଳାବିକାଶ କେନ୍ଦ୍ର ପ୍ରତିଷ୍ଠାତା ସୁପ୍ରଭା ସାହାଣୀ ଓ ସୁରେଶ ଚାନ୍ଦଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଭାଜପାର ବରିଷ୍ଠ ନେତା ସୁଶାନ୍ତ କୁମାର ପୁରୋହିତ, ଆୟୋଜକ ଅନୁଷ୍ଠାନର ଉପଦେଷ୍ଟା ମାନସ ରଞ୍ଜନ ଷଡଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ.ଦେବସ୍ମିତା ମିଶ୍ର, ଖ୍ୟାତିସମ୍ପନ୍ନ ଫଟୋଗ୍ରାଫର ଶିଶିର କର, ସମ୍ବଲପୁରୀ ଡିଜାଇନର ସମିତ କର, ବରିଷ୍ଠ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା, ନୃତ୍ୟଶିଳ୍ପୀ ରେଶମା ଶ୍ରୀକୁମାର ଡ. ମୁରଲୀଧର ଶର୍ମା, ଆଶା ଶର୍ମା, ଡ. ସୁଜାତା ପଣ୍ଡା ଏବଂ ଡାକ୍ତର ଏଚ୍. ପି.ତ୍ରିପାଠୀ ବିଚାରକ ରହିଛନ୍ତି। କାର୍ଯ୍ୟକ୍ରମ ପ୍ରକଳ୍ପ ମୁଖ୍ୟ ନିର୍ଦ୍ଦେଶକ ସୂର୍ଯ୍ୟ ପ୍ରକାଶ ଗୁରୁ ସୂଚନା ଓ ପ୍ରତିଯୋଗିତାର ନିୟମ ବିଷୟରେ ସୂଚିତ କରିଥିଲେ। ଆୟୋଜକ ଅନୁଷ୍ଠାନ ସଦସ୍ୟ ଦିଲୀପ କୁମାର ପଣ୍ଡା, ସୁଶ୍ରୀ ପ୍ରିୟଦର୍ଶିନୀ, ଅମିତ ପତି, ଅଜୟ ପଣ୍ଡା, ପ୍ରଦୀପ୍ତ ପଟେଲ, ଲିପନ ସ୍ୱାଇଁ, ତର୍ପଣ ପ୍ରଧାନ, ରିଙ୍କି ସାହୁ, ଚନ୍ଦନ ସରାଫ, ଶାନ୍ତନୁ କୁମାର ବାର୍ମା, ରାଜଶ୍ରୀ ରାଉଳ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଇଞ୍ଜିନିୟର ଜ୍ୟୋତିରାଦିତ୍ୟ ମହାନ୍ତି, ମନିଷୀ ପାଣିଗ୍ରାହୀ, ଆଶିଷ ନାଥ ଏବଂ ତରୁଣ ପ୍ରତିଯୋଗିତାର ସଂଯୋଜନା କରିଥିଲେ ।

ଶ୍ରୀମତୀ ସମ୍ବଲପୁର ସୁନ୍ଦରୀ ପ୍ରତିଯୋଗିତା

# ଗ୍ରାହକଙ୍କ ଅଭିଯୋଗର ସମାଧାନ ନ କଲେ କାର୍ଯ୍ୟାନୁଷ୍ଠାନ

କେଳପାହାଡ଼,୨୭।୧୨(ସୁବାସ ପ୍ରଧାନ)

ଭାରତ ସରକାରଙ୍କ ଟେଲିକମ ନିୟାମକ ପ୍ରାଧିକରଣ (ଟ୍ରାଇ) ସହଯୋଗରେ ଉପଭୋକ୍ତା ଓକିଲାତି ସଂସ୍ଥା 'ସାର୍ଟ' ପକ୍ଷରୁ ଲଖନପୁର ବ୍ଲକସ୍ଥିତ ବିଜାପାଲିସ୍ଥିତ ମହିମା ସ୍ନାତକ ମହାବିଦ୍ୟାଳୟଠାରେ ଏକ 'ଟେଲିକମ ଅଭିଯୋଗ ସମାଧାନ ଓ ସାଇବର ନିରାପତ୍ତା ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ବ୍ରଜରାଜନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଚିନ୍ତାମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରମଣୀ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସିଏଜି 'ସାର୍ଟ'ର ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ଲଖନପୁର ଅତିରିକ୍ତ ତହସିଲଦାର କୁଳମଣି ଦଳାଇ ଯୋଗଦେଇ ବର୍ତ୍ତମାନର ଡିଜିଟାଲ ଯୁଗରେ ଇ-ସେବା ଓ ଇଣ୍ଟରନେଟର ଅପରିହାର୍ଯ୍ୟତା ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ଭାରତରେ ସାଇବର ଅପରାଧ ଯୋଗୁ ବାର୍ଷିକ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି, ଯାହା ଦେଶର ଜିଡିପିର ପ୍ରାୟ ୦.୭ ପ୍ରତିଶତ। ଏହା ଦେଶର ଅର୍ଥନୈତିକ ପ୍ରଗତିରେ ଏକ ବଡ଼ ବାଧକ। ବିଦେଶୀ ଆପ ମାଧ୍ୟମରେ ପ୍ରତି ମିନିଟରେ ଗ୍ରାହକମାନେ ଠକାମିର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସାଇବର ଥାନା ଅଧିକାରୀ ଅଜଣା ଲିଙ୍କ, ଫେକ କଲ୍ ଓ ହ୍ୱାଟ୍ସଆପ୍ ଏବଂ ସନ୍ଦେହଜନକ ମେସେଜ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। 'ଓଟିପି' କାହାରିକୁ ସେୟାର ନ କରିବାକୁ ସେ କଡ଼ା ଚେତାବନୀ ଦେଇଥିଲେ। ଶିକ୍ଷାବିତ୍ ସୁଦାମ ଡାକୁଆ ଟ୍ରାଇ ପ୍ରଦତ୍ତ ବିଭିନ୍ନ ଆପ୍ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଥିଲେ ଯେ, ଯଦି କୌଣସି ଟେଲିକମ କମ୍ପାନୀ ଟ୍ରାଇର ନିୟମ ଉଲ୍ଲଂଘନ କରନ୍ତି କିମ୍ବା ଗ୍ରାହକ ସେବାରେ ଅବହେଳା କରନ୍ତି, ତେବେ ସେମାନଙ୍କ ଉପରେ ମୋଟା ଅଙ୍କର ଅର୍ଥଦଣ୍ଡ ସହ ସେବା ନିଷେଧାଦେଶ ମଧ୍ୟ ଜାରି କରାଯାଇପାରେ। ଏହି କର୍ମଶାଳାରେ ବିଏସ୍ଏନ୍ଏଲ୍, ଏୟାରଟେଲ ଏବଂ ଜିଓର କ୍ଷେତ୍ର ଅଧିକାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ପ୍ରମୁଖ ସୁବ୍ରତ କୁମାର ବରାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଆ ବିଭାଗ ମୁଖ୍ୟ ବିରଞ୍ଚି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରସୁଗୁଡ଼ା ଡିଏଭିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଝାରସୁଗୁଡ଼ା,୨୭।୧୨(ଆଶିଷ ରଞ୍ଜନ ଦାଶ)




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଝାରସୁଗୁଡ଼ା ଡିଏଭିର ଦ୍ୱିତୀୟ ତଥା ମଧ୍ୟମ ପର୍ଯ୍ୟାୟ ବାର୍ଷିକ କ୍ରୀଡ଼ା ୨୬ ଓ ୨୭ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଅନ୍ତିମ ପର୍ଯ୍ୟାୟର କ୍ରୀଡ଼ା ଉଦ୍‌ଯାପନୀ ଦିବସରେ ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏସନର ଉପସଭାପତି ତଥା ସଚିବ ସଭ୍ୟ ତାପସ ରାୟ ଚୌଧୁରୀ, ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଷ୍ଟେଟ ହକି ଫେଡ଼େରେଶନର ଉପସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଛାତ୍ରଛାତ୍ରୀ କ୍ରୀଡ଼ାବିତମାନଙ୍କ ଦୈନନ୍ଦିନ ଜୀବନରେ ଖେଳକୁଦର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପ୍ରଧାନ, ସମାଜସେବୀ ସୁବ୍ରତ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ସୁବାସ ମିଶ୍ର, ପ୍ରାକ୍ତନ ଶିକ୍ଷକ ଏମ.ଭି.ଏଲ.ଏନ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଖେଳ ଶିକ୍ଷକ ବିଜୟ ଦାଶ ଓ ପୁନମ ବିଦିବସ୍ୱାୟ ଖେଳର ସଂଯୋଜନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବିଭିନ୍ନ ଇଭେଣ୍ଟରେ ଭାଗ ନେଇଥିଲେ। ଦୌଡ଼, ଝିଓ୍ୱାଁ, ପିଙ୍ଗା ସ୍ୱାସ୍ଥ୍ୟ ସଚେତନତା ପାଇଁ ପରିସର ମଧ୍ୟରେ ଏକ ହେଲଦି ଫୁଡ୍ ଫେଷ୍ଟିଭାଲ ସାଙ୍ଗକୁ ମନୋରଞ୍ଜନଧର୍ମୀ ଖେଳକୁଦକର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପଦକ ସହ ପୁରସ୍କୃତ କରାଯାଇଥିଲା। ଡ. ମଞ୍ଜୁଶ୍ରୀ ବେହୁରା, ଅଞ୍ଜଳି ବାଲସୁବ୍ରମନ୍ୟନ, ଅଲୋକ ବିହାରୀ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ବିଜେଡିର ନୂତନ କର୍ମକର୍ତ୍ତା ମନୋନୀତ

ଝାରସୁଗୁଡ଼ା,୨୭।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ବିଜେଡିର ନୂତନ କର୍ମକର୍ତ୍ତା କମିଟି ଗଠନ କରାଯାଇଛି। ଏହି କମିଟିରେ ପୂର୍ବରୁ ଜିଲ୍ଲା ସଭାପତି ହରିଶ ଗଣ୍ଡ ରହିଥିବା ବେଳେ ଶୁକ୍ରବାର ଉପସଭାପତି ଭାବେ ବ୍ରଜରାଜନଗର ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ସେହିପରି ଝାରସୁଗୁଡ଼ା ପୌରାଞ୍ଚଳ ପାଇଁ ରଘୁନନ୍ଦନ ପାଢ଼ୀ(ପିଣ୍ଟୁ)ଙ୍କୁ ଗୁରୁଦାୟିତ୍ୱ ଦେଇ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଅପରପକ୍ଷରେ ପ୍ରଦାନ ସିଂହ ଯାଦବ, ଲକ୍ଷ୍ମଣ ସାହୁ, ଭବାନୀ ସା, ସନ୍ତୋଷ କୁମାର ମହାନ୍ତି ପ୍ରମୁଖଙ୍କୁ ବିଭିନ୍ନ ବ୍ଲକର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏଥିସହିତ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ପ୍ରଧାନ, ଅଶୋକ ମାଝୀ, ବାସୁଦେବ ଭଏଷା, ନିର୍ମଳ ସାହୁ, ବନମାଳୀ ଖର୍ସେଲ, ହିତେଶ ଠକ୍କର, ବୀର ମହାପାତ୍ର, ତୁଳେଶ୍ୱର ପଟେଲ, ଟିକେଶ୍ୱର ସେନାପତି, ଦେବୀପ୍ରସାଦ ମିଶ୍ର, ରବିରତ୍ନ ପ୍ରଧାନ, ମଧୁସୂଦନ ସିଂହ, ରାଜେନ୍ଦ୍ର ପ୍ରସାଦ ସାହୁ, ପ୍ରମୋଦ କୁମାର ଗର୍ଗିଆଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ତେବେ ସମସ୍ତ ମନୋନୀତ କର୍ମକର୍ତ୍ତାମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଝାରସୁଗୁଡ଼ାର ପୂର୍ବତନ ବିଜେଡି ବିଧାୟିକା ଦୀପାଳି ଦାସ ଓ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୧୪ ଚାଷୀଙ୍କ ୪୮୮ କୁଇଣ୍ଟାଲ ଧାନ ସଂଗ୍ରହ

## ଚାରଭାଟିରେ ଧାନ ସଂଗ୍ରହ ଶୁଭାରମ୍ଭ

ବ୍ରଜରାଜନଗର,୨୭।୧୨(ବିଜୟ ବରାଡ଼)

ଲୋଇସିଂହ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାରଭାଟି ଗ୍ରାମଠାରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ରାଧାମାଧବ ମିଶନ ଶକ୍ତି ଚାରଭାଟି ତରଫରୁ ଚଳିତ ବର୍ଷ ଖରିଫ ଋତୁରେ ଅମଳ ହୋଇଥିବା ଧାନ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ଲୋଇସିଂହ ଗ୍ରାମପଞ୍ଚାୟତର ସରପଞ୍ଚ ସନାତନ ରୋହିଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧାନ ସଂଗ୍ରହ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଶୁକ୍ରବାର ପ୍ରଥମ ଦିନରେ ଚାରଭାଟି, ଲୋଇସିଂହ, ବଡ଼ିଆବାହାଲ ଏବଂ ଠେଙ୍ଗଡ଼ପୁର ଗ୍ରାମର ମୋଟ ୧୪ ଜଣ ଚାଷୀଙ୍କ ଠାରୁ ମୋଟ ୪୮୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ରାଧାମାଧବ ମିଶନ ଶକ୍ତିର ସଭାନେତ୍ରୀ ବିଜୟିନୀ ପ୍ରଧାନ, ସମ୍ପାଦିକା ଅଞ୍ଜନା ବାରିକ, ସମେତ ମିଶନ ଶକ୍ତିର ସମସ୍ତ ସଦସ୍ୟା, ଧାନ କ୍ରୟ କମିଟି ସଦସ୍ୟ ସୁନିଲ ବାରିକ, ପ୍ରକାଶ ଭୋଇ, ଦିଲ୍ଲିପ ପଟେଲ ଏବଂ ଆର୍‌ଏମ୍‌ସି ଅଧିକାରିଣୀ ଶ୍ରୀ ସୋନାଲୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ବଜରଙ୍ଗ ଦଳ ତରଫରୁ ଶୀତବସ୍ତ୍ର ବଣ୍ଟନ

ବ୍ରଜରାଜନଗର,୨୭।୧୨(ବିଜୟ ବରାଡ଼)

ବ୍ରଜରାଜନଗର ସହରାଞ୍ଚଳର ଗଙ୍ଗା ନଗର ଓ ମଣ୍ଡଳୀୟା କଲୋନିରେ ଶନିବାର ଗରିବ ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଲକ୍ଷ୍ୟ ସାହାଯ୍ୟରେ ଏହି ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ ପରିଚାଳିକା କିରଣ ଦାସଙ୍କ ନେତୃତ୍ୱରେ ସଦସ୍ୟମାନେ ସହାୟତା ପ୍ରଦାନ କରିଥିଲେ। ଚଳିତବର୍ଷ ଶତାଧିକ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟତଃ ବଜରଙ୍ଗ ଦଳର କର୍ମୀମାନେ ସାମିଲ ଥିଲେ।

# ଫୁଟବଲ ପ୍ରତିଯୋଗିତା ଫାଇନାଲରେ ଝାରସୁଗୁଡ଼ା



ଫୁଟବଲ ଖେଳାଳିମାନେ।

ବ୍ରଜରାଜନଗର,୨୭।୧୨(ବିଜୟ ବରାଡ଼)

ବ୍ରଜରାଜନଗର ସହରାଞ୍ଚଳର ଓପିଏମ୍ ଖେଳ ପଡ଼ିଆରେ ଅନିଲ ଶର୍ମା ମେମୋରିଆଲ ଦ୍ରୁତ ଦିବସୀୟ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାକୁ ବ୍ରଜରାଜନଗର ନଗରପାଳ ଗୋପାଳ ଶୀତଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍ଘାଟନ କରିଥିଲେ। ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ୧୬ ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନରେ ଝାରସୁଗୁଡ଼ା, ରେଙ୍ଗାଲି, ବେଲପାହାଡ଼, ବାଣ୍ଢବହାଲ, ସୁନ୍ଦରଗଡ଼ କୁଚିଣ୍ଡା ଓ ପଦ୍ମମାଳପୁର ଦଳ ଖେଳିଥିଲେ। ସେମାନଙ୍କ ମଧ୍ୟରୁ କୁଚିଣ୍ଡା ଓ ଝାରସୁଗୁଡ଼ା ମଧ୍ୟରେ ଫାଇନାଲ ଖେଳାଯାଇଥିଲା, ଝାରସୁଗୁଡ଼ା ଗୋଟିଏ ଗୋଲ ଦେଇ ଫାଇନାଲରେ ପ୍ରବେଶ କରିଛି। ରବିବାର ଜମାଦରପାଲି, ହୀରାକୁଦ, ବ୍ରଜରାଜନଗର, ବୁର୍ଲା, ବରଗଡ଼, ସୋନପୁର, ସମ୍ବଲପୁର ଓ ବିର୍ମିତ୍ରାପୁର ଦଳ ମଧ୍ୟରେ ଖେଳାଯିବ। ପୂନା ମହାନ୍ତି ଓ ଶୀତଳ ଗୁରୁମେର ଖେଳ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ୪୦ବର୍ଷରୁ ଉର୍ଦ୍ଧ୍ୱ ବୟସର ଖେଳାଳିମାନେ ଭାଗ ନେଇଛନ୍ତି।


**ଘୋଷଣା**

ଆମେ ଜଳବାୟୁ ସୁରକ୍ଷା ପରିଷଦ ତଥା Climate Defense Council ସଦସ୍ୟଗଣ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, ଆମ ଅନୁଷ୍ଠାନ ନାମରେ ଶ୍ରୀ ... H. Biswal ଙ୍କ ଦ୍ୱାରା ... ଆମ ଜଳବାୟୁ ... ପ୍ରଦାନ କରାଯାଇଥିବା ... ସହ ଆମ ସଂସ୍ଥାର କୌଣସି ସମ୍ପର୍କ ନାହିଁ ... ଆମ ସଂସ୍ଥା ଦାୟୀ ରହିବ ନାହିଁ।

ଜଳବାୟୁ ସୁରକ୍ଷା ପରିଷଦ
ପରିଚାଳନା ସମିତିର ସଦସ୍ୟ ବୃନ୍ଦ



**ପୂର୍ବ ତଟ ରେଳପଥ**

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-38, ତା.22.12.2025ରିଖ

କାର୍ଯ୍ୟର ନାମ : ... LHS:- JT-01, JT-07, JT-36, JT-69, ST-14, 24, 45, ... କି.ମି. 257/5-7 ...

ଟେଣ୍ଡର ମୂଲ୍ୟ (₹) : 1,76,69,162.50, ବିଡ୍ ସିକ୍ୟୁରିଟି (₹) : 2,38,400.00।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-41, ତା.22.12.2025ରିଖ

କାର୍ଯ୍ୟର ନାମ : ... 20K ... TVU ... RV-163, RV-164 ... ST-63) ...

ଟେଣ୍ଡର ମୂଲ୍ୟ (₹) : 3,62,43,893.40, ବିଡ୍ ସିକ୍ୟୁରିଟି (₹) : 3,31,200.00।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 12.01.2026 ରିଖ 1100 ଘଣ୍ଟାରେ (କ୍ରମ ସଂ. 1 ପାଇଁ) ଏବଂ ତା. 15.01.2026 ରିଖ 1100 ଘଣ୍ଟାରେ (କ୍ରମ ସଂ. 2 ପାଇଁ)।

... https://www.ireps.gov.in ...

PR-940/Q/25-26



No. T-121

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0215/2526



**OFFICE OF THE PRINCIPAL**
**GOVERNMENT WOMEN'S COLLEGE, BALANGIR**
(Affiliated to Rajendra University, Balangir, Odisha)
P.O./Dist.: Bolangir, Odisha - 767001, India
womenscollegebalangir.in | womenscollegebalangir@gmail.com
No. 3613/GWC Date: 27.12.2025

**QUOTATION CALL NOTICE**

Price quotations are invited from registered firms in sealed cover having PAN No. and GST registered for the supply of laboratory equipments, library books and equipments by 03.01.2026 which will be opened on 12.01.2026 at 04.00 P.M. For details, visit college website or office during working hour.

Sd./- Principal
Govt. Women's College, Balangir



**ସର୍ବସାଧାରଣ ସୂଚନା**

ମୋର ମକ୍କେଲଙ୍କ ଆଦେଶ ମତେ ... ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍.ପି.ସି.ଏଲ୍) ... HPCL ...

ତଫସିଲ : ... Khata No 66/150 ... 

ମନୋଜ କୁମାର ମହାପାତ୍ର, LLM, ଅଧିବକ୍ତା
Bilas Niwas, Nabaraj Vihar Lane, Dakhinakali Road, Dhenkanal - 759001
At/P.O.: Kaikei Niwas, Plot No. 506/10, Campus - 4, Boys Hostel, SOA, Sampur, Bhubaneswar - 751003
ଇମେଲ: manojakumar1970@gmail.com
ମୋବାଇଲ: 9437382136, 9437140971



GOVERNMENT OF ODISHA e-mail: sebalangir@gmail.com

**DEPARTMENT OF WATER RESOURCES**

**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**

**2nd Corrigendum to Notice "e-Procurement Notice No. ACE, BOIC-06/2025-26**

**BID Identification No. ACE, BOIC-06/2025-26**

No. A-1199: Due to Technical Issues the 2nd Corrigendum to e-Procurement Notice No. ACE, BOIC - 06/2025-26 for the work 1. Construction of Inspection Bunglow (I.B.) At: Padampur under Ong Dam Division, Padampur for the financial year 2025-26, 2. Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26, 3. Construction of (G+1) style D-Type quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 are hereby made as follows.

| Sl. No. | | As per Notice Inviting Tender | Modified to/Read as per 2nd Corrigendum |
|---|---|---|---|
| 1 | Period of availability of bidding document in the portal | From Dt.11.12.2025 from 10.00 A.M. to Dt.02.01.2026 upto 5.30 P.M. | From Dt. 29.12.2025 from 10.00 A.M. to Dt. 19.01.2026 upto 5.30 P.M. |
| 2 | Last date & time for receipt of Bids | Date: 02.01.2026 upto 5.30 P.M. | Date: 19.01.2026 upto 5.30 P.M. |
| 3 | Time and date of opening of Technical Bid | Date: 03.01.2026 at 11.00 hours | Date: 20.01.2026 at 11.00 hours |

All other terms and conditions remain unchanged.
Further details can be seen from the e-procurement portal "https://www.tendersodisha.gov.in".

OIPR-32347/11/0012/2526 Sd./- Additional Chief Engineer, Balangir Irrigation Circle, Balangir



GOVERNMENT OF ODISHA No.B-895

**OFFICE OF THE SUPERINTENDING ENGINEER**
**JEYPORE (R&B) DIVISION, JEYPORE**
ID: ee.randbjyp@gmail.com
**e-Procurement Notice**
**Bid Identification No. S.E. (R&B)-10/2025-26/JYP(K)**
No.7104 Date: 22.12.2025

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | | |
|---|---|---|
| 1 | Name of the work | Road and building works as mentioned in DTCN |
| 2 | No. of works | 09 Nos. |
| 3 | Estimated cost | Rs.4.99 lakhs to 39.28 lakhs |
| 4 | Period of completion | 2 (Two) to 3 (Three) months |
| 5 | Date & time of bidding | From 11.00 hours of 31.12.2025 upto 17.00 hours of 09.01.2026 |
| 6 | Last date & time for receipt of bids in portal | 17.00 hours of 09.01.2026 |
| 7 | Bids received online shall be opened on | 11.00 hours of 12.01.2026 |
| 8 | Name and address of the officer inviting bid | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in
OIPR-34027/11/0021/2526 Sd./- Superintending Engineer, Jeypore (R&B) Division



Government of Jharkhand

**Urban Development And Housing Department**

**Dhanbad Municipal Corporation, Dhanbad**

**e-Procurement Re-Tender Notice No. DMC/40/2025-26**

Reference No. : DMC/40/2025-26 Date : 27.12.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/40/2025-26/01 | Development of Chanchani Colony park under Ward 21 under Dhanbad Municipal Corporation (2nd Call) | 1,71,00,000.00 | 2 % of BOQ | 10000.00 | 210 Days |
| 2 | DMC/40/2025-26/02 | Development of Azad Nagar Gaffar Colony Park near Silver School in Ward no 17 under Dhanbad Municipal Corporation (2nd Call) | 66,48,000.00 | 2 % of BOQ | 10000.00 | 180 Days |

Date of Publication of Tender on website :- From 05.01.2026 At 03.00 PM
Online Last Date / Time for receiving of bids :- 19.01.2026 (Online) till 03:00 PM
Date of Bid Opening :- From 20.01.2026 at 03:00 PM (Online)

NOTE:-
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
PR 369516 Urban Development (25-26)_D Dhanbad Municipal Corporation, Dhanbad



WORKS DEPARTMENT No.B-893

**OFFICE OF THE SUPERINTENDING ENGINEER**
**RAIRANGPUR (R&B) DIVISION**
e-mail: eerbrairangpur@yahoo.co.in
Government of Odisha 'e' Procurement Notice
Bid Identification No. SE41 of 2025-26

| | | |
|---|---|---|
| 1 | Nature of work | Building work |
| 2 | Number of works | 03 (Three) Nos. |
| 3 | Amount put to tender | Rs.67,87,460.00 to Rs.44,05,117.00 |
| 4 | Class of contractor | B Class |
| 5 | Date & time of availability of bid document in the portal | Dt.31.12.2025 at 10.00 A.M. |
| 6 | Last date/ time of receipt of bid in the portal | Dt.06.01.2026 upto 04.00 P.M. |
| 7 | Date of opening of bid | Dt.07.01.2026 at 11.00 A.M. |
| 8 | Name & address of the office inviting bid | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http://tendersodisha.gov.in". All future corrigendum will be available on ONLINE mode only. | |

Sd./- Superintending Engineer, Rairangpur (R&B) Division
OIPR-34041/11/0023/2526

## ଭବ୍ୟ ଆୟୋଜନ, ବଡ଼ ଅବ୍ୟବସ୍ଥା



# ୮ ଦଳାଚକଟାରେ ୧୨୭ ମୃତ



ମନ୍ଦିର, ପାର୍ବଣରୁ ନେଇ ରେଳ ଷ୍ଟେଶନ୍ , ରାଜନୈତିକ ରାଲି ଓ କ୍ରୀଡ଼ାରେ ବିଜୟ ଉତ୍ସବ ପର୍ଯ୍ୟନ୍ତ ଭବ୍ୟ ଆୟୋଜନ କରାଯାଇଥିଲା। କିନ୍ତୁ ଏହି ବିଶାଳ ଜନ ସମାଗମଗୁଡ଼ିକରେ ଆୟୋଜକ ତଥା ପୋଲିସ ପ୍ରଶାସନ ପକ୍ଷରୁ ଉପଯୁକ୍ତ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରା ନ ଯିବାରୁ ଦେଶର ୮ ସ୍ଥାନରେ ଦଳାଚକଟା ହୋଇଥିଲା। ଏଥିରେ ମୋଟ ୧୨୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶହ ଲୋକ ଆହତ ହୋଇଥିଲେ। ଜାନୁଆରୀ ୨୯ରେ ୟୁପିର ପ୍ରୟାଗରାଜରେ ମହାକୁମ୍ଭ ବେଳେ ଭୋର ସମୟରେ ମୌନୀ ଅମାବାସ୍ୟା ପାଇଁ ବହୁ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ସଙ୍ଗମସ୍ଥଳକୁ ଛୁଟି ଆସିଥିଲେ। ଅବ୍ୟବସ୍ଥା ଯୋଗୁ ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୬୦ରୁ ଅଧିକ ଆହତ ହୋଇଥିବା ସରକାରୀ ଭାବେ କୁହାଯାଇଥିଲା। ତେବେ ମୃତାହତଙ୍କ ପ୍ରକୃତ ସଂଖ୍ୟା ଅଧିକ ହୋଇଥିବା ଆଶଙ୍କା କରି ବିରୋଧୀ ଦଳଗୁଡ଼ିକ ୟୁପି ସରକାର ଓ କେନ୍ଦ୍ରକୁ ସମାଲୋଚନା କରିଥିଲେ। ଭିଆଇପି ସଂସ୍କୃତି ଯୋଗୁ ଏପରି ଘଟିଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ଜାନୁଆରୀ ୯ରେ ଆନ୍ଧ୍ରପ୍ରଦେଶର ତିରୁମାଲା ହିଲ୍ସସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଦଳାଚକଟା ହେବାରୁ ୬ ଭକ୍ତଙ୍କ ମୃତ୍ୟୁ ଘଟିଥିଲା। ଫେବୃଆରୀ ୧୫ରେ ନୂଆଦିଲ୍ଲୀ ରେଳ ଷ୍ଟେଶନ୍‌ର ଏକ ଗହଳିପୂର୍ଣ୍ଣ ଫୁଟ୍‌ବ୍ରିଜରେ ଦଳାଚକଟା ଯୋଗୁ ୧୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଆର୍‌ସିବିର ପ୍ରଥମ ଆଇପିଏଲ୍ ଟାଇଟଲ ବିଜୟ ପରେ ଜୁନ୍ ୪ରେ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଭିକ୍ଟ୍ରି ସେଲିବ୍ରେଶନ ଚାଲିଥାଏ। ଦଳାଚକଟା ହେବାରୁ ୧୧ ଜଣଙ୍କ ଜୀବନ ଚାଲିଗଲା। ଜୁଲାଇ ୨୭ରେ ତାମିଲନାଡୁର କରୁରରେ ଅଭିନେତା-ରାଜନେତା ବିଜୟଙ୍କ ରାଲି ବେଳେ ଦଳାଚକଟା ହେବାରୁ ୩୯ ପ୍ରାଣ ହରାଇଥିଲେ। ନଭେମ୍ବର ୧ରେ ଆନ୍ଧ୍ରର କାସିବୁଗା ସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଚଳାଚକଟାରେ ୯ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ହୋଇଥିଲା।

# ଏସ୍‌ଆଇଆର୍ ଭୋଟ ଚୋରି




ବିହାର ନିର୍ବାଚନ ପୂର୍ବରୁ ଜୁନ୍ ଶେଷ ଆଡ଼କୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ଆଣିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ନିର୍ବାଚନରେ ଭାଜପାର ଏକତରଫା ବିଜୟ ପରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସିଇସିଙ୍କ ସାଧୁତା ଓ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଶାସକ ଦଳ ବିପକ୍ଷରେ ଯାଉଥିବା ଭୋଟରଙ୍କୁ ତାଲିକାରୁ ହଟାଇବା ପାଇଁ କମିଶନ ଭୋଟ ଚୋରି ପନ୍ଥା ଆପଣାଇଥିବା ଅଭିଯୋଗ ଆଣିବା ସହ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ଏହାସତ୍ତ୍ୱେ ପଶ୍ଚିମବଙ୍ଗ ଓ ଆସାମ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଚାଲିଥିବା ଏସ୍‌ଆଇଆର୍ ଯୋଗୁ ଅନେକ ଯୋଗ୍ୟ ମତଦାତା ଭୋଟର ତାଲିକାରୁ କଟିଯାଇଥିଲେ। ଏପରି କି ଏସ୍‌ଆଇଆର୍ କାର୍ଯ୍ୟଚାପରେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଆତ୍ମହତ୍ୟା କରିବା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ପ୍ରଶ୍ନବାଣ ସିଇସି-କେନ୍ଦ୍ରକୁ ଘାଇଲା କରିଥିଲା।

କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯାଉଛି ୨୦୨୫। କିନ୍ତୁ ସ୍ମରଣୀୟ ହୋଇ ରହିବ ବିଦାୟୀ ବର୍ଷର ଘଟଣାବଳୀ। ବିଶେଷକରି ଭାରତରେ ଘଟିଥିବା ଅନେକ ଘଟଣା, ଅଘଟଣକୁ ନେଇ ବିବାଦ ମୁଣ୍ଡ ଟେକିଥିବାବେଳେ ବହୁ ଆହ୍ୱାନ ସୃଷ୍ଟିକାରୀ ପ୍ରସଙ୍ଗ ଓ ଜଣାଶୁଣା ବ୍ୟକ୍ତିତ୍ୱ ୧୨ ମାସରେ ଯୋଡ଼ିଥିଲେ ଶତାଧିକ ବିତର୍କିତ ଅଧ୍ୟାୟ। ସୈଫ୍ ଅଲୀ ଖାନ୍‌ଙ୍କୁ ଛୁରାମାଡ଼ ପଛର ରହସ୍ୟ ଅସମାହିତ ହୋଇ ରହିଯାଇଥିବାବେଳେ ପୋଡ୍‌କାଷ୍ଟର ରଣବୀର ଆଲ୍ଲାହାବାଦିଆଙ୍କ ଅଶାଳୀନ ମନ୍ତବ୍ୟ ବିବାଦ ଛିଡ଼ା କରାଇଥିଲା। ମହାକୁମ୍ଭମେଳାରୁ ନେଇ ଦେଶର ବିଭିନ୍ନ ଭାଗରେ ୮ ଦଳାଚକଟାରେ ଅନ୍ୟୁନ ୧୨୭ ଜଣଙ୍କ ମୃତ୍ୟୁ ଘଟିବା କର୍ତ୍ତୃପକ୍ଷଙ୍କ ଭିଡ଼ ପରିଚାଳନାର ବିଫଳତାକୁ ଦର୍ଶାଇଥିଲା। ହରିୟାଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପାକିସ୍ତାନ ଯାଇ ଭାରତ ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ହେବା ଖବର ଆସିବା ପରେ ସେ ପାଲଟିଯାଇଥିଲେ ଦେଶର ସବୁଠୁ ଘୃଣ୍ୟ ଯୁବତୀ। ଲଦାଖ ହିଂସାରେ ୪ ଜଣଙ୍କ ପ୍ରାଣହାନି ହେବା ପରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ କାରାଗାରର କାଳ କୋଠରିକୁ ଠେଲିଦେଇଥିଲା କେନ୍ଦ୍ର। ମନ୍ଦିର-ମସ୍‌ଜିଦ ବିବାଦରୁ ସୃଷ୍ଟ ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ୟୁପିରେ ଆଇ ଲଭ୍ ମହମ୍ମଦ ବିକ୍ଷୋଭ ଅନେକ ମାସ ଧରି ଖବର ତିଆରି କରିଥିଲା। ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ବାଦ୍ ଦେଇ ତା' ବଦଳରେ ଜାତୀୟତାବାଦକୁ ପୂରାଇଦେବା ଏବଂ ଏନ୍‌ଇପିର ୩ ଭାଷା ନୀତିଜନିତ ବିତର୍କ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଥିଲା। ଆଲୋଚ୍ୟ ବର୍ଷରେ ନିର୍ବାଚନ କମିଶନଙ୍କ ଭୂମିକା ପ୍ରଥମ ଥର ପାଇଁ ବିରୋଧୀଙ୍କ ସନ୍ଦେହର ଜାଲରେ ଛନ୍ଦି ହୋଇଯାଇଥିଲା। ଏସ୍‌ଆଇଆର୍ ନାଁରେ ଭୋଟ ଚୋରି, କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ, ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ହଠାତ୍ ଇସ୍ତଫା, ୱାକ୍‌ଫ ଆଇନ, ଜାତିଗତ ଜନଗଣନା, ଆରାବଳୀ ଖନନ ଭଳି ପ୍ରସଙ୍ଗରେ କଂଗ୍ରେସ କେନ୍ଦ୍ରକୁ ଘେରିଥିଲା।

# ହ୍ୱାଇଟ୍ କଲାର ଆତଙ୍କବାଦ
# ଦୋହଲିଗଲା ଦିଲ୍ଲୀ





ନଭେମ୍ବର ୧୦ ରାତି ୭ଟା ବାଜିବାକୁ ଯାଉଥାଏ, ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ବଜାର ନିକଟରେ ଘଟିଥିଲା ବଡ଼ ବିସ୍ଫୋରଣ। ଏକ ବିସ୍ଫୋରକ ବୋଝେଇ କାର୍‌ରେ ବସିଥିଲେ ଜଣେ ଡାକ୍ତର, ଯାହାଙ୍କ ଆତ୍ମଘାତୀ ଆକ୍ରମଣରେ ଚାଲିଗଲା ୧୪ ଜଣଙ୍କ ଜୀବନ। ପୂର୍ବରୁ ଭାରତରେ ପହଲଗାମ୍ ଭଳି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ଦୋଷ ଦିଆଯାଉଥିବାବେଳେ ସେବାର ସଫେଦ ଚାଦର ପରିହିତ ଦେଶ ଭିତର ଲୋକେ କିପରି ଜେହାଦ ନାମରେ ଗଣହତ୍ୟା କରିପାରନ୍ତି ତାହା ପ୍ରଥମ ଥର ସାମ୍ନାକୁ ଆସିଲା। ଜମ୍ମୁ-କଶ୍ମୀରରୁ ୟୁପି, ହରିୟାଣା ଓ ଜାତୀୟ ରାଜଧାନୀର ହାଇ ସିକ୍ୟୁରିଟି ଜୋନ୍ ପର୍ଯ୍ୟନ୍ତ ହ୍ୱାଇଟ୍ କଲାର ଆତଙ୍କବାଦର ଚେର ପ୍ରିମିୟର ସୁରକ୍ଷା ଏଜେନ୍ସିଗୁଡ଼ିକର ନିଦ ହଜାଇ ଦେଇଥିଲା। ଆତ୍ମଘାତୀ ସାଜିଥିବା ପୁଲ୍‌ୱାମା ଡାକ୍ତର ଉମର ମହମ୍ମଦଙ୍କ ସମେତ ଜଣେ ପରେ ଜଣେ ଚିକିତ୍ସକଙ୍କ ଭୂମିକା ଲୋକଲୋଚନକୁ ଆସିବା ପରେ ଆତଙ୍କବାଦର ଦେଶୀ ପାଠଶାଳା ଅଲ୍ ଫଲାହ ୟୁନିଭର୍ସିଟିର ପଞ୍ଜୀକରଣ ରଦ୍ଦ କରାଯାଇଥିଲା।

# ଧନ୍‌କରଙ୍କ ବିଦା



ଭାରତର ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକର ୨୦୨୭ ଅଗଷ୍ଟ ୧୦ରେ ଅବସର ନେଇଥାଆନ୍ତେ। କିନ୍ତୁ ୨ ବର୍ଷରୁ ଅଧିକ କାର୍ଯ୍ୟକାଳ ବାକି ଥିବାବେଳେ ଜୁଲାଇ ୨୧ରେ ଇସ୍ତଫା ଦେଇ ରାଜନୈତିକ ମହଲରେ ଅନେକ କଳ୍ପନାଜଳ୍ପନାକୁ ଜନ୍ମ ଦେଇଥିଲେ ସେ। ସଂସଦର ମୌସୁମୀ ଅଧିବେଶନ ଚାଲିଥିବାବେଳେ ରାଜ୍ୟ ସଭାର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ରାତି ପର୍ଯ୍ୟନ୍ତ ଧନ୍‌କର ପଦ ଛାଡୁଥିବା ନେଇ କେହି ଟେର୍ ପାଇ ନ ଥିଲେ। ସରକାରୀ ବାସଭବନକୁ ଯିବା ପରେ ରାତିରେ ହଠାତ୍ ନିଜ 'X' ହ୍ୟାଣ୍ଡଲରେ ସେ ଉପରାଷ୍ଟ୍ରପତି ପଦରୁ ତତ୍କାଳ ଇସ୍ତଫା ଦେଇଥିବା ସୋସିଆଲ ମିଡିଆରେ ଘୋଷଣା କଲେ। ଅର୍ଥାତ୍ ଧନକର ସୋମବାର ରାତିରେ ହିଁ ଇସ୍ତଫା ଦେବେ ବୋଲି ଦିନବେଳା ତାଙ୍କ ମନରେ ନ ଥିଲା କିମ୍ବା ଏ ସମ୍ପର୍କରେ ସେ ଆଦୌ ଅବଗତ ନ ଥିଲେ। ଘରକୁ ଯିବା ପରେ କୌଣସି ଆଡୁ ତାଙ୍କ ଉପରେ ପଦ ଛାଡ଼ିବାକୁ ଚାପ ପଡ଼ିଥାଇପାରେ ବୋଲି ଦିଲ୍ଲୀ ମହଲରେ କୌତୂହଳର ସହ ଚିନ୍ତା କରାଗଲା। ଏପରି କି ଧନ୍‌କର ମୋଦି ବିରୋଧୀଙ୍କୁ ମେଳି କରୁଥିବାରୁ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଲା, ଯାହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

ୟୁବପିଢ଼ି ନଜରରେ ସେ ଥିଲେ ରୋଲ୍ ମଡେଲ। କିନ୍ତୁ ଫେବୃଆରୀ ୧୦ରେ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋ' ପ୍ରସାରିତ ହେବା ପରେ ପାଲଟିଯାଇଥିଲେ ବିବାଦୀୟ ପୋଡ୍‌କାଷ୍ଟର। ରଣବୀର ଆଲ୍ଲାହାବାଦିଆ ମା'ବାପାଙ୍କ ଶାରୀରିକ ସମ୍ପର୍କ କଥା ଉଠାଇ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ତୀବ୍ର ସମାଲୋଚିତ ହୋଇଥିଲେ। ମହାରାଷ୍ଟ୍ର ଓ ଆସାମ ସମେତ ବିଭିନ୍ନ ଭାଗରେ ରଣବୀର, ସମୟ ରୈନା ଏବଂ ଅନ୍ୟ ସହଯୋଗୀମାନଙ୍କ ବିରୋଧରେ ମାମଲା ରୁଜୁ ହେଲା। ବିବାଦକୁ ଦେଖି ୟୁଟ୍ୟୁବ୍ ମଧ୍ୟ ଏହି ଚର୍ଚ୍ଚିତ ଶୋକୁ ହଟାଇଦେଇଥିଲା। ପରବର୍ତ୍ତୀ ସମୟରେ ରଣବୀର ବୟକଟ୍ ହୋଇ କ୍ଷମା ମାଗିବାକୁ ବାଧ୍ୟ ହୋଇଥିଲେ। ଏପରି କି ଏହି ପ୍ରସଙ୍ଗରେ ସଂସଦ ଓ ସର୍ବୋଚ୍ଚ ଅଦାଲତରେ ବିଚାର ହୋଇଥିଲା। ଡିଜିଟାଲ ସ୍ପେସ୍‌ରେ କଣ୍ଟେଣ୍ଟ ନିୟନ୍ତ୍ରଣ ପାଇଁ ଦେଶରେ କଡ଼ା ଆଇନ ପ୍ରଣୟନର ଆବଶ୍ୟକତାକୁ ସୂଚାଇ ଦେଇଥିଲା ରଣବୀର ଆଲ୍ଲାହାବାଦିଆଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ।

# ଆଲ୍ଲାହାବାଦିଆଙ୍କ ଅଶାଳୀନ ମନ୍ତବ୍ୟ


ରଣବୀର ଆଲ୍ଲାହାବାଦିଆ

# ବିବାଦ ବିତର୍କ

## ପାକ୍‌ର 'ଆସେଟ୍' ଜ୍ୟୋତି ମାଲହୋତ୍ରା



ପାକିସ୍ତାନକୁ ଭାରତର ସମ୍ବେଦନଶୀଳ ପ୍ରତିରକ୍ଷା ତଥ୍ୟ ପ୍ରଦାନ ଅଭିଯୋଗରେ ହରିୟାଣା ହିସାରର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ମେ' ୧୭ରେ ଗିରଫ କରାଯାଇଥିଲା। ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣ ପୂର୍ବରୁ ଜ୍ୟୋତି ବହୁବାର ପାକିସ୍ତାନ ଯାଇଥିବାରୁ ଏହି ଆକ୍ରମଣ ସହ ତାଙ୍କ ଗଭୀର ସମ୍ପର୍କ ଥିବା ସନ୍ଦେହ କରି ତଦନ୍ତକାରୀ ସଂସ୍ଥାଗୁଡ଼ିକ ତନାଘନା ଚଳାଇଥିଲେ। ପାକିସ୍ତାନର ଗୋଇନ୍ଦା ଅପରେଟିଭମାନେ ତାଙ୍କୁ 'ଆସେଟ୍' ଭାବେ ବିକଶିତ କରିଥିଲେ। ସ୍ପନ୍‌ସର ଟ୍ରିପ୍‌ରେ ସେ ପାକିସ୍ତାନ ଯାଉଥିଲେ। ଜ୍ୟୋତି ପାକିସ୍ତାନ ସୂଚନା ଅଧିକାରୀ (ପିଆଇଓ) ଏବଂ ଭାରତୀୟ ଇନ୍‌ଫ୍ଲୁଏନ୍ସରମାନଙ୍କ ଯୋଗାଯୋଗରେ ଥିଲେ। ତାଙ୍କ ଜରିଆରେ ଅନ୍ୟ କେତେଜଣ ଇନ୍‌ଫ୍ଲୁଏନ୍ସର ମଧ୍ୟ ପିଆଇଓମାନଙ୍କ ସମ୍ପର୍କରେ ରହିଥିଲେ। ଏହା ଏକ ଯୁଦ୍ଧ ଭଳି କାର୍ଯ୍ୟ, ଯହିଁରେ ସେମାନେ ଇନ୍‌ଫ୍ଲୁଏନ୍ସରଙ୍କୁ ନିଯୁକ୍ତ କରି ନିଜ ନ୍ୟାରେଟିଭ୍‌କୁ ଆଗକୁ ବଢ଼ାଉଥିଲେ ବୋଲି ସୁରକ୍ଷା ଏଜେନ୍ସିଗୁଡ଼ିକ ତଦନ୍ତରୁ ଜାଣିବାକୁ ପାଇଥିଲେ। ଜ୍ୟୋତିଙ୍କ ବିରୋଧରେ ୨,୫୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ ହୋଇଛି। ସେ ଏବେ ମଧ୍ୟ ଜେଲରେ ରହିଛନ୍ତି।

## ଝିଅଙ୍କ ସ୍ତନ ସ୍ପର୍ଶ ବଳାତ୍କାର ନୁହେଁ କହିଥିଲେ ବିଚାରପତି

ମାର୍ଚ୍ଚ ୧୬ରେ ବଳାତ୍କାର ପ୍ରସଙ୍ଗରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରାମମନୋହର ନାରାୟଣ ମିଶ୍ରାଙ୍କ ଏକ ରାୟ ବିବାଦୀୟ ହୋଇଥିଲା। ଜଷ୍ଟିସ୍ ମିଶ୍ରା କହିଥିଲେ, ଜଣେ ଝିଅଙ୍କ ସ୍ତନ ସ୍ପର୍ଶ କରିବା, ତାଙ୍କ ପାଇଜାମାକୁ ଟାଣିବା ଭଳି କାର୍ଯ୍ୟକୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ବୋଲି କୁହାଯାଇପାରିବ ନାହିଁ। ଏହା ପରିବର୍ତ୍ତେ ବିଚାରପତି ଏଭଳି କାର୍ଯ୍ୟକୁ ଯୌନ ଉତ୍ପୀଡ଼ନ ଭାବେ ବର୍ଗୀକୃତ କରିଥିଲେ। ଏହି ରାୟ ଭାରତରେ ଯୌନ ଅପରାଧ ନିରୋଧୀ ଆଇନ ପ୍ରତି ଦୃଷ୍ଟିଭଙ୍ଗୀ ଓ ଏହାର କାର୍ଯ୍ୟକାରିତା ଉପରେ ଏକ ବ୍ୟାପକ ବିତର୍କ ସୃଷ୍ଟି କରିଥିଲା। ଏଥିସହ ମହିଳାଙ୍କ ଅଧିକାର ଓ ସୁରକ୍ଷା ପାଇଁ ସମ୍ବେଦନଶୀଳତା ଏବଂ ପୀଡ଼ିତାଙ୍କ ସହ ଘଟିଥିବା ବର୍ବରତାକୁ ନେଇ ନ୍ୟାୟିକ ଆଭିମୁଖ୍ୟରେ ପରିବର୍ତ୍ତନର ଆବଶ୍ୟକତାକୁ ବିତର୍କ ରେଖାଙ୍କିତ କରିଥିଲା। ହାଇକୋର୍ଟ ବିଚାରପତିଙ୍କ ରାୟକୁ ରାଜନେତା ଓ ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ସମାଲୋଚନା କରିଥିଲେ। ସେହି ମାସ ୨୬ ତାରିଖରେ ଜଷ୍ଟିସ୍ ମିଶ୍ରାଙ୍କ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ।

# ନାଇଟ୍ କ୍ଲବ୍ ନିଆଁରେ ୨୫ ଜଳିଗଲେ






ଉତ୍ତର ଗୋଆର 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍‌ରେ ଡିସେମ୍ବର ୬ ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଥିଲେ। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବନ୍ଦୋବସ୍ତ କରାଯାଇ ନ ଥିବାରୁ ଏତେ ବଡ଼ ଘଟଣା ଘଟିଗଲା। ଅଗ୍ନିକାଣ୍ଡ ପରେ କ୍ଲବ୍ ମାଲିକ ସୌରଭ ଲୁଥ୍ରା ଓ ଗୌରବ ଲୁଥ୍ରା ଥାଇଲାଣ୍ଡ ଫେରାର ହୋଇଯାଇଥିଲେ। ପରେ ଦୁଇଭାଇଙ୍କୁ ଭାରତ ଅଣାଯାଇଥିଲା।

## ବିଚାରପତିଙ୍କ ବିଡ଼ା ବିଡ଼ା ନୋଟ୍

ମାର୍ଚ୍ଚ ୧୪ ହୋଲି ପୂର୍ଣ୍ଣିମା ରାତିରେ ଦିଲ୍ଲୀ ହାଇକୋର୍ଟରେ ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଘରେ ହଠାତ୍ ନିଆଁ ଲାଗିଲା। ଫୋନ୍ କଲ୍ ପାଇ ଅଗ୍ନିଶମ ବାହିନୀ ଲିଭାଇବାକୁ ପହଞ୍ଚିଲା। ନିଆଁ ଲିଭାଳି ଯାହା ଦେଖିଲେ, ଆଖିକୁ ବିଶ୍ୱାସ କରିପାରିଲେନି। ଜଷ୍ଟିସ୍ ବର୍ମାଙ୍କ ଘରେ ଜଳିଯାଉଥିଲା ବିଡ଼ା ବିଡ଼ା ଟଙ୍କା। ଆୟ ବହିର୍ଭୂତ ମନେ କରାଯାଉଥିବା ସେହି ଟଙ୍କା ପାଉଁଶ ହେଉଥିବା ବେଳର ଭିଡିଓ



ଭାଇରାଲ ହେବାରୁ ମୁଣ୍ଡ ଟେକିଲା ବିବାଦ। ବିଚାରପତି ଭଳି ସମ୍ମାନାସ୍ପଦ ପଦରେ ଆସୀନ ବ୍ୟକ୍ତି ସଙ୍କୋଚ ହୋଇଥିବେ ବୋଲି ସାଧାରଣରେ ରହିଥିବା ଧାରଣା ଏଇଠୁ ଦୂରେଇବାକୁ ଲାଗିଲା। ଏହି ମାମଲା ଯାଇ ସୁପ୍ରିମକୋର୍ଟରେ ପହଞ୍ଚିଲା। କିନ୍ତୁ 'ବାଡ଼ି ନ ଭାଙ୍ଗୁ କି ସାପ ନ ମରୁ' ନ୍ୟାୟରେ ଶୀର୍ଷ ଅଦାଲତ ରାୟ ଦେଲେ। ଜଷ୍ଟିସ୍ ବର୍ମାଙ୍କୁ ତାଙ୍କ ମୂଳ ଅଦାଲତ ଆଲ୍ଲାହାବାଦ ହାଇକୋର୍ଟକୁ ଟ୍ରାନ୍ସଫର କରାଯିବାରୁ ଏଭଳି ବିଚାରପତିଙ୍କୁ କାହିଁକି ଏଠାକୁ ପଠାଯାଉଛି ବୋଲି ଓକିଲ ସଂଘ ଖୋଲାଖୋଲି ବିରୋଧ କରିଥିଲା। କିନ୍ତୁ ବର୍ମା କହିଥିଲେ, କାହା ଟଙ୍କା ତାଙ୍କୁ ଜଣାନାହିଁ। ଏହା ଏକ ଷଡ଼ଯନ୍ତ୍ର।

# ଶିକ୍ଷାନଗରୀରେ ଛାତ୍ର ଆତ୍ମହତ୍ୟା

ଦେଶର ଅନ୍ୟତମ ଶିକ୍ଷାନଗରୀ ଭାବେ ପରିଚିତ ରାଜସ୍ଥାନର କୋଟା ସହରରେ ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟର ଗଢ଼ିଉଠିଛି। ପ୍ରତିଯୋଗିତାମୂଳକ ଚାପ ଯୋଗୁ ପ୍ରତିବର୍ଷ ସେଠାରେ ଅନେକ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଥିବା ଅଭିଯୋଗ ହୋଇଆସୁଛି। ଏହି କ୍ରମରେ ୨୦୨୫ରେ ଏନ୍‌ଇଇଟି ଏବଂ ଜେଇଇ ପାଇଁ ପ୍ରସ୍ତୁତ ହେଉଥିବା ଅନ୍ୟୁନ ୧୪ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲାର ୧୮ ବର୍ଷୀୟ ଛାତ୍ର ଅଭିଜିତ୍ ଗିରି ଅନ୍ୟତମ। ଅଭିଜିତ୍ ଜାନୁଆରୀ ୧୬ ରାତିରେ ନିଜ ହଷ୍ଟେଲ ରୁମ୍ ପଙ୍ଖାରେ ରଶି ଲଗାଇ ଝୁଲିପଡ଼ିଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଥିଲା। ଏହି ବିତର୍କିତ ପ୍ରସଙ୍ଗର ସମାଧାନ ପାଇଁ ଅଭିଭାବକମାନେ ସତର୍କ ଓ ସଚେତନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଏନ୍‌ସିଇଆର୍‌ଟି ବହି ବିବାଦ

ମୋଗଲ ସମ୍ରାଟ ଆକବରଙ୍କ ଶାସନ କାଳରେ ବର୍ବର ଓ ସହିଷ୍ଣୁତାର ସମାହାର ଦେଖିବାକୁ ମିଳିଥିବାବେଳେ ବାବର ଜଣେ ନିର୍ଦ୍ଦୟୀ ବିଜେତା ଥିଲେ। ସେହିପରି ଔରଙ୍ଗଜେବ ଜଣେ ସାମରିକ ଶାସକ ଥିଲେ, ଯିଏକି ଅଣମୁସଲିମ୍‌ମାନଙ୍କ ଉପରେ ପୁନଃ ଟିକସ କଷିଥିଲେ ବୋଲି ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଅଷ୍ଟମ ଶ୍ରେଣୀର ନୂଆ ପାଠ୍ୟପୁସ୍ତକରେ ଉଲ୍ଲେଖ କରାଯିବା ବିଷୟ ଜୁଲାଇ ୧୬ରେ ଜଣାପଡ଼ିଥିଲା। ଏହାବାଦ୍ ଏନ୍‌ସିଇଆର୍‌ଟି ପକ୍ଷରୁ ପିଲାଙ୍କ ବହିରେ ଅନେକ ପରିବର୍ତ୍ତନ କରି ଜାତୀୟତାବାଦ ସମ୍ବଳିତ ତଥ୍ୟ ସ୍ଥାନିତ କରାଯାଇଥିଲା, ଯାହାକୁ ନେଇ ବିତର୍କ ସୃଷ୍ଟି ହୋଇଥିଲା। ପରେ ଏନ୍‌ସିଇଆର୍‌ଟି ଏନେଇ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ତାକୁ ବୁଦ୍ଧିଜୀବୀ ମହଲ ଗ୍ରହଣ କରି ନ ଥିଲା।

## ଆରାବଳୀର ନୂଆ ସଂଜ୍ଞା

ପିଲାବେଳେ ସ୍କୁଲ ବହିରେ ଆରାବଳୀ ପର୍ବତମାଳା କଥା ପଢ଼ିଥିଲେ। ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଆରାବଳୀ ହେଉଛି ବିଶ୍ୱର ଅନ୍ୟତମ ପ୍ରାଚୀନ ପର୍ବତମାଳା। ୬୯୦ କି.ମି. ବିସ୍ତୃତ ଅଞ୍ଚଳରେ ରହିଥିବା ଆରାବଳୀ ପ୍ରଦୂଷଣ ରୋକିବା ସହ ଭୂତଳ ଜଳ ସଂରକ୍ଷଣ ଦିଗରେ ବିଶେଷ ସହାୟକ ହୋଇଥାଏ। ଏହି ଗିରିଶୃଙ୍ଗ ପୁନର୍ବାର ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ନଭେମ୍ବରରେ। ନିୟାମକ ଉଦ୍ଦେଶ୍ୟରେ ଆରାବଳୀକୁ କିପରି ପରିଭାଷିତ କରାଯିବ, ସେନେଇ କେନ୍ଦ୍ର ନିର୍ଦ୍ଧାରିତ ସଂଜ୍ଞାକୁ ସୁପ୍ରିମକୋର୍ଟ ଗ୍ରହଣ କରିନେଇଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଂଜ୍ଞାରେ ଆରାବଳୀ ହିଲ୍‌କୁ ୧୦୦ ମିଟର ଉଚ୍ଚତା ଉପରେ ଅବସ୍ଥିତ ପର୍ବତ ଘେରା ଏକ ଅଞ୍ଚଳ ବୋଲି ଦର୍ଶାଯାଇଥିଲା। ପରିବେଶ ସୁରକ୍ଷା ସହ ବିକାଶମୂଳକ କାର୍ଯ୍ୟକୁ ଗତି ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ଏଭଳି ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିଥିଲା। ତେବେ ଏଥିଯୋଗୁ ପରିବେଶ ମଧ୍ୟ ଧ୍ୱଂସହେବ ବୋଲି କେନ୍ଦ୍ରକୁ କଂଗ୍ରେସ ସମାଲୋଚନା କରିଥିଲା। ଆରାବଳୀ ପର୍ବତମାଳାରେ ନୂଆ ଖନନ ସକାଶେ ଲିଜ୍ ପ୍ରଦାନ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ କେନ୍ଦ୍ର ସରକାର ଡିସେମ୍ବର ୨୫ରେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆରାବଳୀ ଗିରିଶୃଙ୍ଗର ସୁରକ୍ଷା ପାଇଁ ଏକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ନୂଆ ମାଇନିଂ ଲିଜ୍‌ଗୁଡ଼ିକ ଉପରେ ସୁପ୍ରିମକୋର୍ଟଙ୍କ କଟକଣା ପରେ ନିଆଯାଇଥିବା ଏହି ନିଷ୍ପତ୍ତିକୁ ବିରୋଧୀ ଦଳ କହିଥିଲା, ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ନିର୍ବୋଧ ଉପାୟ। ଅନ୍ୟପକ୍ଷେ ରାଜସ୍ଥାନର ଅଶୋକ ଗେହଲଟ୍ ସରକାର ଅମଳରେ ଆରାବଳୀରେ ବେଆଇନ ଖନନ ଅଧିକ ହୋଇଥିବା କହି କଂଗ୍ରେସକୁ ପାଲଟା ଆକ୍ରମଣ କରିଥିଲା ଭାଜପା।



## ଜେଲରେ ସୋନମ୍ ୱାଙ୍ଗ୍‌ଚୁକ୍



କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ସହ ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ସେପ୍ଟେମ୍ବର ୯ରେ ଲେହ୍‌ଠାରେ ବନ୍ଦ ପାଳନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ପୋଲିସ ଗୁଳିରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କ୍ଲାଇମେଟ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗ୍‌ଚୁକ ଅନଶନ ଭଙ୍ଗକରି ତତ୍କାଳ ବନ୍ଦ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାର ଏହି ହିଂସା ପାଇଁ ସୋନମ୍‌ଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣକୁ ଦାୟୀ କରିଥିଲେ। ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରି ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲରେ ସୋନମ୍‌ଙ୍କୁ ରଖାଯାଇଛି।



## ସୈଫ୍‌ଙ୍କୁ ଛୁରାମାଡ଼

ଜାନୁଆରୀ ୧୬ ବିଳମ୍ବିତ ରାତିରେ ବଲିଉଡ୍ ଷ୍ଟାର ସୈଫ୍ ଅଲୀ ଖାନ୍‌ଙ୍କ ବାନ୍ଦ୍ରା ୱେଷ୍ଟସ୍ଥିତ 'ସତ୍‌ଗୁରୁ ଶରଣ' ବିଲ୍ଡିଂରେ ଜଣେ ବ୍ୟକ୍ତି ଅନୁପ୍ରବେଶକରି ତାଙ୍କୁ ୬ ଥର ଛୁରାମାଡ଼ କରିଥିଲେ। ଅନୁପ୍ରବେଶକାରୀ ଚୋରି ଉଦ୍ଦେଶ୍ୟରେ ସୈଫ୍‌ଙ୍କ ଘରକୁ ଯାଇଥିବା ତାଙ୍କ ସାନପୁଅ ଜେହାଙ୍ଗୀର(୪)ଙ୍କ ନର୍ସ ଏଲିୟାମା ଫିଲିପ୍ସ ଓରଫ୍ ଲିମା ବାନ୍ଦ୍ରା ଥାନାରେ ଏତଲା ଦେଇଥିଲେ। ଷଷ୍ଠ ଫ୍ଲୋର୍‌ର ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ଫଟୋ ଜାରି କରାଯାଇଥିଲା। ଆକ୍ରମଣକାରୀଙ୍କୁ ଧରିବା ପାଇଁ ମୁମ୍ବାଇ ପୋଲିସର ୩୫ ଟିମ୍ ଗଠନ କରାଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ପରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଧରି ଥାନାରେ ଅଟକ ରଖି ପରେ ଛାଡ଼ିଦେଉଥିଲା। ଶେଷରେ ଜଣେ ବ୍ୟକ୍ତିଙ୍କୁ ବାଂଲାଦେଶୀ କହି ଗିରଫ କରାଗଲା। ତେବେ ପ୍ରକୃତରେ ଆକ୍ରମଣ କରିଥିବା ବ୍ୟକ୍ତି ଜଣକ କିଏ ଏବଂ ଏହା ପଛରେ ତାଙ୍କର କି ଉଦ୍ଦେଶ୍ୟ ଥିଲା ତାକୁ ନେଇ ଅନେକ ଚର୍ଚ୍ଚା ଓ ବିବାଦ ଲାଗି ରହିଥିଲା।



## ପୁଣି ବାବ୍ରି ମସ୍‌ଜିଦ

୧୯୯୨ ଡିସେମ୍ବର ୬ରେ ଅଯୋଧ୍ୟାସ୍ଥିତ ବାବ୍ରି ମସ୍‌ଜିଦକୁ କାରସେବକମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ପରେ ଦେଶରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୨,୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏହାର ୩୩ତମ ବର୍ଷପୂର୍ତ୍ତି ଦିନ ଅଯୋଧ୍ୟା ସମେତ ବିଭିନ୍ନ ଭାଗରେ ସାମ୍ପ୍ରଦାୟିକ ସଦ୍ଭାବନା ନଷ୍ଟ ହେବା ଆଶଙ୍କାରେ ଶୋଭାଯାତ୍ରା ବିକ୍ଷୋଭ ଆଦି ଉପରେ ରୋକ ଲଗାଯାଇଲା। କିନ୍ତୁ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ରେଜିନଗରରେ ମୁଣ୍ଡ ଟେକିଲା ଆଉ ଏକ 'ବାବ୍ରି ମସ୍‌ଜିଦ'। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସିରୁ ନିଲମ୍ବିତ ବିଧାୟକ ହୁମାୟୁନ୍ କବିର ଏହି ମସ୍‌ଜିଦର ମୁଖ୍ୟ କାର୍ପଟଦାର ହୋଇଥିବାରୁ ବିଧାନସଭା ନିର୍ବାଚନ ପୂର୍ବରୁ ଏହା ସଂଖ୍ୟାଲଘୁ ଭୋଟ ପୋଲାରାଇଜେଶନ୍‌ର ଏକ ଅସ୍ତ୍ର ବୋଲି ଭାଜପା ସମାଲୋଚନା କଲା। ସଂଖ୍ୟାଲଘୁ ନେତା ହୁମାୟୁନ୍ ଉକ୍ତ ମସ୍‌ଜିଦ ପାଇଁ ମୂଳଦୁଆ ପକାଇଲେ। ଏହା ଦେଶରେ ବିଦ୍ୱେଷ ବିସ୍ତାରର ବିଷମଞ୍ଜି ବୁଣିଲା।



# କଳା, ସଂସ୍କୃତି ବଞ୍ଚାଇ ରଖିବାକୁ ଆହ୍ୱାନ



ଅତିଥିମାନେ ଘୁମୁରା ଲୋଗୋ, ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ

**ଭବାନୀପାଟଣା,୨୭।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲ୍ଲାର କଳା, ସଂସ୍କୃତି, ସାହିତ୍ୟ, ଭାଇଚାରା ସମ୍ପର୍କର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ 'ଘୁମୁରା' ଆସନ୍ତା ଜାନୁଆରୀ ୧୪ରୁ ୧୭ ପର୍ଯ୍ୟନ୍ତ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ସେହିପରି ୧୫ରୁ ୧୭ ଯାଏ ଧର୍ମଗଡ଼ ପଞ୍ଚାୟତ ପଡିଆଠାରେ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟନୀ ଉତ୍ସବ ଶନିବାର ଭବାନୀପାଟଣା ବ୍ଲକର କାମଠଣା ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ବିଡିଓ ଚନ୍ଦନ କୁମାର ଭୋଇ, ସ୍ଥାନୀୟ ସରପଞ୍ଚ ଲୋକନାଥ ଦୁର୍ଗା, ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ଉତ୍ସବ ପ୍ରସାର ପ୍ରଚାର କମିଟି ଅଧ୍ୟକ୍ଷ ଶାନ୍ତନୁ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଅତିଥିଙ୍କ ଦ୍ୱାରା ଘୁମୁରା ଲୋଗୋ ଓ ପୋଷ୍ଟର ଉନ୍ମୋଚନ ହୋଇଥିଲା। ମୁଖ୍ୟ ଅତିଥି ଏମ୍‌ପି ଦେବୀ କଳାହାଣ୍ଡିର କଳା ସଂସ୍କୃତି ପରମ୍ପରା ମହାନ, ଏହାକୁ ବଞ୍ଚାଇ ରଖିବା ସହିତ ଲୁକ୍କାୟିତ ପ୍ରତିଭାର ବିକାଶ ଦିଗରେ ସମସ୍ତେ ଆଗେଇଆସିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଲୋକନାଥ ଦୁର୍ଗା ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ ବିଡିଓ ଚନ୍ଦନ ଭୋଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# ସର୍ବଭାରତୀୟ କରାଟେରେ ଭାଗନେବେ କଳାହାଣ୍ଡିର ୯ ଛାତ୍ରଛାତ୍ରୀ



ଭୁବନେଶ୍ୱର ଯାଉଥିବା କରାଟେ ଖେଳାଳି।

**ଲାଞ୍ଜିଗଡ଼,୨୭।୧୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୯ ଛାତ୍ରୀଛାତ୍ର ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଶନିବାର ଭୁବନେଶର ଗସ୍ତ କରିଛନ୍ତି। ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ପ୍ରତିଯୋଗିତା ହେବ। ପ୍ରତିଯୋଗୀମାନେ ହେଲେ ବାଳକ ବିଭାଗର ୧୩ ବର୍ଷରୁ କମ ବର୍ଗରେ ସ୍ୱୟଂମ ଓଡ଼ିଆ, ପୁଷ୍ପେନ୍ଦୁ ବିଶ୍ୱାଳ, ଆର୍ଶୀବାଦ ବାଡତିଆ ଓ ୧୮ରୁ କମ ବର୍ଗରେ ହିତେଶ ମହାଖୁଡ଼, ଲୋକେଶ ବିଶ୍ୱାଳ, କିରନ ବେମାଲ ଓ ଗଙ୍ଗାଧର ମଲ୍ଲିକ। ସେହିପରି ବାଳିକା ବିଭାଗର ୧୪ରୁ କମ୍ ବର୍ଗରେ କୁସୁମପ୍ରଭା ମାଝୀ, ୧୭ରୁ କମ୍ ବର୍ଗରେ ଅର୍ପିତା ବାଡ଼ତିଆ ରହିଛନ୍ତି। ଲାଞ୍ଜିଗଡ଼ କରାଟେ କୋଚ ସନପାଇ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଭୁବନେଶ୍ୱର ଗସ୍ତ କରିଛନ୍ତି। ପ୍ରତିଯୋଗୀମାନଙ୍କୁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷା ଡ. ମାନବିନ କୌର, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ଚିଫ ଟେକ୍‌ନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧା ମୃତ

**ନୂଆପଡ଼ା/ସିନାପାଲି,୨୭।୧୨ (ମକାରୁ ବେମାଲ/ମନଫୁଲ ମେହେର) :** ନୂଆପଡ଼ା ଜିଲା ସିନାପାଲି ଥାନା ଗଣ୍ଡାବାହାଲି ଗାଁରେ ଶୁକ୍ରବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗାଁର ଦୌପଦୀ ମେହେର (୬୩) । ସୂଚନା ଅନୁଯାୟୀ ଶୁକ୍ରବାର ଭୋର ସମୟରେ ଦୌପଦୀ ଶୌଚ ପାଇଁ ଗମ୍ଭାରୀଗୁଡା ରାସ୍ତାପଟେ ଯାଉଥିବାବେଳେ ହଠାତ୍ ଏକ ଭାଲୁ ଆସି ଆକ୍ରମଣ କରିଥିଲା। ଦୌପଦୀ ଚେତାଶୂନ୍ୟ ଅବସ୍ଥାରେ ରାସ୍ତା କଡରେ ପଡି ରହିଥିଲେ। ଉକ୍ତ ରାସ୍ତାରେ ଯାଉଥିବା ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସିନାପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସିନାପାଲି ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭାଲୁ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେଲା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସନ୍ଧ୍ୟା ହେଲେ ଲୋକେ ତାଟିକବାଟ ବନ୍ଦ କରି ଦେଉଛନ୍ତି । ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମୁସଲମାନ ସମ୍ପ୍ରଦାୟ ସମାବେଶ ବିରୋଧରେ ରାସ୍ତାରୋକୋ

**ଖଡ଼ିଆଳ,୨୭।୧୨ (ସୁଜିତ କୁମାର ପ୍ରଧାନ):** ବାଂଲାଦେଶୀ ଓ ରୋହିଙ୍ଗା ମୁସଲମାନ ବସବାସ କରୁଥିବା ଲର୍କା ଗ୍ରାମରେ ମୁସଲମାନ ସମ୍ପ୍ରଦାୟ ସମାବେଶକୁ ପ୍ରଶାସନ ଅନୁମତି ନ ଦେବା ନେଇ ଶନିବାର ହିନ୍ଦୁ ସମାଜ ପକ୍ଷରୁ ଖଡିଆଳ ଥାନା ଛକରେ ୩୫୩ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏଥିଯୋଗୁ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପୂର୍ବରୁ ଖଡିଆଳ ଅଗ୍ରେସନ ଧର୍ମଶାଳାରୁ ଏକ ଶୋଭାଯାତ୍ରା ବାହାରି ଥାନା ଛକରେ ପହଞ୍ଚିଥିଲା। ବାଂଲାଦେଶର ପତାକା ଓ ୟୁସୁଫ ଖାନଙ୍କ ପୁତ୍ତଳିକା ଧରି କର୍ମକର୍ତ୍ତା ଶୋଭାଯାତ୍ରା କରିଥିଲେ। ଆନ୍ଦୋଳନରେ ବିନୋଦ ଅଗ୍ରୱାଲ, ସଞ୍ଜୟ ତିୱାରୀ, ମନୋଜ ପଟ୍ଟନାୟକ, ଅଜିତ ଚାଲାନ, ସୁରେନ ଶର୍ମା, ସୁଜିତ ପାତ୍ରଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ।

### ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**ଖଡ଼ିଆଳ,୨୭।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ପକ୍ଷରୁ ପୁଟୁପଡା ୱାର୍ଡ ନଂ.୧୦ଠାରେ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୁଟୁପଡା ମଡେଲ ଡିଗ୍ରୀ କଲେଜ ରାସ୍ତା ପାର୍ଶ୍ୱ ଓ ସରକାରୀ ଜମି ଥିବା ୮ ଘର ଉଚ୍ଛେଦ କରାଯାଇଛି। ଉଚ୍ଛେଦ ହୋଇଥିବା ପରିବାରକୁ ପୂର୍ବରୁ ଏନ୍‌ଏସି ପକ୍ଷରୁ ଭୂମି ଓ ଆବାସ ଯୋଜନାରେ ସାମିଲ କରାଯାଇଛି। ହେଲେ ସେମାନେ ସରକାରୀ ଜମିରେ ଘରକରି ରହୁଥିଲେ। ସେମାନଙ୍କୁ ମଧ୍ୟ ପୂର୍ବରୁ ନୋଟିସ କରାଯାଇଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ପ୍ରକାଶ କରିଛନ୍ତି। ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ଯୋଗେଶ୍ୱର ସାହୁ, ଖଡ଼ିଆଳ ଏନ୍‌ଏସି ନିର୍ବାହୀ ଅଧିକାରୀ ମହାରଣା, ଖଡ଼ିଆଳ ଥାନା ଅଧିକାରୀ ଦିଲିପ କୁମାର ସାହୁଙ୍କ ସମେତ ଅଗ୍ନିଶମ ବିଭାଗ, ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୨୭।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡିଖାଲି ଡ୍ୟାମ ପରିସରରେ ଖଡ଼ିଆଳ ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଜୟନ୍ତ କୁମାର ପ୍ରଧାନୀ ଅଧ୍ୟକ୍ଷତା କରିଥିଲେ। ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ ମୁଖ୍ୟ ଅତିଥି ଓ ଏବିଇଓ ଜୟଦେବ ପଣ୍ଡା, ରାଜ୍ୟ ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଗୋବର୍ଦ୍ଧନ ମେହେରଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ବ୍ୟକ୍ତିଗତ ଜୀବନ ଉପରେ ଆଲୋକପାତ କରିଥିଲେ। ଏହାସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଗଙ୍ଗାଧର ମହାଉଡି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ଶେଷରେ ସିଆର୍‌ସିସି ମିତ୍ରବାଦୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକ ମହୋତ୍ସବ: ପାରମ୍ପରିକ ନୃତ୍ୟରେ ଝୁମିଲେ ଦର୍ଶକ



ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

**କେସିଙ୍ଗା, ୨୭।୧୨ (ତୁମେଶର ସାହୁ)**

କଳାହାଣ୍ଡି ଜିଲାର ଅଗ୍ରଣୀ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଢ଼ାଡଙ୍ଗର ଲୋକ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୁଢ଼ାଡଙ୍ଗର ମନ୍ଦିରଠାରୁ ମଶାଲ ଯାତ୍ରା ସହର ପରିକ୍ରମା କରି ମହୋତ୍ସବ ମଞ୍ଚରେ ସ୍ଥାପନ କରାଯାଇ ଥିଲା। ତହସିଲଦାର ପ୍ରଶାନ୍ତି ପ୍ରଧାନ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ପୂଜାର୍ଚ୍ଚନା କରି ଏହାକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର୍‌ୱାନ ମୁଖ୍ୟ ଅତିଥି ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ମହାପାତ୍ର ବିବରଣୀ ପଠନ କରିଥିଲେ। ଏହି ଉପଲକ୍ଷେ ଓଡ଼ିଶୀ, ବଜାସାଲ, ଢ଼ାପ ନୃତ୍ୟ, ଘଟ ନୃତ୍ୟ, ଛଉ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। ପାରମ୍ପରିକ ନୃତ୍ୟରେ ଦର୍ଶକ ଝୁମିଉଠିଥିଲେ।

# ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୋକସରା,୨୭।୧୨ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା କୁସୁମଖୁଣ୍ଟି ନିକଟରେ ଶନିବାର ରାତି ୭ଟାରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁସୁମଖୁଣ୍ଟି ଗ୍ରାମର ନବ ଭୋଇ (୩୫)। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଘଟଣାସ୍ଥଳରୁ ଫେରାର ମାରିଛନ୍ତି। ସୂଚନା ଅନୁସାରେ, ଭବାନୀପାଟଣା–ନବରଙ୍ଗପୁର ରାସ୍ତାର କୁସୁମଖୁଣ୍ଟି ନିକଟରେ ନବଙ୍କୁ ଟ୍ରକ୍‌ଟି ଧକ୍କା ମାରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଛି।

# ସଡ଼କ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ




ବୈଠକରେ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଉଛି।

**ନୂଆପଡ଼ା,୨୭।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣା ହେଉଥିବାରୁ ଏହାର ତୁରନ୍ତ ମରାମତି ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡିଂ ଇଂଜିନିୟର ଶଶାଙ୍କ ଶେଖର ଶୁକ୍ଳ ବିଭାଗୀୟ ପ୍ରସ୍ତୁତିର ବିବରଣୀ ଉପସ୍ଥାପନ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ଦୁର୍ଘଟଣା ପ୍ରବଣ ସ୍ଥାନରେ ସତର୍କ ରହିବା ସହ ଦୁର୍ଘଟଣା ରୋକିବା ପାଇଁ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ଜାନୁଆରୀ ୧ରୁ ୩୧ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ସୁର୍ମୀ ସୋରେନ, ସିଡିଏମ୍‌ଓ ଧନେଶ୍ୱର ସେଠୀ, ଆର୍‌ଟିଓ ଶର୍ମିଳା ମହାରଣା, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଏସଡିପିଓ ସ୍ୱାଧୀନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାମାଜିକ ସଂସ୍କାର, ପରିବେଶ ସୁରକ୍ଷାକୁ ଗୁରୁତ୍ୱ

## ଜାତୀୟସ୍ତରୀୟ ଭର୍ଚୁଆଲ ବୈଠକରେ ଆଲୋଚନା

**ଭବାନୀପାଟଣା,୨୭।୧୨(ଉତ୍ତମ କୁମାର ଦାଶ)**

ଅଖିଳ ଭାରତୀୟ କ୍ଷତ୍ରିୟ ମହାସଭା ଓ 'ରାଜପୁତାନା କୁଇନ୍ସ' ସମ୍ମାନରେ ସମ୍ମାନିତ ସଦସ୍ୟାମାନଙ୍କ ମଧ୍ୟରେ ଏକ ଜାତୀୟସ୍ତରୀୟ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ସମାଜରେ ପରମ୍ପରା ନାମରେ ଚାଲିଥିବା ଅଶ୍ଳୀଳତାକୁ ରୋକିବା ଓ ପରିବେଶ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହି ବୈଠକରେ ମାନସମନ୍ଥନ କରାଯାଇଛି। କ୍ଷତ୍ରିୟ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷା ସଂସ୍କୃତି ସିଂହଙ୍କ ପୌରୋହିତ୍ୟରେ ବୈଠକ ହୋଇଥିଲା। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ସାମାଜିକ ସଂସ୍କାର: ବିଭିନ୍ନ ରୀତିନୀତି ଓ ରସମ ନାମରେ ସମାଜରେ ବଢୁଥିବା କୁସଂସ୍କାର ଏବଂ ଅଶ୍ଳୀଳତା ବିରୋଧରେ ସ୍ୱର ଉତ୍ତୋଳନ କରିବା। ପରିବେଶ ସୁରକ୍ଷାରେ ବିଶେଷ କରି 'ଅରାବଳୀ ବଞ୍ଚାଅ' ଅଭିଯାନ ଭଳି ଜ୍ୱଳନ୍ତ ପରିବେଶ ସମସ୍ୟା ଉପରେ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଶିଷ୍ଟ ବକ୍ତା ଭାବରେ ରାଷ୍ଟ୍ରୀୟ ମହାସଚିବ ଡ. ଅଞ୍ଜନା ସିଂ ସମସ୍ତ ପ୍ରାସଙ୍ଗିକ ବିନ୍ଦୁ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷା ପରିଣୀତା ଏସ୍. କୁମାରୀ ପରିବେଶର ଅବକ୍ଷୟକୁ ନେଇ ଚିନ୍ତା ବ୍ୟକ୍ତ କରିଥିବାବେଳେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପ୍ରଭାରୀ ତଥା ସଂରକ୍ଷିକା ଜୟା ସିଂ ଜୁଦେବ ବିଷୟବସ୍ତୁ ଉପରେ ନିଜର ମତାମତ ରଖିଥିଲେ। ରାଷ୍ଟ୍ରୀୟ ସଂଯୋଜକ ପ୍ରୀତି ଦେବ ସିଂ, ବିଭା ବିକ୍ରମ ସିଂ ଏବଂ ରାଧିକା ଧୀରେନ୍ଦ୍ର ସିଂ ସମାଜର ବିଭିନ୍ନ ଦିଗ ଉପରେ ନିଜର ବିଚାର ଉପସ୍ଥାପନ କରିଥିଲେ। ବୈଠକରେ ଓଡ଼ିଶାର ସୁକିନ୍ଦାରୁ ଅପରାଜିତା ସିଂହ ଯୋଗ ଦେଇଥିଲେ। ସେ ବର୍ତ୍ତମାନ ଓଡ଼ିଶା ପ୍ରଦେଶର ଉପାଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ଉପସ୍ଥିତି ସମାଜକୁ ସଂଗଠିତ କରିବା ଦିଗରେ ଓଡ଼ିଶାର ସକ୍ରିୟ ଭୂମିକାକୁ ପ୍ରତିପାଦିତ କରିଛି।

# ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଘଣ୍ଟିକିଆ ପ୍ରତିବାଦ

**ଲାଞ୍ଜିଗଡ଼,୨୭।୧୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ଚଳାଇଥିବା ଘଣ୍ଟିକିଆ (ପୂର୍ବାହ୍ନ ୧୦ଟାରୁ ୧୧ଟା) ରୋଗୀସେବା ବନ୍ଦ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ୧୮ଦଫା ଦାବିକୁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏଶନ (ଓମ୍‌ସା) ଏଭଳି ପ୍ରତିବାଦ ଚଳାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭବାନୀ ଶଙ୍କର ଲେଙ୍କାଙ୍କ ନେତୃତ୍ୱରେ ଏହି ପ୍ରତିବାଦ କରାଯାଉଛି। ଏହି ପରିପେକ୍ଷୀରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଶୁଭମ ବେହେରା, ଡା. ସେଲୀନା ରାଉତ, ଡା. ହିତେଶ ମେହେର, ଡା. ଶେଶାଙ୍କ ମାଣିଙ୍କସ, ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଡା. ଇଦଗାଥା ଚିନ୍ଦା, ଦେବାଶିଶ ନାଏକ, ଯୋଗେଶ୍ୱର ସିଂ, ତନ୍ମୟ ପଣ୍ଡା, ବିବେକ ସାହୁ, ବିକାଶ ସରାଫ ଉପସ୍ଥିତ ରହି ପ୍ରତିବାଦ କରିଥିଲେ। ଅନିର୍ଦ୍ଦିଷ୍ଟ କାଳ ପାଇଁ ଏପରି ପ୍ରତିବାଦ ଜାରିରହିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲେଙ୍କା ପ୍ରକାଶ କରିଛନ୍ତି।

# ମଣ୍ଡି ଅବ୍ୟବସ୍ଥାକୁ: ସରକାରଙ୍କ ଉପରେ ବର୍ଷିଲେ ବିଧାୟକ



ଭୁବନେଶ୍ୱର ଯାଉଥିବା କରାଟେ ଖେଳାଳି।

**ଭବାନୀପାଟଣା,୨୭।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଶନିବାର ନିଜ ନିର୍ବାଚନ ମଣ୍ଡଳୀର ମେଦିନୀପୁର, ଦେପୁର ଓ ଦାଦପୁର ମଣ୍ଡି ପରିଦର୍ଶନ କରିଛନ୍ତି। ସେଠାରେ ଚାଷୀଙ୍କ ସମସ୍ୟା ତଥା ଧାନ ଉଠାଣ ଅବ୍ୟବସ୍ଥାକୁ ନେଇ ସରକାର ଉପରେ ବର୍ଷିଛନ୍ତି। ଜିଲାରେ ମାସେ ହେବ ମଣ୍ଡି ଖୋଲିଥିଲେ ମଧ୍ୟ ସେହି ଅନୁସାରେ ଧାନ ଉଠୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଧାନ ବିକ୍ରି ଆଶାରେ ଚାଷୀ ଶୀତ କାକରରେ ମଣ୍ଡିରେ ଜଗି ବସିଛି। ଜିଲା ପ୍ରଶାସନ ଧାନ କିଣା ଠିକ ଚାଲିଥିବା କହୁଥିବା ବେଳେ ବାସ୍ତବରେ ତାହା କିନ୍ତୁ ଫେଲ ମାରିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଶୀଘ୍ର ମଣ୍ଡିଗୁଡିକରୁ ଧାନ ଉଠାଣ କରିବାକୁ ସେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଚାଷୀଙ୍କ ପାଇଁ ସେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ମଣ୍ଡି ପରିଦର୍ଶନ ସମୟରେ ତାଙ୍କ ସହ ଜିଲା ସଭାପତି ଜଳନ୍ଧର ନାଏକ, ଜିଲା ଉପସଭାପତି ଧନୁର୍ଦ୍ଧର ଗହୀର, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ମାସ ହେଲା ବୃଦ୍ଧାଙ୍କୁ ମିଳିନି ଭତ୍ତା

**ନୂଆପଡ଼ା/କୋମନା,୨୭।୧୨ (ମକାରୁ ବେମାଲ/ମହେଶ ବାଗ)**



ବୃଦ୍ଧା ପୁଷ୍ପା ନାଏକ।

କେନ୍ଦ୍ର ତଥା ରାଜ୍ୟ ସରକାର ଅସହାୟ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗଙ୍କ ଚଳଣି ପାଇଁ ଭତ୍ତା ବ୍ୟବସ୍ଥା କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ଅବହେଳା ଓ ଆନ୍ତରିକତା ଅଭାବ ଯୋଗୁ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏପରି ଏକ ଘଟଣା କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁରେ ଦେଖିବାକୁ ମିଳିଛି। ଏହି ଗାଁର ଜଣେ ଅବିବାହିତା ମାନସିକ ବିକୃତ ବୃଦ୍ଧା ପୁଷ୍ପା ନାଏକ ୧୧ ମାସ ହେଲା ଭତ୍ତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେ ୨୦୦୮ଠାରୁ ନିୟମିତ ଭତ୍ତା ପାଇଆସୁଥିଲେ। ହେଲେ ୧୧ ମାସ ହେବ ଆଉ ଭତ୍ତାଟଙ୍କା ମିଳୁନାହିଁ। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ, କୋମନା ବିଡିଓ, ଜିଲାପାଳ ଓ ବିଧାୟକଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି । ଭାଇ ତୁଳାରାମ ନାଏକ ତାଙ୍କ ଦେଖାରେଖା କରୁଛନ୍ତି। ଭତ୍ତା ପାଉ ନ ଥିବାରୁ ବହୁ କଷ୍ଟରେ ଜୀବନ ବିତାଉଥିବା ପୁଷ୍ପା କହିଛନ୍ତି। ତୁରନ୍ତ ତାଙ୍କ ମାସିକ ଭତ୍ତା ନିୟମିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ସର୍ବେଶ୍ୱର ଜାଲଙ୍କୁ ପଚାରିବାରୁ ଏପ୍ରକାର ଅଭିଯୋଗ ମୋ ପାଖକୁ ଆସିନାହିଁ। ବର୍ତ୍ତମାନ ଏହା ଜାଣିବା ପରେ ତଦନ୍ତ କରି ଶୀଘ୍ର ଭତ୍ତା ଟଙ୍କା ଯୋଗାଇବା ପାଇଁ ଚେଷ୍ଟା କରିବି ବୋଲି କହିଥିଲେ ।

# ଥୁଆମୂଳ ରାମପୁରରେ ପାରମ୍ପରିକ 'ଟୋକି ପର୍ବ' ଆଜି

**ଥୁଆମୂଳ ରାମପୁର, ୨୭।୧୨ (ଦୁର୍ଗା କୀର୍ତ୍ତି)**



ପର୍ବ ପାଇଁ ପ୍ରସ୍ତୁତିରେ ଲାଗିଛନ୍ତି କର୍ମକର୍ତ୍ତା, ଗ୍ରାମବାସୀ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଆଦିବାସୀ ଅଞ୍ଚଳରେ ରବିବାର କନ୍ଧ ସମ୍ପ୍ରଦାୟର ଗଣପର୍ବ ଟୋକି ମରା ବା 'ଟୋକି ପର୍ବ' ଅନୁଷ୍ଠିତ ହେବ। ଧରଣୀମାତାଙ୍କ ଆଶୀର୍ବାଦ ଭିକ୍ଷା ସହ ଗ୍ରାମର ସମୂହ ମଙ୍ଗଳ ପାଇଁ ଏହି ପର୍ବ ପାଳନ ପାଳିତ ହୋଇଆସୁଛି। ସୂଚନା ଅନୁଯାୟୀ, ଗୋପାଳପୁର ପଞ୍ଚାୟତର ବେନ୍ଦାଖୋଲା, ତଲଝାପି ପଞ୍ଚାୟତର ମସ୍କାଗୁଡ଼ା (ମୁନୁଷ୍ପଡ଼ା), ମହୁଲପାଟଣା ପଞ୍ଚାୟତର ଟିକିଲିପଦର ଗ୍ରାମରେ ଏହି ପର୍ବ ପାଳିତ ହେବ। ଶନିବାର ରାତିରୁ ହିଁ ବିଭିନ୍ନ ପ୍ରାନ୍ତରୁ ଆଦିବାସୀ ଭଉଣୀଭାଇ ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ର ଧରି ଉକ୍ତ ଗ୍ରାମରେ ପହଞ୍ଚି ସାରିଛନ୍ତି। ରାତିସାରା ଧରଣୀ ପେନୁ ବା ଧରଣୀ ଗୁଡ଼ି ପରିକ୍ରମା କରିବା ସହ ଢାପ ଓ ସଲପ ନିଶାଣର ତାଳେ ତାଳେ ନାଚଗୀତରେ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂର୍ବରୁ ଏହି ପର୍ବରେ ନରବଳି ବା 'ମେରିଆ ବଳି' ପ୍ରଥା ରହିଥିବା ବେଳେ ଏବେ ତାହା 'ଟୋକି' (ଛେଳି) ବଳିରେ ପରିଣତ ହୋଇଛି। ଗ୍ରାମର ମୁଖ୍ୟ ପୂଜକ ବା 'ଜାନି'ଙ୍କ ନେତୃତ୍ୱରେ ଦିଶାରି, ରାପିଆ, ବେଜୁ ଏବଂ ଗୌଡ ପ୍ରମୁଖଙ୍କ ଉପସ୍ଥିତିରେ ଧରିତ୍ରୀ ମାତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରକ୍ତ ଅର୍ପଣ କରାଯିବାର ବିଧି ରହିଛି। ବଳି ପରେ ପ୍ରସାଦକୁ ପରିବାର ମଧ୍ୟରେ ବଣ୍ଟନ କରାଯିବା ସହ ଜମିରେ ପୋତିବାର ପରମ୍ପରା ମଧ୍ୟ ରହିଛି। ଆସନ୍ତା ଜାନୁଆରୀ ୪ସ୍‌ରେ କାଣିଗୁମା (ଚାଟିକନା), ଗୁଣପୁର ସଦର, ଶେରପଦର, ନାକରୁଣ୍ଡି (ତୁରୀ ଭେଜିଗୁଡ଼ା)ଠାରେ ମଧ୍ୟ ଏହି ପର୍ବ ପାଳିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ସଜାଗ ଦୃଷ୍ଟି ରଖିଛି।

## ସରକାରୀ ଓକିଲ ପଦରୁ ଇସ୍ତଫା

ବୌଦ୍ଧ(ଅଜିତ କୁମାର ବାରିକ): ବୌଦ୍ଧ ଜିଲା କୋର୍ଟରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ଦୀର୍ଘ ବର୍ଷ ହେଲା ଯୋଗେଶ ପ୍ରସାଦ ନାୟକ କାର୍ଯ୍ୟ କରିଆସୁଥିଲେ। ବ୍ୟକ୍ତିଗତ ଅସୁବିଧା କାରଣରୁ ସେ ଶନିବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବୌଦ୍ଧ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଇସ୍ତଫାପତ୍ରର ନକଲ ପବ୍ଲିକ୍ ପ୍ରସିକ୍ୟୁଟର ବୌଦ୍ଧ, ଡାଇରେକ୍ଟର ପବ୍ଲିକ ପ୍ରସିକ୍ୟୁଟର ଭୁବନେଶ୍ୱର ଓ ସେକ୍ରେଟାରି ଆଇନ ବିଭାଗକୁ ପଠାଇଥିବା ଜଣାପଡ଼ିଛି। ନାୟକ ପ୍ରଥମେ କନ୍ଧମାଳ ଜେଏମ୍‌ଏଫ୍‌ସି କୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ।



ଗୋପଦାଣ୍ଡ ଭ୍ରମଣ ସମୟରେ ଶ୍ରୀକୃଷ୍ଣ, ବଳରାମଙ୍କୁ ପୂଜାର୍ଚ୍ଚନା।




ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ପୁତନା ରାକ୍ଷସୀଙ୍କ ନିଧନ।



ମଥୁରା ଭ୍ରମଣ ସମୟରେ କଂସ ମହାରାଜଙ୍କ ପାତ୍ରମନ୍ତ୍ରୀମାନେ।

# ଧନୁଯାତ୍ରା ଅସ୍ମିତାର ଯାତ୍ରା: ଉଚ୍ଚଶିକ୍ଷା, ସଂସ୍କୃତି ମନ୍ତ୍ରୀ

## କୃଷ୍ଣଙ୍କ ବାଲ୍ୟଲୀଳାରେ ବିଚଳିତ କଂସ ମହାରାଜ

ମଥୁରାନଗରୀ,୨୭।୧୨(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଚତୁର୍ଥ ଦିବସରେ ଗୋପପୁର ଦୃଶ୍ୟାଭିନୟ ଗୁଡ଼ିକ ଚିତ୍ତାକର୍ଷକ ଥିଲା। କୃଷ୍ଣଙ୍କ ବାଲ୍ୟଲୀଳା ଦେଖିବାକୁ ନାହିଁ ନଥିବା ଦର୍ଶକଙ୍କ ଭିଡ଼ ଜମିଥିଲା। ନନ୍ଦରାଣୀ, ନନ୍ଦରାଜା ମେଲାଣୀ ଦେବା ପରେ ଶ୍ରୀକୃଷ୍ଣ, ବଳରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ। ଏହି ସମୟରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମଙ୍କୁ ପ୍ରତିଘର ସମ୍ମୁଖରେ ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟପଟେ ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ କଂସ ପ୍ରେରିତ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଡାସୁର ଆଦି ରାକ୍ଷସୀ, ରାକ୍ଷସ ଗୋପପୁର ପହଞ୍ଚି ଥିଲେ। ତେବେ ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ଜଣେ ପରେ ଜଣେ ରାକ୍ଷସୀ, ରାକ୍ଷସ ନିହତ ହୋଇଥିଲେ।

ସେହିପରି ମଥୁରାନଗରୀ ଦୃଶ୍ୟାଭିନୟ ମଧ୍ୟ କୌଣସି ଗୁଣରେ ପଛରେ ପଡ଼ି ନଥିଲା। ଅନ୍ୟଦିନ ଭଳି କଂସ ମହାରାଜ ମଥୁରାଭ୍ରମଣରେ ବାହାରିଥିଲେ। ସ୍ଥାନୀୟ ସେଲ୍‌ଟ୍ୟାକ୍ସ ଅଫିସ ପରିସରରେ ରହିଥିବା ମୁକ୍ତେଶ୍ୱର ମହାଦେବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରିଭ୍ରମଣ କରିବା ସମୟରେ ସେ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡକୁ ଯାଇଥିଲେ। ବସଷ୍ଟାଣ୍ଡ ପରିସରରେ ସ୍ୱଚ୍ଛତାର ଅଭାବ ଏବଂ ଗାଡ଼ି ଚାଳକମାନେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ସୂଚନା ପାଇ ବସଷ୍ଟାଣ୍ଡ ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କୁ ତାଗିଦ୍ କରିବା ସହିତ ୧୨ଲକ୍ଷ ସ୍ୱର୍ଣ୍ଣମୁଦ୍ରାରେ ଦଣ୍ଡିତ କରିଥିଲେ। ଏହାପରେ ସେ ରଙ୍ଗମହଲକୁ ଯାଇ ନାଚଗୀତରେ ମସଗୁଲ ହୋଇଥିଲେ।

ରଙ୍ଗମହଲରୁ ସେ ରାଜ ଦରବାରକୁ ଯାଇଥିଲେ। ରାଜ ଦରବାରରେ ଉଚ୍ଚଶିକ୍ଷା, ସଂସ୍କୃତି, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ ଅତିଥିଭାବେ ଯୋଗଦାନ କରିଥିଲେ। କଂସ ମହାରାଜ ତାଙ୍କୁ ମଥୁରାନଗରୀର ଉଚ୍ଚଶିକ୍ଷା, ସଂସ୍କୃତି ଏବଂ କ୍ରୀଡ଼ା ବ୍ୟବସ୍ଥା ଉପରେ ପଚାର ବୁଝିଥିଲେ। ଧନୁଯାତ୍ରାକୁ ଅସ୍ମିତାର ଜୟଯାତ୍ରା ବୋଲି ଅଭିହିତ କରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ। ଧନୁଯାତ୍ରା ମହୋତ୍ସବକୁ ଏଥର ଅନୁଦାନ ୧କୋଟିରୁ ଦେଢ଼କୋଟିକୁ ବୃଦ୍ଧି କରାଯାଇ ଥିବାବେଳେ ଏକ ସୁଇମିଂପୁଲ୍ କରାଯିବ। ଏହା ସହିତ ୨୦୦ରୁ ଅଧିକ ଧନୁଯାତ୍ରା କଳାକାରଙ୍କୁ ଏଥର ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ଶିକ୍ଷା, କ୍ରୀଡ଼ାର ବିକାଶ ଦିଗରେ ମଧ୍ୟ ବହୁବିଧ ପଦକ୍ଷେପ ନିଆଯାଇଛି। ସେହିପରି ଧନୁଯାତ୍ରା ମହୋତ୍ସବ କିଭଳି ୟୁନେସ୍କୋ ମାନ୍ୟତା ପାଇ ପାରିବ, ସେ ନେଇ ଉଦ୍ୟମ ଜାରି ରହିଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଂସ ମହାରାଜଙ୍କ ସମ୍ମୁଖରେ କହିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ଧନୁଯାତ୍ରା ମହୋତ୍ସବର ସମ୍ପାଦକ ସୁରେଶ୍ୱର ଶତପଥୀ ମଧ୍ୟ ଉପସ୍ଥିତ ଥିଲେ।



ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କଂସ ମହାରାଜ ସମ୍ମାନିତ କରୁଛନ୍ତି।

## ଧନୁଯାତ୍ରା ମହୋତ୍ସବ, ଜାତୀୟ ସମ୍ମାନ ଉଦ୍‌ଘାଟିତ



ଜାତୀୟ ସମ୍ମାନରେ ଅତିଥି ଓ ବକ୍ତାମାନେ।

ମଥୁରାନଗରୀ,୨୭।୧୨ (ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଅବସରରେ ଶନିବାର ସ୍ଥାନୀୟ ପଞ୍ଚାୟତ କଲେଜ ପରିସରରେ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଧନୁଯାତ୍ରା ମହୋତ୍ସବ ସମିତି ଓ ପ୍ରଚାର ପ୍ରସାର କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜାତୀୟ ସମ୍ମାନରେ କଲେଜ ଅଧ୍ୟକ୍ଷ ଡ. ନକୁଳ ସେଠ ସଭାପତିତ୍ୱ କରିଥିଲେ। ସମ୍ମାନର ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଅତିରିକ୍ତ ଜିଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତି କଳାକାର ସମନ୍ୱୟ ସମିତିର ଆବାହକ ମହେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ଆବାହକ ପ୍ରହଲ୍ଲାଦ ଖୋସଲା, ପ୍ରାକ୍ତନ ଅଧ୍ୟାପକ ତଥା କଲେଜ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି, ରାଉରକେଲା କଲେଜର ପ୍ରାକ୍ତନ ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା, ଶିଲଂ ଉତ୍ତର – ପୂର୍ବ ହିଲ ୟୁନିଭରସିଟିର ଆସୋସିଏଟ ପ୍ରଫେସର ରମେଶ କୁମାର ପରୁଆ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ସଦାନନ୍ଦ ନାୟକ ବକ୍ତାଭାବେ ଯୋଗଦେଇଥିଲେ। ସମ୍ମାନରେ ଅତିଥି ଏବଂ ବକ୍ତାମାନେ ଆମ ଅଞ୍ଚଳର ଇତିହାସ, ଶିକ୍ଷା, ପ୍ରତ୍ନତତ୍ତ୍ୱ, ସଂସ୍କୃତି ଉପରେ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନେ ଉକ୍ତ ସମ୍ମାନ ପାଇଁ ପ୍ରସ୍ତୁତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ରବିବାର ଏହି ଜାତୀୟ ସମ୍ମାନର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଥିବାବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର ୧୫ରୁ ଉର୍ଦ୍ଧ୍ୱ ଗବେଷକ ନିଜର ଗବେଷଣାତ୍ମକ ସନ୍ଦର୍ଭ ଉଭୟ ଅଫ ଲାଇନ ଓ ଅନ୍ ଲାଇନ ମାଧ୍ୟମରେ ଉପସ୍ଥାପନ କରିବେ। ଏହି ଅବସରରେ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନ କରାଯାଇଛି। ସଭା ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା’ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଧ୍ୟାପକ ଉମେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ଡ. ସେଠ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅଧ୍ୟାପିକା ଡ. ଅନିନ୍ଦିତା ନନ୍ଦ ସମ୍ପାଦନ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଜନ୍ମେଜୟ ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଆକାଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧନୁଯାତ୍ରା ମହୋତ୍ସବରେ ସାମାଜିକ ସେବା ଶିବିର

ମଥୁରାନଗରୀ,୨୭।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଯୁବ ରେଡକ୍ରସ ତରଫରୁ ଶୁକ୍ରବାରରୁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ସାମାଜିକ ସେବା ଶିବିର ଉଦ୍‌ଘାଟିତ ହୋଇଛି। ଜିଲା ରେଡକ୍ରସ ସଂଯୋଜକ ପରମାନନ୍ଦ ରଥଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲା ରେଡକ୍ରସ ଆବାହକ ସମୀର ସେଟ, ମୁଖ୍ୟ ଅତିଥି ଏବଂ ରୀନା ଚକ୍ରବର୍ତ୍ତୀ, ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରଞ୍ଜିତା ନାୟକ, ଅତାବିରା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଧାନ, ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ସାହୁ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର କାଉନ୍‌ସିଲର ତୁଷାରକାନ୍ତି ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶନିବାର ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସିବୁଆ ମାଝୀ ମୁଖ୍ୟ ଅତିଥି ଏବଂ ସୋହେଲା ସ୍ନାତକ ମହବିଦ୍ୟାଳୟର ଅଧ୍ୟାପକ ପ୍ରତାପ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରାଥମିକ ସହାୟତା ଉପରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଶିବିର ମାଧ୍ୟମରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ମଥୁରା ନଗରୀ ଓ ଗୋପପୁର ସ୍ୱଚ୍ଛ ରଖିବା ପାଇଁ ସ୍ୱେଚ୍ଛାସେବୀମାନେ ଶପଥ ନେଇଛନ୍ତି। ଜିଲା ସଂଯୋଜକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ସାମାଜିକ ସେବା ଶିବିର ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ, ଅତିଥି ଏବଂ ସ୍ୱେଚ୍ଛାସେବୀମାନେ।

## ବାଲ୍ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ



ବାଲ୍ ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ଅଭିନୟ କରିଥିବା କଳାକାରମାନେ।

ମଥୁରାନଗରୀ,୨୭।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦୀର୍ଘ ତିନି ଦିନ ଧରି ଚାଲିଥିବା ବାଲ ଧନୁଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁଗ୍ରିବର ବିଶି, ଶଙ୍କର ପଟ୍ଟନାୟକ ଓ ନକୁଳ ବାଦୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଅନ୍ତିମ ଦିବସରେ ମହର୍ଷି ନାରଦଙ୍କ ପରାମର୍ଶକ୍ରମେ ମହାରାଜ କଂସ ଧନୁଯାତ୍ରାର ଆୟୋଜନ କରି ଭଣଜାକୁ ଆମନ୍ତ୍ରଣ ଜଣାଇ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ କରିଥିଲେ। ଏହା ସହିତ ଛାୟାକଂସର ଆର୍ବିଭାବ ଦୃଶ୍ୟ ଅଭିନୀତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଜିଲା ସଂସ୍କୃତି ଅଧିକାରୀ ତାହିର ହୁସେନ, ବିଇଓ ଡଃ ସୁରେନ୍ଦ୍ର ସାହୁ, ମୁକୁନ୍ଦ ମାହାରା, ଅମୃତା ସାହୁ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ସୁରେନ୍ଦ୍ର ଦୀପ, ଦେବେନ୍ଦ୍ର ମଟାରି, ଶିବା ମେହେର, ପରିତୋଷ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବାବେଳେ ବାଲ ଧନୁଯାତ୍ରାରେ ଅଭିନୟ କରିଥିବା କଂସ ବର୍ଷା ପଟେଲଙ୍କ ସମସ୍ତ ୪୩ ଜଣ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଜାମସେଠ ଡାକ୍ତରଖାନାରେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ଦାବି

ପାଇକମାଳ,୨୭।୧୨(ବଡ଼ ଶତପଥୀ): ପାଇକମାଳ ବ୍ଲକ ଜାମସେଠ ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଏଠାରେ ଜଣେ ଆୟୁଷ ଡାକ୍ତର ଅଛନ୍ତି। ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଜଣେ ଏମ୍‌ବିବିଏସ୍ ଡାକ୍ତର ତଥା ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି ହେଉଛି। ଏ ନେଇ ସଚେତନ ନାଗରିକମାନେ ଆନ୍ଦୋଳନ କରିବା ସହ ଲୋକେ ଡାକ୍ତରଖାନାରେ ତାଲା ମଧ୍ୟ ପକାଇଥିଲେ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ଅଧିକାରୀମାନେ ଆସି ଶୀଘ୍ର ଜଣେ ଡାକ୍ତର ତଥା ଖାଲିଥିବା ପଦବୀଗୁଡିକ ପୂରଣ ହେବ ବୋଲି କହିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ପଦବୀ ପୂରଣ ହୋଇନାହିଁ। ଶନିବାର ବୁକୁରାମୁଣ୍ଡା ସିଏଚ୍‌ସିରୁ ମେଡିକାଲ ଅଫିସର ଶୁଭ ପ୍ରକାଶ ସେନାପତି ଜାମସେଠ ଆସିଥିଲେ। ଏହା ଜାଣି ଜାମସେଠରେ ପୂର୍ବତନ ସରପଞ୍ଚ ପ୍ରମୋଦ ରାଏ ସେନାପତିଙ୍କୁ ଭେଟି ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ପାଇଁ ଦାବି କରିଥିଲେ। ଜାମସେଠ ତଥା ମାଣ୍ଡୋସିଲ ଅଞ୍ଚଳ ପାଇଁ ଜାମସେଠ ଡାକ୍ତରଖାନା ହେଉଛି ଏକ ବଡ଼ ଡାକ୍ତରଖାନା। ତେଣୁ ଜଣେ ନିୟମିତ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ସହ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଡାକ୍ତର ସେନାପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଝାରବନ୍ଧ ଆଞ୍ଚଳିକ ବ୍ରାହ୍ମଣ ସମାଜର ବାର୍ଷିକ ସଭା

ଝାରବନ୍ଧ :୨୭।୧୨(ଦେବେନ୍ଦ୍ର ସାହୁ): ଝାରବନ୍ଧ ଆଞ୍ଚଳିକ ବ୍ରାହ୍ମଣ ସମାଜର ବାର୍ଷିକ ସଭା ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାଜର ଅସ୍ଥାୟୀ ସଭାପତି ଝସକେତନ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରଗଡ଼ ସଭାପତି କୀର୍ତ୍ତିଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ବସନା ସଭାପତି ହେମନ୍ତ ଦାସ, ମହାସମୁନ୍ଦ ସଭାପତି ବଳଦେବ ମିଶ୍ର, ପାଇକମାଳ ସଭାପତି ଗିରିଶ ଚନ୍ଦ୍ର ନାୟକ, ପଦ୍ମପୁର ସଭାପତି ଅତ୍ରାହି ଭଂଜନ ପାଣିଗ୍ରାହୀ, ମାର୍ଜର କେଶରୀ ସଭାପତି ସୁବଳ ପଣ୍ଡା ଯୋଗଦାନ କରି ସାମାଜିକ ସଂସ୍କାର ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଦିବଂଗତ ସଭ୍ୟମାନଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଏକ ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ସଭାପତି ଭାବେ ଝସକେତନ ନନ୍ଦ, ଉପସଭାପତି ପ୍ରସନ୍ନ ମହାପାତ୍ର, ସମ୍ପାଦକ ଆନନ୍ଦ ମହାପାତ୍ର, ସହସମ୍ପାଦକ ବେଣୁଧର ପାଣିଗ୍ରାହୀ କୋଷାଧ୍ୟକ୍ଷ ରବୀନ୍ଦ୍ର ହୋତାଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମକୁ ନନ୍ଦଲାଲ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବାର୍ଷିକ ବିବରଣୀ ଆନନ୍ଦ ମହାପାତ୍ର ପଠନ କରିଥିଲେ। ମଞ୍ଚପରିଚାଳନା ଲମ୍ବୋଦର ପଣ୍ଡା ତୁଲାଇଥିବା ବେଳେ ଶେଷରେ ଦେବରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଟେଲ୍ ମି ଏ ବ୍ୟୁଟିଫୁଲ୍ ଲାଏ’ ପୁସ୍ତକ ଲୋକର୍ପଣ

ବରପାଲି,୨୬।୧୨(ଚିତ୍ତରଞ୍ଜନ ସାହୁ)



ପୁସ୍ତକ ଲୋକାର୍ପଣ କରାଯାଉଛି।

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ଲେଖକ ନିଲେଶ କୁମାର ଦାଶଙ୍କ ନବୀନ ଇଂରାଜୀ ଉପନ୍ୟାସ ‘ଟେଲ ମି ଏ ବ୍ୟୁଟିଫୁଲ ଲାଏ’ ପୁସ୍ତକର ଲୋକର୍ପଣ ଶୁକ୍ରବାର ହୋଇଯାଇଛି। ସଭା ପ୍ରାରମ୍ଭରୁ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରିତ କରିଥିଲେ। ପ୍ରଭୁ ଗଜାନନଙ୍କ ପାଖରେ ଦୀପ ପ୍ରଜ୍ୱଳନ ହେବା ସହ ଅଧ୍ୟାପକ ସୁଧାଂଶୁ କୁମାର ଦାଶଙ୍କ ଦ୍ୱାରା ସଭା ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ରେଜିଷ୍ଟ୍ରାର ଡ଼. ଚିତ୍ତରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପନ୍ୟାସର ବିଷୟବସ୍ତୁ ଓ ସାମୟିକ ପ୍ରସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଇଂଲିଶ ସାହିତ୍ୟର ପ୍ରଫେସର ଡ଼. ଉମେଶ ଚନ୍ଦ୍ର ମହାପାତ୍ର ଓ ମାନଭଞ୍ଜନ ପାଣିଗ୍ରାହୀ ଉପନ୍ୟାସର ଶୈଳୀ, କାହାଣୀ ଗଠନ ଓ ଆଧୁନିକ ପାଠକ ମନୋଭାବ ସହିତ ତାହାର ସମ୍ପର୍କକୁ ସରଳ ଭାବେ ଉପସ୍ଥାପନ କରିଥିଲେ। ଶିଶୁବୟସରୁ ସାହିତ୍ୟ ତାଙ୍କ ପାଇଁ ଏକ ଆଶ୍ରୟ ଓ ଆତ୍ମସନ୍ଧାନର ମାଧ୍ୟମ। ପ୍ରଥମେ କବିତା ଲେଖନ ମାଧ୍ୟମରେ ସେ ନିଜ ଭାବନାକୁ ପ୍ରକାଶ କରିଥିଲେ। ‘ଟେଲ ମି ଏ ବ୍ୟୁଟିଫୁଲ୍ ଲାଏ’ଉପନ୍ୟାସରେ ଲେଖକ ମାନବ ସମ୍ପର୍କ, ମନସିକ ଦ୍ୱନ୍ଦ୍ୱ, ସତ୍ୟ ଓ ମିଥ୍ୟାର ଜଟିଳ ସମ୍ପର୍କକୁ ଥ୍ରିଲର ଶୈଳୀରେ ଉପସ୍ଥାପନ କରିଛନ୍ତି। ନିଲେଶ କୁମାର ଦାଶଙ୍କ ଲେଖନୀରେ ଦେଖାଯାଏ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ, ସରଳ ଭାଷା ଓ ଗଭୀର ଅନୁଭୂତି। ଶିକ୍ଷା ଓ ସୃଜନଶୀଳତାକୁ ସମାନ ଗୁରୁତ୍ୱ ଦେଇ ସେ ଆଗକୁ ବଢୁଛନ୍ତି। ଏହି ଉପନ୍ୟାସ ତାଙ୍କ ସାହିତ୍ୟିକ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦଚିହ୍ନ ବୋଲି ଅତିଥିମାନେ ମତ ରଖିଥିଲେ। ‘ଟେଲ୍ ମି ଏ ବ୍ୟୁଟିଫୁଲ୍ ଲାଏ’ ମାଧ୍ୟମରେ ନିଲେଶ କୁମାର ଦାଶ ଆଧୁନିକ ଇଂଲିଶ ସାହିତ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାର ସଂକେତ ଦେଇଛନ୍ତି। ଯାହା ଆଗାମୀ ଦିନରେ ଆହୁରି ସଶକ୍ତ ହେବ ବୋଲି ଆଶା କରାଯାଉଛି। ପରିଶେଷରେ ଅଧ୍ୟାପକ ସୁଧାଂଶୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଲୁ ସଭାପତି, ରଞ୍ଜିତ ସମ୍ପାଦକ

### ବୌଦ୍ଧ ଜିଲା ହାବିଲଦାର କନଷ୍ଟେବଲ ସଂଘ ନିର୍ବାଚନ





ବୌଦ୍ଧ,୨୬।୧୨(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ଭାବେ ବୁଲୁ କୁମାର ମିଶ୍ର ଓ ସମ୍ପାଦକ ଭାବେ ରଞ୍ଜିତ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି। ଆଲୋକ ସିଂ କହଁର ଉପସଭାପତି, ଷଣ୍ଣେଶ୍ୱର କର୍ଣ୍ଣ ସହ ସମ୍ପାଦକ, ଯଶୋବନ୍ତ ପ୍ରଧାନ କୋଷାଧ୍ୟକ୍ଷ ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ, ନାରାୟଣ ସାହୁ, ମମତା କହଁର, ରଞ୍ଜିତ ଝାଙ୍କର, ଜଗତ ମୋହନ ନାୟକ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

# ୧ ଘଣ୍ଟିଆ ବହିର୍ବିଭାଗରେ ରୋଗୀ ଚିକିତ୍ସା ବନ୍ଦ

**ଓମ୍ସା ନିଷ୍ପତ୍ତିକୁ ବଣାଇଁ ଉପଖଣ୍ଡରେ କାର୍ଯ୍ୟରତ ଡାକ୍ତରଙ୍କ ସମର୍ଥନ**

**ବଣାଇଁ, ୨୭।୧୨(ପ୍ରଦୀପ ତ୍ରିପାଠୀ):** ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ (ଓମ୍ସା)ର ଆହ୍ୱାନ କ୍ରମେ ଚାଲିଥିବା ଡାକ୍ତରଙ୍କ ଏକ ଘଣ୍ଟିଆ ପ୍ରତିକାତ୍ମକ ବିରୋଧକୁ ବଣାଇଁ ଉପଖଣ୍ଡ ଡାକ୍ତର ସଂଘ ସମର୍ଥନ ଜଣାଇଛି। ଶନିବାର ବଣାଇଁ, ଲହୁଣୀପଡ଼ା, ଗୁରୁଣ୍ଡିଆ, କୋଇଡ଼ା ଓ ସରସରା ଡାକ୍ତରଖାନାରେ ଏକ ଘଣ୍ଟିଆ ପ୍ରତିକାତ୍ମକ ବନ୍ଦ ପାଳନ କରାଯାଇଥିବା ଦେଖାଦେଇଛି। ଚିକିତ୍ସାଳୟର ଏବଂ ଡାକ୍ତରମାନଙ୍କ ମୌଳିକ ସମସ୍ୟା ସରକାରଙ୍କ ପାଖରେ ଉପସ୍ଥାପନ କଲା ପରେ ମଧ୍ୟ ସରକାର ସମାଧାନ କରୁ ନ ଥିବା ହେତୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏକ ଘଣ୍ଟା ଓପିଡି ବା ବହିର୍ବିଭାଗରେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ୧୧ଟା ଏକ ଘଣ୍ଟା କାର୍ଯ୍ୟବନ୍ଦ ରଖିବେ ବୋଲି ଉପଖଣ୍ଡ ଚିକିତ୍ସାଧିକାରୀ ତଥା ଓମସା ବଣାଇଁ ଜୋନ ସଭାପତି ଡା. ମନୋଜ ପତି ସୂଚନା ଦେଇଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଏ କାର୍ଯ୍ୟଧାରା ରଖାଯିବ ବୋଲି ବଣାଇଁ ଜୋନ ସମ୍ପାଦକ ଡା. ଭୋଳେଶ୍ୱର ପ୍ରଧାନ କହିଛନ୍ତି। ଅପରପକ୍ଷରେ ସରକାର ସମସ୍ୟାକୁ ଗୁରୁତ୍ୱ ନ ଦେଇ ଯଦି ଟାଳଟୁଳ ନୀତିଜାରି ରଖନ୍ତି ତେବେ ରାଜ୍ୟ ସଂଘ ଚରମ ନିଷ୍ପତ୍ତି ନେବ ବୋଲି ମଧ୍ୟ ଆନ୍ଦୋଳନକାରୀ ଡାକ୍ତର ଚେତାଇ ଦେଇଛନ୍ତି ।

# ମିଲରଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶକଲେ ଚାଷୀ

**ବଡ଼ଗାଁ, ୨୭।୧୨(ଅଶୋକ ଷଡଙ୍ଗୀ)**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀ।

ମିଲରମାନେ ଧାନ ଉଠାଉ ନ ଥିବାରୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଚାଷୀମାନେ ମିଲରଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶନିବାର ଖବରଦାତା ସମ୍ମିଳନୀ କରି ମିଲରଙ୍କ ବିରୋଧରେ କହିଛନ୍ତି। ଚାଷୀମାନେ କହିଛନ୍ତି, କଟନିଛଟନି କରି ଚାଷୀମାନଙ୍କୁ ଶୋଷଣ କରିବାକୁ ଯୋଜନା କରୁଥିବା ମିଲରମାନେ ଧାନ କିଣିବାକୁ ଆଗଭର ହେଉନାହାନ୍ତି। ସରକାରୀ ସ୍ତରରେ ଧାନ କିଣା ପାଇଁ ସମସ୍ତ ବ୍ୟବସ୍ଥା ସରିଛି। ଚାଷୀମାନଙ୍କୁ ଟୋକନ ମଧ୍ୟ ମିଳିଛି। ତେବେ କଟନିଛଟନି ଆଳରେ ମଲର ଧାନ ଉଠାଉ ନାହାଁନ୍ତି। ଫଳରେ ଧାନ କ୍ରୟ ଏଯାଏଁ ହୋଇନାହିଁ। ଗତବର୍ଷ ଧାନ କିଣିବାରେ ମିଲରଙ୍କୁ କୌଣସି ଅସୁବିଧା ହୋଇ ନ ଥିଲାବେଳେ ଚଳିତବର୍ଷ ଧାନ କିଣିବାରେ କଣ ଅସୁବିଧା ହେଉଛି ବୋଲି ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଏଥି ସହିତ ଯଦି ଏହି ସମସ୍ୟା ଲାଗିରହେ, ତେବେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବହୁ ଚାଷୀ ମିଲରଙ୍କ ମନମୁଖୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଚାଷୀ ରବି ପଟେଲ, ଲକ୍ଷ୍ମଣ ପୁରୋହିତ, ନୀଳମାଧବ ପୁରୋହିତ, ଗୁଲସନ ବାରୁଆ, ଅଶୋକ ପଟେଇ, ତୁଳାରାମ ହୋତା, ଯୁଗେଶର ରାଉତ, ଉମାଶଙ୍କର ରାଉତ, ମନମୋହନ ନାଏକ, ମିତ୍ର କିଷାନ, ସମୀର ରାଉତରାୟ, ପୀତବାସ ପଣ୍ଡା, ରବୀନ୍ଦ୍ର ପଟେଲ, ସନ୍ୟାସୀ ମାଝୀ, ଟଙ୍ଗଧର ବେହେରା,ଅଭିଳାଷ ପାଣିଗ୍ରାହୀଙ୍କ ସହିତ ଅଞ୍ଚଳର ଅନେକ ଚାଷୀ ଉପସ୍ଥିତ ଥିଲେ।

- ଚାଷୀମାନଙ୍କୁ ଟୋକନ ମିଳିଛି
- ମିଲରମାନେ ଧାନ ଉଠାଉନାହାନ୍ତି
- କଟ୍‌ନିଛଟ୍‌ନି କରି ଚାଷୀଙ୍କୁ ଶୋଷଣ କରିବାକୁ ଯୋଜନା

# କାର୍ଯ୍ୟରେ ନିଷ୍ଠା, ଏକଗ୍ରତା ରହିଲେ ସଫଳତା ସୁନିଶ୍ଚିତ

**ରାଉରକେଲା, ୨୭।୧୨(ଦିନେଶ ମିଶ୍ର)**

**ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ୋତ୍ସବ**

ବାସନ୍ତୀ କଲୋନିସ୍ଥିତ ଡକ୍ଟର ଏ.ଏନ୍. କେ. ଡିଏଭି ପବ୍ଲିକ୍ ସ୍କୁଲର ୩୩ତମ କ୍ରୀଡା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଡିଏଭି ସ୍କୁଲ ସମୂହ ଓଡିଶାର ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି, ମ୍ୟୁନିସିପାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଶିକ୍ଷା ସହିତ କ୍ରୀଡାକୁ ସମ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଲୋକାଲ ମ୍ୟାନେଜିଂ କମିଟିର ସଦସ୍ୟ ଏସ୍. କେ. ଯୋଶୀ, ରାଜେଶ ମାଲହୋତ୍ରା, ମାନସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ ନିଖିଲ କଳାକାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଷ୍ଠା ଓ ଏକଗ୍ରତାର ସହ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ହାସଲ ହୁଏ ଏବଂ ହାରଜିତ୍ ମନଭାବ ନ ରଖି ସମସ୍ତ ବାଧାବିଘ୍ନ କୁ ପ୍ରତିହତ କରି ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ଫୁଟବଲ ଖେଳାଳି ସଞ୍ଜୟ ବେବର୍ତ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନେ କୋମଳମତି ବୟସରେ ଖେଳ ପ୍ରତି ଆକୃଷ୍ଟ କରିବାକୁ ଏକ ସୁଯୋଗ ମିଳିଥାଏ, ସେଥିପାଇଁ ଅଭିଭାବକମାନଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ସ୍କୁଲର କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ ବେହେରା ଓ ଶିକ୍ଷୟିତ୍ରୀ ମିନତୀ ପାତ୍ର, ସତ୍ୟବ୍ରତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ବିଭାଗରେ ଖେଳ ପ୍ରଦର୍ଶନ ହୋଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଂଯୋଜକ ବିଜୟ କୁମାର ମିଶ୍ର, ଶିକ୍ଷୟିତ୍ରୀ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡ଼ୋତ୍ସବରେ ମଞ୍ଚାସୀନ ଅତିଥି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକରେ ଶୋକ

ରାଉରକେଲା, ୨୭।୧୨(ଦିନେଶ ମିଶ୍ର) ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ଶିକ୍ଷକ ସଂଘ ସଦସ୍ୟ କିଶୋର ଚନ୍ଦ୍ର ନନ୍ଦଙ୍କ ଗତ ୨୫ ତାରିଖରେ ୭୯ ବର୍ଷ ବୟସରେ ପରଲୋକ ହୋଇଛି। ମହାରାଷ୍ଟ୍ରର ପୁନେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ କ୍ରାନ୍ତିଲାଲ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ଇସ୍ପାତ କାରଖାନା ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

# ଆର୍‌ଏସ୍‌ପି ଗୁଣବତ୍ତା ମଣ୍ଡଳୀର ଉଜ୍ଜ୍ୱଳ ପ୍ରଦର୍ଶନ

**ରାଉରକେଲା, ୨୭।୧୨(ବିପ୍ଳବ ରଞ୍ଜନ ଦାଶ)**

**୩୯ତମ ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀ**

ଡିସେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରେଟର ନୋଏଡାର ଜି . ଏଲ . ବଜାଜ ପ୍ରଯୁକ୍ତିବିଦ୍ୟା ଓ ପରିଚାଳନା ପ୍ରତିଷ୍ଠାନରେ କ୍ୟୁସିଏଫ୍‌ଆଇ ଦ୍ୱାରା ଗୁଣବତ୍ତା ଧାରଣା ଉପରେ ଅନୁଷ୍ଠିତ ୩୯ତମ ଜାତୀୟ ସମ୍ମିଳନୀ (ଏନ୍‌ସିସିକ୍ୟୁସି) ଆର୍‌ଏସ୍‌ପିର ସମସ୍ତ ୩୪ ଗୁଣବତ୍ତା ସର୍କଲ୍ ଦଳଗୁଡ଼ିକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା। ଏଥିରେ ୩୪ଟି କ୍ୟୁସି ଦଳ ମଧ୍ୟରୁ ୨୫ଟି ପାର୍ ଏକ୍ସେଲେନ୍ସ ପୁରସ୍କାର ପାଇଛନ୍ତି। ଏହି ଦଳଗୁଡ଼ିକ ହେଲେ ଆର୍ ଆଣ୍ଡ ସି ଲାବୋରେଟୋରୀ ବିଭାଗର ଆରମ୍ଭ ଓ ଲକ୍ଷ୍ୟମ୍; ଏଚ୍‌ଏସ୍‌ଏମ୍-୨ ବିଭାଗର ସମୃଦ୍ଧି, ଆରୋହଣ ଏବଂ ସ୍ପନ୍ଦନ ; ପାଇପ୍ ପ୍ଲାଣ୍ଟ-ଇଆର୍‌ଡବ୍ଲ୍ୟୁ ବିଭାଗର ଆବିଷ୍କାର, ପ୍ଲେଟ୍ ମିଲ୍ ବିଭାଗର ଧାରା, ସି ଆଣ୍ଡ ଆଇଟି ବିଭାଗର ଏକମ୍, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଇଗ୍ନାଇଟ୍ ଏବଂ ପ୍ରୟାସ୍ , ବ୍ଲାଷ୍ଟ ଫର୍ନେସ ବିଭାଗର ପରିବର୍ତ୍ତନ, ରୋଲ୍ ଶପ୍ ବିଭାଗର ଭିଜନ ଏବଂ ପାଥ୍ ଫାଇଣ୍ଡର୍, ଆଇ ଆଣ୍ଡ ଏ ବିଭାଗର ପ୍ରଗତି ଏବଂ ପିଓନିଅର୍, ସିଇଏମ-ଏସି ବିଭାଗର ପ୍ରେରଣା, ଏସ୍‌ଏମ୍‌ଏସ୍-୧ ବିଭାଗର ସମର୍ପଣ, ଆର୍‌ଏମ୍‌ଏଚ୍‌ପି ବିଭାଗର ସଞ୍ଜୀବନୀ, ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗର ଶବ୍ଦମ୍, ଶକ୍ତି ବଣ୍ଟନ ବିଭାଗର ଶକ୍ତି, ସିଇଏମ ଆର.ଏସ.ଇ ବିଭାଗର ସୁଧାର, ନୂତନ ପ୍ଲେଟ୍ ମିଲ୍ ବିଭାଗର ତେଜସ୍ ଏବଂ ବ୍ଲାଷ୍ଟ ଫର୍ନେସ ବିଭାଗର ଉଡାନ, ପ୍ଲେଟ ମିଲ୍ ବିଭାଗର ଡାଇନାମିକ ଏବଂ ସିଣ୍ଟରିଂ ପ୍ଲାଣ୍ଟ-୧ ବିଭାଗ। ଏଥିସହିତ ୯ଟି ଦଳ ଉତ୍କର୍ଷ ପୁରସ୍କାର ପାଇଥିଲେ। ଲୋଟସ୍ (ଆରଆଣ୍ଡସି ଲାବୋରେଟୋରୀ), ସୃଷ୍ଟି (ଅକ୍ସିଜେନ ପ୍ଲାଣ୍ଟ), ଉର୍ଜା (ଆଇଆଣ୍ଡଏ ଡିପାର୍ଟମେଣ୍ଟ), ଅଗ୍ରଣୀ ଏବଂ ଅନନ୍ୟା (ଆର୍‌ଏମ୍‌ଏଚ୍‌ପି), କର୍ମବୀର (କୋକ୍ ଓଭେନ୍ସ), ଉନ୍ନତି ଏବଂ ସମ୍ବନ୍ଧନ (ବ୍ଲାଷ୍ଟ ଫର୍ନେସ) ଏବଂ ସୃଜନ (ଏସ୍‌ପି-୨) ଉଜ୍ଜ୍ୱଳ ପ୍ରଦର୍ଶନ କରିଥିଲେ।

# ଟ୍ୟାଙ୍କର ଧକ୍କାରେ ସ୍କୁଟି ଆରୋହୀ ମୃତ

## ନୂଆବର୍ଷ ପାଳନ ପାଇଁ ଚେନ୍ନାଇରୁ ଗାଁକୁ ଫେରିଥିଲେ

**ବଡ଼ଗାଁ, ୨୭।୧୨(ଅଶୋକ ଷଡଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶନିବାର ଟ୍ୟାଙ୍କର ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗାଁ ବ୍ଲକ ସାହାଜବାହାଲ ବନ୍ଧୁପଡାର ଅନୁରାଗ ବାର୍ଲା (୨୮)। ଅନୁରାଗ ଓ ଅନ୍ୟ ୨ଜଣ ସାଙ୍ଗ ଚେନ୍ନାଇ ଯାଇଥିଲେ କାମ କରିବାକୁ। ନୂଆବର୍ଷ ପାଳନ କରିବା ପାଇଁ ଶନିବାର ସକାଳ ୫ଟାରେ ନିଜ ଘରକୁ ଫେରିଲେ। ଘର ଲୋକ ଓ ସାଙ୍ଗ ସାଥିଙ୍କୁ ଭେଟିଥିଲେ ୩ସାଙ୍ଗ। ଗାଁ ସାଙ୍ଗମାନଙ୍କ ସହିତ ନୂଆବର୍ଷ ପାଳନ କରିବାକୁ କହିଥିଲେ। ହେଲେ ନୂଆବର୍ଷ ପାଳନ ଆଶ ଆଶାରେ ହିଁ ରହିଗଲା। ଅପରାହ୍ନରେ ଘଟିଥିବା ସଡକ ଦୁର୍ଘଟଣାରେ ଅନୁରାଗ ବାର୍ଲାଙ୍କ ମୃତ୍ୟୁ ହୋଇଥିଲାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ସାହାଜବାହାଲ ବନ୍ଧୁପଡାର ଅମନଦିପ ଟପ୍ପୋ (୨୫), ଅସିମ ବାର୍ଲା (୨୬) ଓ ଅନୁରାଗ ବାର୍ଲା (୨୮) କାମ କରିବାକୁ ଚେନ୍ନାଇ ଯାଇଥିଲେ। ନୂଆବର୍ଷ ପାଳନ କରିବାକୁ ଶନିବାର ସକାଳେ ନିଜ ଗାଁକୁ ଫେରିଥିଲେ। ଦିନ ସାଢ଼େ ୧୨ ବେଳେ ସ୍କୁଟି ଯୋଗେ ବଡ଼ଗାଁକୁ ବାଳ କାଟିବାକୁ ଆସିଥିଲେ। ଅମନଦିପକୁ ବଡ଼ଗାଁ ବସଷ୍ଟାଣ୍ଡରେ ଛାଡ଼ି ଅନୁରାଗ ଓ ଅସିମ କଣ୍ଟିଆପୁରା ପେଟ୍ରୋଲ ପମ୍ପକୁ ତେଲ ପୁରାଇବାକୁ ସ୍କୁଟିରେ ଯାଇଥିଲେ। ବସଷ୍ଟାଣ୍ଡ ନିକଟ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଟ୍ରକକୁ ଓଭର ଟେକ କରିବା ସମୟରେ ପଛରେ ଥିବା ଏକ ଟ୍ୟାଙ୍କର ପଶି ଆସିବାରୁ ଉଭୟ ଗାଡ଼ି ମଝିରେ ସ୍କୁଟି ରହିଯାଇଥିଲା। ଟ୍ୟାଙ୍କର ଧକ୍କାରେ ସ୍କୁଟି ଆରୋହୀ ଅନୁରାଗ ବାର୍ଲାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଚାଳକ ଅସିମ ବାର୍ଲା ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ବଡ଼ଗାଁ ଡାକ୍ତରଖାନା ନିଆଯାଇଥିଲା।

# ନବନିଯୁକ୍ତ ରାଉରକେଲା ସାଙ୍ଗଠନିକ ଜିଲା ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

**ଲହୁଣୀପଡ଼ା, ୨୭।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି (ଭାଜପା)କାର୍ଯ୍ୟାଳୟଠାରେ ଶନିବାର ବଣାଇ ଭାଜପା ତରଫରୁ ନବ ନିଯୁକ୍ତ ରାଉରକେଲା ସାଙ୍ଗଠନିକ ଜିଲା ପ୍ରଭାରୀ ବଟ କିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଜାମୁଣ୍ଡା ବାଇପାସ ଅଟଳ ବିହାରୀ ବାଜପେୟୀ ଛକରୁ ବଣାଇ ଭାଜପା ନେତୃମଣ୍ଡଳୀ ଦଳୀୟ କାର୍ଯ୍ୟାଳୟ କୁ ପାଛୋଟି ଆଣିଥିଲେ। ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା ସଭାପତି ମନୋଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବାବେଳେ ନବନିଯୁକ୍ତ ମିଶ୍ର, ରାହାସ ବିହାରୀ ପ୍ରଧାନ, ସାଂସଦ ପ୍ରତିନିଧି ସୁକେଶି ଓରାମ,ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଲୁଥାର ଓରାମ, ଜିଲା କୋଷାଧ୍ୟକ୍ଷ ଚେତନ ଦୀପ୍ତ ନାୟକ, ଯୁବନେତା ଗୁରୁଚରଣ ଓରାମ ମଞ୍ଚାସୀନ ଥିଲେ। ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ ମଞ୍ଚ ପରିଚାଳନା କରିଥିଲେ। ଦଳ ଜନମାନସରେ ଆସ୍ଥା ଭାଜନ ହେବା ସହିତ ସୁସଙ୍ଗଠିତ ହୋଇ ଦଳକୁ କ୍ରିୟାଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ସ୍ୱାଇଁ, ମହେଶ ଶାହା, ଦିବ୍ୟମଞ୍ଜରୀ ଶେଖର ଦେଓ, ନମିତା ମହାନ୍ତ, ଉପେନ୍ଦ୍ର ବେହେରା, ଅନିଲ ମହାନ୍ତ, ଗୋବିନ୍ଦ ସାହୁ, ବଣାଇ ଯୁବମୋର୍ଚ୍ଚା ସଭାପତି ଅଭିନାଶ ବ୍ରହ୍ମ, ଖୁଣ୍ଟଗାଁ ମଣ୍ଡଳ ସଭାପତି ନିରାକାର ନାୟକ, ସରସରା ବୀରେନ୍ଦ୍ର ବଡ଼ ନାଏକ, କୋଇଡାର ରାମଚନ୍ଦ୍ର ପଳେଇ, ବଣାଇର ମିଥିଳା ପାତ୍ର, ବୈକୁଣ୍ଠ ଗଡତିଆ, ଦୁଃଖିଶ୍ୟାମ ନନ୍ଦ, ଶଙ୍କର ସେନାପତି, ନୃପମାଣି ଛଟିଆ, ନାରାୟଣ କୁମ୍ଭାର, ହଳଧର ମହାନ୍ତ, ସୋନୁ ଜୟସାଲ, ନିରଞ୍ଜନ ନାଏକ, ଗଙ୍ଗାଧର ମହାନ୍ତ, ପ୍ରଦୀପ କୁମାର ସାହୁ, ବିଜୟ ଠାକୁର, ଭୁବନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ରାଉରକେଲା ସାଙ୍ଗଠନିକ ଜିଲା ପ୍ରଭାରୀ ବଟ କିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ଅବସରରେ ଭାଜପା କର୍ମକର୍ତ୍ତା।

**ବାଲିଶଙ୍କରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

# ଟାଙ୍ଗରଭା ଦଳ ଚାମ୍ପିୟନ

**ବାଲିଶଙ୍କରା, ୨୭।୧୨(ହୃଦାନନ୍ଦ ବାରିକ)**


ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର ରାଜା ବଙ୍ଗଳା ଖେଳ ପଡ଼ିଆରେ ବାଲିଶଙ୍କରା ସିନିୟର ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ବାଲିଶଙ୍କରା ଆନ୍ତଃରାଜ୍ୟ ଫୁଟବଲ କପ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଟାଙ୍ଗରଭା ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ନିର୍ମଳ ନାଏକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କଠିନ ପରିଶ୍ରମ, ଧୈର୍ଯ୍ୟ ଓ ଏକାଗ୍ରତା ରଖି ଖେଳିଲେ ଜଣେ ଖେଳାଳି ସୁନାମଧନ୍ୟ ଖେଳାଳି ହୋଇପାରିବେ ବୋଲି ମୁଖ୍ୟ ଅତିଥି ନାଏକ କହିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ କଂଗ୍ରେସ ଉପସଭାପତି ଅଜିତ ପ୍ରସାଦ, ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ବନଡେଗା ଗୌନ୍ତିଆ ବରିଷ୍ଠ ନେତା ଏମ୍‌ଡି ହାରୁନ ରସିଦ, ରାଜେନ୍ଦ୍ର ପଟେଲ, ସୁଶୀଲ ନନ୍ଦ, ଜିଲା ଆଥଲେଟିକ ସଂଘର ସଭ୍ୟ ସଞ୍ଜୀବ ପଟ୍ଟନାୟକ, ସବ୍‌ଡେଗା (କ) ଜୋନ ଜିଲା ପରିଷଦ ସଭ୍ୟା ଜନନୀ କେର୍କେଟା, ଏମ୍‌ଡି ନଜିର ହୁସେନ, ଜୟଭୂଷଣ ଶେଖର ଦେଓ, ଉଦିତ ପ୍ରତାପ ଦେଓ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାଏ, ସଉନାମରା ସମିତି ସଭ୍ୟା ବେଳମତି ଧୁରୁଆ, ବାଲିଶଙ୍କରା ସମିତି ସଭ୍ୟ କହ୍ନେଇ ଜୟପୁରିଆ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ରାମଜାନକୀ ବାଲିଶଙ୍କରା କ୍ଲବ ଓ ଟାଙ୍ଗରଭା ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ଚାଲିଥିବାବେଳେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ପେନାଲଟି ସୁଟଆଉଟରେ ୪-୫ ଗୋଲରେ ଟାଙ୍ଗରଭା ଦଳ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଟାଙ୍ଗରଭା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ରାମଜାନକୀ ବାଲିଶଙ୍କରା କ୍ଲବକୁ ୨୦ ହଜାର ଟଙ୍କା ସହ ଟ୍ରଫି ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବାଲିଶଙ୍କରା ସିନିୟର ଫୁଟବଲ ଆସୋସିଏଶନର କେଦାର ସାଏ, ଇନ୍ଦ୍ରମଣି ଦଣ୍ଡସେନା, ସପ୍ନେଶ୍ୱର ବାଘ, ରଞ୍ଜନ ବେସନ, ଚନ୍ଦ୍ରମଣି ପ୍ରଧାନ, ଅମରେଶପୁରୀ, ରଞ୍ଜନ ସିଂ, ରାଜୁ ପାତ୍ର, ବାଲେଶ୍ୱର ମାଝୀ, ରଞ୍ଜନ ବାଗ, ସଞ୍ଜୀବ ମିଞ୍ଜ, ଶରତ ସାଏ, ସଞ୍ଜୀବ ଦଣ୍ଡସେନା, ପିନୁ ବରିହା, ସହଦେବ ନାଏକ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ରାଜ୍ୟସ୍ତରୀୟ ରେଫରୀ କୁମାର ନାଏକ, କୁମରମଣୀ ଛତ୍ରିଆ, ରାଜେଶ କିଷାନ କାର୍ଯ୍ୟଭାର ତୁଲାଇଥିଲେ।

# ରାଜ୍ୟସ୍ତରୀୟ ଖୋଖୋ ଚାମ୍ପିୟନଶିପରେ କୁଆଁରମୁଣ୍ଡାର ୫ ଖେଳାଳି ସାମିଲ

**କୁଆଁରମୁଣ୍ଡା, ୨୭।୧୨(ମହେନ୍ଦ୍ର କୁମାର ସାହୁ)**

ରାଜ୍ୟ ଖୋଖୋ ସଂଘ ଆନୁକୂଲ୍ୟରେ ଜଗତସିଂପୁର ଜିଲା ମଣିଚରଣ ଶାରଳା (ଏମ୍‌ଏସ) ଏକାଡେମୀ ତିର୍ତ୍ତୋଲ ଠାରେ ଡିସେମ୍ବର ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ୧୪ ବର୍ଷରୁ କମ ବୟସର ବାଳିକା ଓ ବାଳକ ପାଇଁ ୧୭ତମ ଉପ କନିଷ୍ଠ ରାଜ୍ୟସ୍ତରୀୟ ଖୋଖୋ ଚାମ୍ପିୟନଶିପ ଅନୁଷ୍ଠିତ ହେଉଛି। ଏଥିରେ କୁଆଁରମୁଣ୍ଡା ବ୍ଲକର ୩ ଜଣ ବାଳକ ଓ ୨ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ କ୍ଷୀରୋଦ କିଷାନ, ବଳଭଦ୍ର କିଷାନ ଓ ସଚିମି ଟପୋ ଓ ବାଳିକା ଦଳରେ ମାଳତି ଏକ୍କା, ନିକିତା ଓରାମ ପ୍ରମୁଖ ସୁନ୍ଦରଗଡ ଜିଲା ଦଳରେ ସ୍ଥାନ ପାଇଛନ୍ତି। ସମସ୍ତ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ଖୋଖୋ ରେଫରୀ ତଥା ଖୋଖୋ ପ୍ରଶିକ୍ଷକ ଅନିଲ ସାହୁ ପ୍ରଶିକ୍ଷଣ ପ୍ରଦାନ କରୁଥିଲେ। ଅନ୍ୟପକ୍ଷରେ ଏହି ୫ଜଣ ଖେଳାଳି, ସରକାରୀ ଯୁଜି ଉଚ୍ଚ ବିଦ୍ୟାଳୟ, ପଦମପୁରରେ ପାଠ ପଢୁଛନ୍ତି। ଉକ୍ତ ୫ ଜଣ ଖେଳାଳିଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ଲାକ୍ରା, ଖେଳ ଶିକ୍ଷକ କରିଷ୍ମା ତିର୍କୀ, ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲ ଓ ବ୍ଲକ କ୍ରୀଡା କମିଟି ସମ୍ପାଦକ ଦୁଷ୍ମନ୍ତ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ରେଫରିଙ୍କ ସହ ୫ ଉପକନିଷ୍ଠ କ୍ରୀଡାବିତ।

# ସେବକର ସୃଜନ ସମାବେଶ-୨୦୨୫

**ସେବକର ଶୀତକାଳୀନ ବାର୍ଷିକ ସମ୍ମିଳନୀ**

- ଦେଶୀ ବିହନ ସଂରକ୍ଷକ ସୁରତରାମ କିଷାନଙ୍କୁ ସେବକ ସେବା ସମ୍ମାନ
- ପ୍ରଦର୍ଶିତ ହେଲା ୧୭୪ ପ୍ରକାର ଦେଶୀ ଧାନ, ମାଣ୍ଡିଆ, ପନିପରିବା ବିହନ

**ସୁନ୍ଦରଗଡ଼, ୨୭।୧୨(ଜୟନାରାୟଣ ମେଣ୍ଡୁଲି)**



ସୃଜନ ସମାବେଶ-୨୦୨୫ ଅବସରରେ ବିଶେଷ ଅବଦାନ ଥିବା ବ୍ୟକ୍ତିଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

ସୁନ୍ଦରଗଡ଼ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବାର୍ଷିକ ଶୀତକାଳୀନ ସମ୍ମିଳନୀ 'ସୃଜନ ସମାବେଶ-୨୦୨୫' ଶନିବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ସଂସ୍ଥାର ଲକ୍ଷ୍ୟ ଦୃଷ୍ଟିକୋଣ, ୩୦ ବର୍ଷର ଯାତ୍ରା ଓ ତୃଣମୂଳ ସ୍ତରରେ ଅବହେଳିତ ଗରିବ ପରିବାରକୁ ମୁଖ୍ୟଧାରାରେ ଆଣିବା ପାଇଁ ସେବକର ନିରନ୍ତର ପ୍ରୟାସ ଉପରେ ସେ ଆଲୋକପାତ କରିଥିଲେ। ସେବକର ପ୍ରତିଷ୍ଠାତା ତଥା ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଗୋପାଳ ଚନ୍ଦ୍ର ଓଝା ତାଙ୍କ ଭାଷଣରେ ସୃଜନଶୀଳତା, ସହଯୋଗ ଓ ସାମୂହିକ ପ୍ରୟାସ ମାଧ୍ୟମରେ ଅବହେଳିତ ଓ ନିଷ୍ପେସିତବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ସେବକର ଭୂମିକା ଅତୁଳନୀୟ ବୋଲି କହିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ୩୦ ବର୍ଷରେ ସେବକର ବିଭିନ୍ନ ମାଇଲଖୁଣ୍ଟ, ଡିଜିଟାଲାଇଜେସନ, କମନ୍ସ, ଜଳବାୟୁ, ଲିଙ୍ଗଗତ ସମାନତା, ଅନ୍ତର୍ଭୁକ୍ତିକରଣ ବିଷୟରେ ଉପସ୍ଥାପନା କରିଥିଲେ। ସେବକର ଉପଦେଷ୍ଟା ବିଜୟାନନ୍ଦ ନାଏକ ଏକ ଛୋଟ ଚାରା ରୁ ଏକ ବଳିଷ୍ଠ ବୃକ୍ଷ ହେବାରେ ସେବକର ସଂଘର୍ଷ ଓ ସଫଳତା ସମ୍ପର୍କରେ କହିଥିଲେ। ଏହା ପରେ ସେବକ ଦ୍ୱାରା ବିଭିନ୍ନ ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର କାର୍ଯ୍ୟକଳାପ, ସଫଳତା ଓ ପ୍ରଭାବ ଉପରେ ପ୍ରକଳ୍ପଭିତ୍ତିକ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ସମାଜର ଉନ୍ନତି ନିମନ୍ତେ ବିଶେଷ ଅବଦାନ ଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କ ମଧ୍ୟରେ ସମାଜସେବୀ ସ୍ନେହଲତା ପଟେଲ, ବିହା ବାଏଲ ଉଚ୍ଛବ କମିଟି, ସମର୍ପିତ ସେବା ସଂସ୍ଥାନ ଟିମ୍ ଶ୍ମଶାନ ବନ୍ଧୁ, ସାଗରପାଲି, ଫୁଲଧୁଡି, ଗମ୍ଭାରି ବନ ସୁରକ୍ଷା ସମିତି ତଥା ବର୍ଷର ସର୍ବଶ୍ରେଷ୍ଠ କାର୍ଯ୍ୟକର୍ତ୍ତା ଭାବରେ ସେବକ କିରମିରା ଶ୍ରୀଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ଠାରୁ ଆରମ୍ଭ କରାଯାଇଥିବା ଏକ ସ୍ୱତନ୍ତ୍ର ପୁରସ୍କାର ସେବକ ସେବା ସମ୍ମାନ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଧୁରୁଆ ଗ୍ରାମର ଦେଶୀ ବିହନ ସଂରକ୍ଷକ ତଥା ଜୈବିକ ଚାଷୀ ସୁରତରାମ କିଷାନଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଜୀବିକାର ସୁଯୋଗ ଓ ସ୍ୱାସ୍ଥ୍ୟର ଉନ୍ନତି ଦ୍ୱାରା ସମାଜର ସାମଗ୍ରିକ ବିକାଶ ଦିଗରେ ସେବକର ଅନନ୍ୟ ଭୂମିକାର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ଼ ପୌରଧ୍ୟକ୍ଷା ତନୟା ମିଶ୍ର ଉଦ୍‌ବୋଧନ ଦେଇଥିଲେ। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଓ ସଞ୍ଜୁ ପଟେଲଙ୍କ ନେତୃତ୍ୱରେ ପ୍ଲାଷ୍ଟିକ ପ୍ରଦୂଷଣ କମାଇବା ଓ ବନାଗ୍ନି ରୋକିବା ପାଇଁ ଶପଥ ପାଠ କରାଯାଇଥିଲା। ସେବକର ବରିଷ୍ଠ ସଭ୍ୟ ଦୀପକ କୁମାର ତ୍ରିପାଠୀ ଅନୁଷ୍ଠାନର ଭବିଷ୍ୟତ କାର୍ଯ୍ୟକ୍ରମ ଓ କୃଷି ଉପଦେଷ୍ଟା ଉଦିତ କୁମାର ନାଏକ ଜୈବିକ କୃଷିର ପ୍ରସାର ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦାନ କରି ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଙ୍ଗଠନ (ଇସ୍ରୋ)ର ବୈଜ୍ଞାନିକ ସୁଜିତ କୁମାର ନାଏକ ଇସ୍ରୋରେ ନିଜର ଅନୁଭୂତି ବର୍ଣ୍ଣନା କରିବା ସହ ପ୍ରାକୃତିକ ସମ୍ବଳର ଜଳବାୟୁ ପରିବର୍ତ୍ତନକୁ ରୋକିବା ଦିଗରେ ସେବକ ଏକ ବିରଳ ଦୃଷ୍ଟାନ୍ତ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୧୭୪ ପ୍ରକାର ଦେଶୀ ଧାନ, ମାଣ୍ଡିଆ, ପନିପରିବା ବିହନର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ସ୍ନେହଲତା ନାଏକ ଧନ୍ୟବାଦ ଜ୍ଞାପନ କରି ସମସ୍ତ ଅତିଥି, ସହଯୋଗୀ ଓ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ଘାତ ପ୍ରତିଘାତ ଭିତରେ ଜୀବନକୁ ଉପଭୋଗ କର

**ସମ୍ବଲପୁର,୨୭।୧୨(ବି.ଶଙ୍କର)**



ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଶନିବାର ମଞ୍ଚସ୍ଥ ଅନ୍ଧାରନୁ ଉକିଆ ତକ ନାଟକର ଏକ ଦୃଶ୍ୟ ।

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

**ନାଟକ ଡର, ଅନ୍ଧାରନୁ ଉକିଆ ତକ ମଞ୍ଚସ୍ଥ**

ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଶନିବାର ଚତୁର୍ଥ ରଜନୀରେ ୩ଟି ଭିନ୍ନଧରଣର ନାଟକ ମଞ୍ଚନ ହୋଇଛି। ସ୍ଥାନୀୟ ଝାଡୁଆପଡା ଆରଣ୍ୟକ ମଞ୍ଚରେ ଡର, ଅନ୍ଧାରନୁ ଉକିଆ ତକ ନାଟକ ମଞ୍ଚସ୍ଥ ହୋଇଥିଲା। ସମ୍ବଲପୁର ପଣ୍ଡିତ ଲକ୍ଷ୍ମୀନାରାୟଣ କଲଚରାଲ ଆସୋସିଏଶନର କଳାକାରମାନେ ପ୍ରଥମ ନାଟକ ଡର ପରିବେଷଣ କରିଥିଲେ। ସନ୍ତୋଷ କୁମାର ମିଶ୍ର ନାଟକ ରଚନା କରିଥିବା ବେଳେ ଦୁଲିପ କୁମାର ଦେବ ନିର୍ଦ୍ଦେଶନା ଦେଇଥିଲେ । ସଂପ୍ରତି ଜଞ୍ଜାଳ ଭର୍ତ୍ତି ସମାଜର ପ୍ରତ୍ୟେକ ପରିବାରରେ ଡର ଓ ଭୟ ଦେଖାଦେଇଛି। ପରିବାରରେ ନାତି ନାତୁଣୀଙ୍କ ସହ ବୃଦ୍ଧା ବୃଦ୍ଧମାନେ ସମୟ ଅତିବାହିତ କରିବା ଦେଖାଯାଉନାହିଁ। କାରଣ ପୁଅମାନେ ମା' ବାପାଙ୍କ ଦାୟିତ୍ୱ ନେବାକୁ ଅମଙ୍ଗ ହେଉଛନ୍ତି। ନିଜ ପାଖରେ ମା' ବାପାଙ୍କୁ ରଖିବାକୁ ଚାହୁଁ ନାହାନ୍ତି। ଅନେକ ପୁଅମାନେ ସେମାନଙ୍କୁ ଦାୟିତ୍ୱରୁ ଖସିବାକୁ ଚେଷ୍ଟା କରି ଜରାନିବାସକୁ ପଠାଇବାର ନଜିର ରହିଛି। ଏପରି ପରିସ୍ଥିତି ନିଜ ଆଖି ଆଗରେ ଦେଖି ବୃଦ୍ଧା ବୃଦ୍ଧମାନଙ୍କ ମନରେ ଭୟ ସୃଷ୍ଟି ହେଉଛି। ଯଦ୍ୱାରା ସେମାନେ ବାଧ୍ୟ ହୋଇ ଘର ଛାଡି ଅନ୍ୟତ୍ର ପଳାୟନ କରୁଛନ୍ତି । ଏଭଳି କଥାବସ୍ତୁକୁ ନେଇ ନାଟକ ଡର ମଞ୍ଚସ୍ଥ ହୋଇଥିଲା ।

ସେହିପରି ପଦମପୁର ମହୁଲପାଲି ଅଙ୍ଗ ମଞ୍ଚ ଅନୁଷ୍ଠାନର ନାଟକ ଅନ୍ଧାରନୁ ଉକିଆ ତକ ମଞ୍ଚସ୍ଥ ହୋଇଥିଲା। ଦୟାସାଗର ଧରୁଆ ରଚନା କରିଥିବା ବେଳେ ଅଧ୍ୟାପକ କେଶରଞ୍ଜନ ପ୍ରଧାନ ନିର୍ଦ୍ଦେଶନା ଦେଇଥିଲେ । ନାଟକରେ ଘାତ ପ୍ରତିଘାତ ଭିତରେ ଜୀବନକୁ ବଞ୍ଚିବାର ବାଟ ଦେଖାଇଛି । ଚାରିଜଣ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ସେମାନଙ୍କ କଳ୍ପନାକୁ ହାସ୍ୟ ରସାତ୍ମକ ଢ଼ଙ୍ଗରେ ଉପସ୍ଥାପନ କରାଯାଇଛି । ଗମ୍ଭିର କଥାକୁ ହାଲୁକାଭାବେ ଗ୍ରହଣ କରି ଜୀବନକୁ ଉପଭୋଗ କରିବା ଉଚିତ। ଯଦ୍ୱାରା ମଣିଷ ଜୀବନ ସୁନ୍ଦର ଓ ସରସ ହୋଇପାରିବ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି । ଆୟୋଜକ ଅନୁଷ୍ଠାନ ଯୁବ ଉଦୟନର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ରେ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସଂପାଦକ ଅଭିଷେକ ମିଶ୍ର କାର୍ଯ୍ୟକ୍ରମ କରିଚାଳନା କରିଥିଲେ । ବରିଷ୍ଠ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ(ଭୁବନେଶ୍ୱର) ଏବଂ ନାଟ୍ୟବିତ ଡିଲେଶ୍ୱର ମହାରଣା (ଢ଼େଙ୍କାନାଳ) ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ । ଭାଷା ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର,ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରର ପ୍ରାକ୍ତନ ମୁଖ୍ୟ ପଦ୍ମଲୋଚନ ଦାଶ ଏବଂ ବରିଷ୍ଠ ମଞ୍ଚ ଅଭିନେତ୍ରୀ ପୁଷ୍ପାଞ୍ଜଳି ବେହେରା ବିଚାରକ ରହିଛନ୍ତି ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୨୭।୧୨(ବିରଞ୍ଚି ଦର୍ବା)**

